ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- Vol.- 46, Issue No. 2
- Thursday, 2 April 2026
- ଗୁରୁବାର, ୨ ଏପ୍ରିଲ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ୩୫ ଦେଶଙ୍କୁ ଏକାଠି କଲା ବ୍ରିଟେନ

- ହର୍ମୁଜ ପୁନଃ ଖୋଲିବା ପାଇଁ ହେବ କୂଟନୈତିକ ସମ୍ମିଳନୀ
- ସାମୁଦ୍ରିକ ସୁରକ୍ଷା ପୁନଃସ୍ଥାପନ ପାଇଁ ଏକାଠି କାମ କରିବେ



ନୂଆଦିଲ୍ଲୀ, ୧ ।୪: ବ୍ରିଟେନ ପ୍ରଧାନମନ୍ତ୍ରୀ କାଇର ଷ୍ଟାରମର୍ କହିଛନ୍ତି ଯେ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ଚଳିତ ସପ୍ତାହରେ ବ୍ରିଟେନ ଏକ ଅନ୍ତର୍ଜାତୀୟ କୂଟନୈତିକ ସମ୍ମିଳନୀ ଆୟୋଜନ କରିବ। ୩୫ଟି ଦେଶ ପ୍ରମୁଖ ତୈଳ ପରିବହନ ମାର୍ଗରେ ସାମୁଦ୍ରିକ ସୁରକ୍ଷା ପୁନଃସ୍ଥାପନ କରିବା ପାଇଁ ଏକାଠି କାମ କରିବାକୁ ପ୍ରତିଶ୍ରୁତିବଦ୍ଧ ଥିବା ଏକ ବିବୃତିରେ ସ୍ୱାକ୍ଷର କରିଛନ୍ତି। ବୈଠକରେ ଷ୍ଟାରମର୍ କହିଛନ୍ତ ,ନୌଚାଳନା ସ୍ୱାଧୀନତା ପୁନଃସ୍ଥାପନ କରିବା, ଫସି ରହିଥିବା ଜାହାଜ ଏବଂ ନାବିକମାନଙ୍କ ସୁରକ୍ଷା ଗ୍ୟାରେଣ୍ଟି ଦେବା ଏବଂ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀର ପରିବହନ ପୁନଃ ଆରମ୍ଭ କରିବା ପାଇଁ ଆମେ ନେଇପାରୁଥିବା ସମସ୍ତ ସମ୍ଭବ କୂଟନୈତିକ ଏବଂ ରାଜନୈତିକ ପଦକ୍ଷେପଗୁଡ଼ିକର ମୂଲ୍ୟାଙ୍କନ କରାଯିବ। ଆମେ ଆମର ସାମରିକ ଯୋଜନାକାରୀମାନଙ୍କୁ ମଧ ଡାକିବୁ ଯେ କିପରି ଆମର କ୍ଷମତାକୁ ଆମେ ମାର୍ଶଲ୍ କରିପାରିବୁ ଏବଂ ଯୁଦ୍ଧ ବନ୍ଦ ହେବା ପରେ ପ୍ରଣାଳୀକୁ ସୁଗମ ଏବଂ ସୁରକ୍ଷିତ କରିପାରିବୁ ସେନେଇ ବିଚାରବିମର୍ଶ କରିବୁ। ସୂଚନାଯୋଗ୍ୟ ଯେ ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ ଏବଂ ନେଦରଲ୍ୟାଣ୍ଡ ଏଥିରେ ସ୍ୱାକ୍ଷର କରିଥିବା ଦେଶମାନଙ୍କ ମଧ୍ୟରେ ଅଛନ୍ତି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯୁଦ୍ଧର ପ୍ରଭାବ ଆମକୁ ଏକ ପିଢ଼ି ପାଇଁ ପରିଭାଷିତ କରିବ।ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାରମ୍ବାର ସମାଲୋଚନା ପରେ ଏବଂ ଇରାନ ବିରୁଦ୍ଧରେ ଆକ୍ରମଣରେ ଆମେରିକାକୁ ସାହାଯ୍ୟ କରିନଥିବା ଦେଶଗୁଡ଼ିକୁ ‘ନିଜର ତେଲ ଆଣିବାକୁ ଯାଅ’ ବୋଲି କହିବାର ଗୋଟିଏ ଦିନ ପରେ ଷ୍ଟାରମର ଏପରି ମନ୍ତବ୍ୟ ରଖିଛନ୍ତି।

### ମଧ୍ୟପ୍ରାଚ୍ୟ ଯୁଦ୍ଧ ବନ୍ଦ ହେବ କି ?

## ଯୁଦ୍ଧବିରତି ଅନୁରୋଧ କରିଛି ଇରାନ: ଟ୍ରମ୍ପ

- ଅବାନ୍ତର ନାଟକବାଜି କରୁଛି ଆମେରିକା
- ହର୍ମୁଜ୍ ଇରାନ ନିୟନ୍ତ୍ରଣରେ ଅଛି: ଆଇଆର୍‌ଜିସ
- ଷ୍ଟିଭ ୱିଟକଫଙ୍କ ସହିତ ସିଧାସଳଖ କିଛି ବାର୍ତ୍ତା ହୋଇଛି: ଇରାନ ବୈଦେଶିକ ମନ୍ତ୍ରୀ



ନୂଆଦିଲ୍ଲୀ,୧ ।୪: ମଧ୍ୟପ୍ରାଚ୍ୟ ଯୁଦ୍ଧ ମାସକରୁ ଅଧିକ ଦିନ ହେଲାଣି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଯୁଦ୍ଧ ମଧ୍ୟରେ. ଦାବି କରିଛନ୍ତି ଯେ ଇରାନର ନୂତନ ରାଷ୍ଟ୍ରପତି ତାଙ୍କ ସହିତ ଯୋଗାଯୋଗ କରିଛନ୍ତି ଏବଂ ଯୁଦ୍ଧବିରତି ଘୋଷଣା ପାଇଁ ଅନୁରୋଧ କରିଛନ୍ତି। ସୋସିଆଲ ମିଡିଆ ଆକାଉଣ୍ଟ, ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଲେଖିଛନ୍ତି ଯେ, ଇରାନର ନୂଆ ରାଷ୍ଟ୍ରପତି ଯିଏ ତାଙ୍କ ପୂର୍ବପୁରୁଷଙ୍କ ତୁଳନାରେ ବହୁତ କମ୍ ମୌଳବାଦୀ ଏବଂ ବହୁତ ଅଧିକ ବୁଦ୍ଧିମାନ । ସେ ଆମେରିକାକୁ ଯୁଦ୍ଧବିରତି ପାଇଁ ନିବେଦନ କରିଛନ୍ତି। ଯୁଦ୍ଧବିରତି ପାଇଁ ତାଙ୍କର ସର୍ତ୍ତ ଉଲ୍ଲେଖ କରି ଆମେରିକା ରାଷ୍ଟ୍ରପତି କହିଛନ୍ତି, ଆମେ ଏହା ଉପରେ କେବଳ ସେତେବେଳେ ବିଚାର କରିବୁ ଯେତେବେଳେ ହର୍ମୁଜ୍ ପ୍ରଣାଳୀ ସମ୍ପୂର୍ଣ୍ଣ ଖୋଲା, ମୁକ୍ତ ଏବଂ ସୁରକ୍ଷିତ ହୋଇଯିବ । ସେପର୍ଯ୍ୟନ୍ତ, ଆମେ ଇରାନକୁ ଧ୍ୱଂସ କରି ଚାଲିବୁ । ଟ୍ରମ୍ପ ଏହି ଦାବି କରିବା ମାତ୍ରେ ଇରାନ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲା। ଏକ ରିପୋର୍ଟ, ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ଟ୍ରମ୍ପଙ୍କ ଦାବିର ଜବାବ ଦେଇ କହିଛି ଯେ ଆମେରିକା ରାଷ୍ଟ୍ରପତିଙ୍କ ଅବାନ୍ତର ବୟାନ ଏବଂ ଆଚରଣ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ଖୋଲାଯିବ ନାହିଁ । ଆଇଆର୍‌ଜିସି ଘୋଷଣା କରିଛି, “ହର୍ମୁଜ୍ ପ୍ରଣାଳୀର ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ତାଙ୍କ ନିୟନ୍ତ୍ରଣରେ ଅଛି, ଏବଂ ଆମେରିକା ରାଷ୍ଟ୍ରପତିଙ୍କ ଅବାନ୍ତର ନାଟକବାଜି ଯୋଗୁଁ ଏହା ଦେଶର ଶତ୍ରୁମାନଙ୍କ ପାଇଁ ଖୋଲାଯିବ ନାହିଁ।” ଟ୍ରମ୍ପ ସ୍ପଷ୍ଟ କରିନାହାନ୍ତି ଯେ ସେ ନୂତନ ଶାସନ ଭିତରେ କାହାକୁ ରାଷ୍ଟ୍ରପତି ବୋଲି କହୁଛନ୍ତି ।ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ ଆମେରିକା ସହିତ କୌଣସି ଆଲୋଚନା ହୋଇନାହିଁ ଏବଂ ଯୁଦ୍ଧ ସମାପ୍ତ କରିବା ପାଇଁ ୱାଶିଂଟନର ୧୫-ସୂତ୍ରୀ ପ୍ରସ୍ତାବର ଜବାବ ତେହେରାନ ଦେଇନାହିଁ । ବୁଧବାର ପ୍ରସାରିତ ଅଲ ଜାଜିରା ସହିତ ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ‘ଆଲୋଚନାର କୌଣସି କାରଣ ନାହିଁ‘ । ତଥାପି ସେ କହିଛନ୍ତି ଯେ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ ୱିଟକଫଙ୍କ ସହିତ ସିଧାସଳଖ କିଛି ବାର୍ତ୍ତା ଆଦାନପ୍ରଦାନ କରାଯାଇଛି।

## କ୍ଷମା ମାଗିଲେ ନିଶିକାନ୍ତ ଦୁବେ

### ବିଜୁବାବୁ ସର୍ବଦା ଉଚ୍ଚ ରାଷ୍ଟ୍ରନାୟକ ଥିଲେ ଓ ରହିବେ



ନୂଆଦିଲ୍ଲୀ,୧ ।୪: ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଗତ କିଛି ଦିନ ଧରି ଚର୍ଚ୍ଚାରେ ରହିଥିବା ବିଜେପି ସାଂସଦ ନିଶିକାନ୍ତ ଦୁବେ ଶେଷରେ କ୍ଷମା ମାଗିଛନ୍ତି । ବିଜେପି ସାଂସଦ ନିଶିକାନ୍ତ ଦୁବେ କହିଛନ୍ତି ଗତ ସପ୍ତାହରେ, ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ, ନେହେରୁ-ଗାନ୍ଧି ପରିବାରର ଶୋଷଣ ସମ୍ପର୍କରେ ମୋର ମନ୍ତବ୍ୟରୁ ଏକ ଭୁଲ ବ୍ୟାଖ୍ୟା କରାଯାଇଥିଲା, ବିଶେଷକରି ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଭାରତର ଜଣେ ପ୍ରମୁଖ ନେତା, ମାନ୍ୟବର ବିଜୁ ପଟ୍ଟନାୟକଜୀଙ୍କ ସମ୍ପର୍କରେ,‘ ସେ ଏକ୍ସରେ ଲେଖିଛନ୍ତି । ‘ପ୍ରଥମେ, ଏହି ବିବୃତି ମୋର ବ୍ୟକ୍ତିଗତ ଦୃଷ୍ଟିକୋଣ । ନେହେରୁଜୀଙ୍କ ଉପରେ ମୋର ଚିନ୍ତାଧାରା ବିଜୁ ବାବୁଙ୍କ ବିଷୟରେ ବୋଲି ଭୁଲ ଭାବେ ବ୍ୟାଖ୍ୟା କରାଯାଇଥିଲା । ବିଜୁ ବାବୁ ସର୍ବଦା ଆମ ପାଇଁ ଜଣେ ଉଚ୍ଚ ରାଷ୍ଟ୍ରନାୟକ ଥିଲେ ଏବଂ ରହିବେ । ଯଦି ମୋର ବିବୃତି କାହାର ଭାବନାକୁ ଆଘାତ ଦେଇଛି, ତେବେ ମୁଁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରୁଛି,‘ ବୋଲି ଦୁବେ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

## ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ସ୍ଥିର ରଖ: ମୋଦି



ନୂଆଦିଲ୍ଲୀ,୧ ।୪:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପଶ୍ଚିମ ଏସିଆରେ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ପରିପ୍ରେକ୍ଷୀରେ ଦେଶରେ ଉପୁଜିଥିବା ପରିସ୍ଥିତି ସମୀକ୍ଷା କରିବା ପାଇଁ କ୍ୟାବିନେଟ୍ କମିଟି ଅନ୍ ସିକ୍ୟୁରିଟି (ସିସିଏସ)ର ଏକ ବୈଠକ କରିଥିଲେ। ଫେବୃଆରୀ ୨୮ ରେ ସଂଘର୍ଷ ଆରମ୍ଭ ହେବା ପରଠାରୁ ଏହା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ସିସିଏସର ଦ୍ୱିତୀୟ ବୈଠକ।ଏଥିରେ ସେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ସ୍ଥିର କରିବା ତଥା ଯୋଗାଣ ଉପରେ ଗୁରୁତ୍ୱ ଦେଇଥିଲେ। ଯେଉଁମାନେ କଳାବଜାର କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏଲପିଜି, ପିଏନଜି ଯୋଗାଣର ମଧ୍ୟ ସମୀକ୍ଷା କରିଥିଲେ। ବୈଠକ ପ୍ରାୟ ତିନିଘଣ୍ଟା ଧରି ଚାଲିଥିଲା।କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂହ, ଅମିତ ଶାହ, ଏସ ଜୟଶଙ୍କର, ନିର୍ମଳା ସୀତାରମଣ, ପୀୟୁଷ ଗୋୟଲ, ଶିବରାଜ ସିଂହ ଚୌହାନ, ଜେ ପି ନଡ୍ଡା, ଅଶ୍ୱିନୀ ବୈଷ୍ଣବ, ମନୋହର ଲାଲ ଖଟ୍ଟର, ପ୍ରହଲ୍ଲାଦ ଜୋଶୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

### ରାଜ୍ୟପାଳଙ୍କଠାରୁ ଆରମ୍ଭ ହେଲା ଜନଗଣନା

## ୧୬ରୁ ଦ୍ୱାର-ଦ୍ୱାର ସର୍ବେକ୍ଷଣ

ଭୁବନେଶ୍ୱର,୧ ।୪: ରାଜ୍ୟପାଳଙ୍କଠାରୁ ରାଜ୍ୟରେ ଆରମ୍ଭ ହୋଇଛି ଜନଗଣନା । ୧୫ ବର୍ଷ ପରେ ଆରମ୍ଭ ହୋଇଥିବା ଜନଗଣନାରେ ଘରେ ବସି ନିଜେ ଦେଇପାରିବେ ନିଜ ପରିବାରର ତଥ୍ୟ । ପ୍ରଥମ ଥର ପାଇଁ ଜାତି ଭିତ୍ତିକ ଜନଗଣନା । ଦୀର୍ଘ ପ୍ରତୀକ୍ଷା ପରେ ଦେଶର ୧୬ତମ ଜାତୀୟ ଜନଗଣନା ଆରମ୍ଭ ହୋଇଛି । ଏହା ସମ୍ପୂର୍ଣ୍ଣ ଭାବେ ଡିଜିଟାଲ ମାଧ୍ୟମରେ କରାଯାଉଛି। ଏଥିପାଇଁ ସରକାର ପ୍ରାୟ ୧୧ହଜାର ୭୧୮ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଦୁଇଟି ପର୍ଯ୍ୟାୟରେ ହେବ ଜନଗଣନା । ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଲୋକମାନେ ନିଜ ନିଜର ତଥ୍ୟ ଜନଗଣନା ୱେବ୍‌ସାଇଟ ମାଧ୍ୟମରେ ଦେଇପାରିବେ। ୧୬ ତାରିଖରୁ ଡୋର ଟୁ ଡୋର (ଦ୍ୱାରକୁ ଦ୍ୱାର)ସର୍ଭେ ଆରମ୍ଭ ହେବ ବୋଲି ଜନଗଣନା ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ କହିଛନ୍ତି।

### ୨୯ ଫ୍ଲାଟ୍, କେଜିଏ ସୁନା ସହ ନଗଦ ୪୮ ଲକ୍ଷ ଠାବ

## ବନ୍ଧା ହେଲେ ଡେପୁଟୀ ମ୍ୟାନେଜର



ଭୁବନେଶ୍ୱର,୧ ।୪: ଓଡ଼ିଶା ପୁଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ୍ ସମ୍ବଲପୁର ଡିଭିଜନ୍‌ର ଡେପୁଟୀ ମ୍ୟାନେଜର ବିଦ୍ୟୁତ ରଞ୍ଜନ ଭୋଳ ଭିଜିଲାନସ ଦ୍ୱାରା ବୁଧବାର ଗିରଫ ହୋଇଛନ୍ତି। ଆୟ ବହିର୍ଭୂତ ସଂପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ତାଙ୍କର ଏକାଧିକ ଠିକଣାରେ ଚଢ଼ଉ କରିଥିଲା। ମଙ୍ଗଳବାର ସମ୍ବଲପୁର ରେଳ ଷ୍ଟେସନ ନିକଟରେ ନଗଦ ୫ ଲକ୍ଷ ୧୮ ହଜାର ୯୦୦ ଟଙ୍କା ସହ ଧରାପଡ଼ିଥିଲେ। ଏହି ଅଧିକାରୀଙ୍କଠାରୁ ନଗଦ ମୋଟ ୪୮ ଲକ୍ଷ ୭୯ ହଜାର ୧୦୦ ଟଙ୍କା ମିଳିଛି। ତାଙ୍କର ୨୯ଟି ଫ୍ଲାଟ୍ ଅଛି। ବ୍ରହ୍ମପୁର ଓ ଖୋର୍ଦ୍ଧାର ଜଟଣୀ ସହିତ ଅନ୍ୟାନ୍ୟ ସ୍ଥାନରେ ତାଙ୍କର ଏହି ଫ୍ଲାଟ୍ ଗୁଡ଼ିକ ଅଛି। ତାଙ୍କର ଦୁଇଟି ବହୁତଳ କୋଠା ସହିତ ଭୁବନେଶ୍ୱରର କଳିଙ୍ଗ ବିହାରରେ ଗୋଟିଏ ଫ୍ଲାଟ୍ ଅଛି। ତାଙ୍କ ଘରୁ ମୋଟ ୧ କେଜି ୧୪୦ ଗ୍ରାମର ସୁନା ଜବତ କରାଯାଇଛି। ତା’ ମଧ୍ୟରେ ୬ଟି ସୁନା କଏନ ଓ ୨ଟି ସୁନା ବିସ୍କୁଟ୍ ରହିଛି। ଏହି ଅଧିକାରୀଙ୍କ ଦରମା ଥିଲା ୫୫ ହଜାର, ମାତ୍ର ୨ କୋଟିର ସମ୍ପତ୍ତି ଠାବ ହୋଇଥିବା କୁହାଯାଇଛି।

## ସପ୍ତାହେ ବଢ଼ିଲା ଧାନକିଣା ଅବଧି

ଭୁବନେଶ୍ୱର,୧ ।୪: ଚାଷୀଙ୍କ ପାଇଁ ଖୁସି ଖବର। ଖରିଫ ଧାନକିଣା ଅବଧିକୁ ଆଉ ୭ ଦିନ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଅର୍ଥାତ୍, ଯେଉଁ ଚାଷୀମାନେ ଏପର୍ଯ୍ୟନ୍ତ ଧାନ ବିକ୍ରି କରିପାରିନଥିଲେ, ସେମାନଙ୍କ ପାଇଁ ନୂଆ ସୁଯୋଗ ମିଳିଛି। ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ, ଚଳିତ ଖରିଫ ଋତୁରେ ୭୭ ଲକ୍ଷ ମେଟ୍ରିକ ଟନ ଧାନ କିଣି ସାରିଛୁ। ସରକାର ଜଣେ ମଧ ଚାଷୀଙ୍କ ଟୋକନ ଲାପ୍ସ ନ ହେବ ସେ ଦିଗରେ କାମ କରୁଛନ୍ତି। ମାର୍ଚ୍ଚ ୩୧ରେ ରାଜ୍ୟରେ ଶେଷ ହୋଇଥିଲା ଖରିଫ ଧାନ କିଣା। ଅନେକ ଚାଷୀ ଧାନ ବିକ୍ରି କରିଥିବା ବେଳେ ଆଉ କିଛି ବାକି ରହିଯାଇଥିଲେ। ତେଣୁ ଅନ୍ୟମାନଙ୍କୁ ଆଉ ସମୟ ଦେବା ହେଉଛି ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ।

## ଓଡ଼ିଶା ଦିବସ : ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପ୍ରଧାନମନ୍ତ୍ରୀ

- ➔ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ପ୍ରଶଂସା
- ➔ ପ୍ରଧାନମନ୍ତ୍ରୀଙ୍କ ଚିଠି ପାଇ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧ ।୪:ଓଡ଼ିଶା ଦିବସ ଉପଲକ୍ଷେ ଓଡ଼ିଶାବାସୀଙ୍କୁ ବୁଧବାର ଓଡ଼ିଆରେ ଚିଠି ଲେଖି ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଥିସହ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କର ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ମଞ୍ଚରୁ । ଉତ୍କଳମଣିଙ୍କ ଜନ୍ମମାଟି ସୁଆଣ୍ଡୋ ଠାରେ ଏହା ଆୟୋଜିତ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୟ ଜଗନ୍ନାଥରୁ ଲେଖା ଆରମ୍ଭ କରି, ଓଡ଼ିଶାବାସୀଙ୍କୁ ଶୁଭକାମନା ଜଣାଇବା ସହ ଓଡ଼ିଶାର ଐତିହ୍ୟ, କଳା ଓ ପରଂପରାର ପ୍ରଶଂସାରେ ଶତମୁଖ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଲେଖିଛନ୍ତି- ଓଡ଼ିଆ ସଂସ୍କୃତି ଏକ ସଭ୍ୟତାଗତ ଐତିହ୍ୟ । ବକ୍ସି ଜଗବନ୍ଧୁଙ୍କ ଠାରୁ ଆରମ୍ଭ କରି ବିଜୁ ପଟ୍ଟନାୟକଙ୍କ ଯାଏଁ, ଓଡ଼ିଶାର ବରପୁତ୍ର ଓ ମହାନ ବ୍ୟକ୍ତିତ୍ୱଙ୍କ ସେ ସ୍ମୃତିଚାରଣ କରିଛନ୍ତି ।ମୋଦି ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ଓଡ଼ିଶା ସହିତ ମୋର ଘନିଷ୍ଠ ସମ୍ପର୍କ ଜାରି ରହିଛି । ଓଡ଼ିଶାକୁ ଏ ବର୍ଷ ରେଳ ଓ ସଡ଼କ ପାଇଁ ସର୍ବାଧିକ ପାଣ୍ଠି ଆବଣ୍ଟନ କରାଯାଇଛି । ୨୦୨୫-୨୬ ବର୍ଷରେ ଓଡ଼ିଶା ପାଇଁ ରେଳ ଆବଣ୍ଟନ ୧୦ ହଜାର ୬ଶହ କୋଟିକୁ ବୃଦ୍ଧି ପାଇଛି । ଏଥିସହ ମୋହନ ସରକାରଙ୍କ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ । ସୁଭଦ୍ରା ଯୋଜନା, ଶିଳ୍ପ ପ୍ରଗତି, ଓଡ଼ିଆ ଅସ୍ମିତାର ସୁଦୃଢ଼ୀକରଣ କଥା ଉଲ୍ଲେଖ କରିଛନ୍ତି । ଶେଷରେ ଲେଖିଛନ୍ତି, ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସହଭାଗୀ ସଂକଳ୍ପ ହାସଲ ଦିଗରେ ଆଗକୁ ବଢ଼ିବା ପାଇଁ ଭାରତ ସରକାର ସର୍ବଦା ଓଡ଼ିଶା ସହିତ କାନ୍ଧକୁ କାନ୍ଧ ମିଶାଇ ଛିଡ଼ା ହେବେ । ସେପଟେ ପ୍ରଧାନମନ୍ତ୍ରୀଙ୍କ ଚିଠି ପାଇ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ।

### ସୁଆଣ୍ଡୋ: ଓଡ଼ିଶା ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ

# ସବୁ କ୍ଷେତ୍ରରେ ହାସଲ କରିବୁ ପୂର୍ଣ୍ଣ ସାମର୍ଥ୍ୟ



- ★ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ପ୍ରତିବଦ୍ଧ
- ★ ୪୯୫ କୋଟିରେ ସତ୍ୟବାଦୀ, ୯୦ କୋଟିରେ ବକୁଳବନର ହେବ ପୁନର୍ବିକାଶ
- ★ ୱାଲର୍ଡ ଟୁରିଜିମ୍ ସେଣ୍ଟର,କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ହେବ ପୁରୀରେ
- ★ କର୍ମବଳରେ ଈଶ୍ୱରତୁଲ୍ୟ, ପଣ୍ଡିତ ଗୋପବନ୍ଧୁ ତାହାର ଉଦାହରଣ
- ★ ଗୋପବନ୍ଧୁଙ୍କୁ ଭାରତ ରତ୍ନ ପ୍ରସଙ୍ଗ ଉଠାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧ ।୪(ନିପ୍ର): ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶା ପଦାର୍ପଣ କରିଛି ୯୧ ବର୍ଷରେ। ଓଡ଼ିଶା ଦିବସ ରାଜ୍ୟସ୍ତରୀୟ ଉତ୍ସବ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲା ସତ୍ୟବାଦୀ ସ୍ଥିତ ସୁଆଣ୍ଡୋ ଗ୍ରାମରେ ଅନୁଷ୍ଠିତ ହୋଇଛି। ଗତବର୍ଷ ଏହା ଅନୁଷ୍ଠିତ ହୋଇଥିଲା ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମପୀଠରେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମେ ସୁଆଣ୍ଡୋରେ ପହଞ୍ଚି ଗୋପବନ୍ଧୁ ଦାସଙ୍କ ଷଠିଘର ପରିଦର୍ଶନ ଓ ଉତ୍କଳମଣିଙ୍କ କୁଳ ଦେବତା ପ୍ରଭୁ ଶ୍ରୀରାଧା ବିନୋଦବିହାରୀଙ୍କୁ ଦର୍ଶନ କରିଥିଲେ। ଗୋପବନ୍ଧୁ ପାର୍କ ଠାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି, ଗୋପବନ୍ଧୁ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ପରେ ସାକ୍ଷୀଗୋପାଳର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ ।ସେଠାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଆ ଜାତିକୁ ଆଉ କେହି ଅଟକାଇ ପାରିବେ ନାହିଁ। ସବୁ କ୍ଷେତ୍ରରେ ପୂର୍ଣ୍ଣ ସାମର୍ଥ୍ୟ ହାସଲ କରି ଓଡ଼ିଆ ଜାତି ଏକ ସମୃଦ୍ଧ ରାଜ୍ୟ ଭାବରେ ଦେଶର ଏକ ଗ୍ରୋଥ୍ ଇଞ୍ଜିନ ହୋଇ ବିଶ୍ୱ ପଟଳରେ ଭାରତର ମର୍ଯ୍ୟାଦାକୁ ବୃଦ୍ଧି କରିବ। ସାଧାରଣ ଦିଶୁଥିବା ଏକ ସ୍ଥାନରେ ଜନ୍ମହୋଇ, ସବୁ ସାଧାରଣ ସାମଗ୍ରୀ ବ୍ୟବହାର କରି, ନିଜର କର୍ମବଳରେ ଜଣେ ବ୍ୟକ୍ତି କିପରି ଈଶ୍ୱରତୁଲ୍ୟ ହୋଇପାରନ୍ତି କହି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଣ୍ଡିତ ଗୋପବନ୍ଧୁଙ୍କୁ ସମଗ୍ର ଭାରତବର୍ଷ ପାଇଁ ଏକ ଉଦାହରଣ ବୋଲି କହିଥିଲେ । ଏହି ଅବସରରେ ସତ୍ୟବାଦୀ ମହୋତ୍ସବ ସମୟରେ ସେ କରିଥିବା ଘୋଷଣା ବିଷୟରେ ମୁଖ୍ୟମନ୍ତ୍ରୀ ଦୋହରାଇଥିଲେ। ସତ୍ୟବାଦୀ ବନ ବିଦ୍ୟାଳୟ ଓ ସମଗ୍ର ଅଞ୍ଚଳର ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଏଥିପାଇଁ ରାଜ୍ୟ ସରକାର ୫୮୫ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବେ । ଏହା ଖୁବ୍ ଶୀଘ୍ର ଆରମ୍ଭ ହେବ । ଐତିହାସିକ ବକୁଳବନର ପୁନରୁତ୍ଥାନ ଓ ବିକାଶ ପାଇଁ ପ୍ରାୟ ୯୦ କୋଟି ଟଙ୍କା ବିନିଯୋଗ କରାଯିବ । ଏହା ସହିତ ୪୯୫ କୋଟି ଟଙ୍କାରେ ସତ୍ୟବାଦୀ ଅଂଚଳର ପୁନର୍ବିକାଶ କରାଯିବ । ଏଠାରେ ହେରିଟେଜ କରିଡର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ଆମ ସରକାର ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରସାର ପାଇଁ ସମ୍ପୂର୍ଣ୍ଣଭାବେ ପ୍ରତିବଦ୍ଧ । ପୁରୀ ଠାରେ ଏକ ୱାଲର୍ଡ ଟୁରିଜିମ୍ ସେଂଟର ପ୍ରତିଷ୍ଠା କରାଯିବ। ପୁରୀରେ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ ମଧ ଆମେ ପଦକ୍ଷେପ ନେଇଛୁ । ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ‘ଉତ୍କଳମଣି ଗୋପବନ୍ଧୁ ଦାସ ଭାରତ ରତ୍ନ ପାଇବାକୁ ଯୋଗ୍ୟ। ସେ ଉତ୍କଳର ଜଣେ ପ୍ରଖ୍ୟାତ ପୁତ୍ର ଯାହାଙ୍କ ନିଃସ୍ୱାର୍ଥପର ସେବା, ଦେଶପ୍ରେମ ଏବଂ ଶିକ୍ଷା, ସାମ୍ବାଦିକତା ଏବଂ ସ୍ୱାଧୀନତା ସଂଗ୍ରାମରେ ଅବଦାନ ପିଢ଼ି ପିଢ଼ିକୁ ପ୍ରେରଣା ଦେଇ ଆସୁଛି।‘ସେ ଆଶ୍ୱାସନା ଦେଇଥିଲେ ଯେ ରାଜ୍ୟ ସରକାର ଦୀର୍ଘଦିନର ଦାବିକୁ ଗମ୍ଭୀରତାର ସହିତ ବିଚାର କରିବେ ଏବଂ ଆହୁରି କହିଥିଲେ, ‘ମୁଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ସରକାରଙ୍କ ସହିତ ମଧ ଏହି ମାମଲା ଉଠାଇବି।’



# ରାମାୟଣ କଥା



ଭୁଲ ପାଇଁ ସ୍ୱର୍ଗକୁ ଯାଇପାରିଲାନି ରାବଣ

ରାବଣ ରାକ୍ଷସ ବଂଶର ଥିଲା, ତା ଦ୍ୱାରା କରାଯାଇଥିବା ଭୁଲ କାରଣରୁ ପ୍ରତ୍ୟେକ ବର୍ଷ ଦଶହରା ଦିନରେ ରାବଣ ଦହନ କରାଯାଇଥାଏ । ହୁଏତ ବହୁତ କମ ଲୋକ ଜାଣିଥିବେ ରାବଣ ଗୋଟିଏ ବିଦ୍ୱାନ ପଣ୍ଡିତ ହେବା ସହିତ ଭଗବାନ ଶିବଙ୍କର ଗୋଟିଏ ବଡ଼ ଭକ୍ତ ଥିଲା। ଆହୁରି ମଧ୍ୟ କୁହାଯାଏ ଯେ ରାବଣ ୬ଟି ଦର୍ଶନ ଓ ଚାରିଟି ବେଦରେ ଜ୍ଞାନଲାଭ କରିଥିଲା । ଏହି କାରଣରୁ ତାଙ୍କୁ ଦଶାନନ ମଧ୍ୟ କୁହାଯାଏ । ରାମଚନ୍ଦ୍ର ସେତୁବନ୍ଧ ତିଆରି କରିବା ପରେ ରାବଣକୁ ଗୋଟିଏ ଜ୍ଞାନୀ ପଣ୍ଡିତ ଭାବରେ ପ୍ରତିଷ୍ଠା କରିବା ପାଇଁ ନିମନ୍ତ୍ରଣ ଦେଇଥିଲେ । ସେ ମଧ୍ୟ ଆସି ପ୍ରତିଷ୍ଠା କରିଥିଲେ । ଥରେ ରାବଣ ଚିନ୍ତା କଲା ନିଜର ଆରାଧ୍ୟ ଦେବତା ଶିବଙ୍କୁ ପ୍ରସନ କରିବ ଏହା ଚିନ୍ତା କରି ସେ ତପସ୍ୟାରେ ଲୀନ ହୋଇଗଲା । ଅନେକ ସମୟ ଧରି ତପସ୍ୟା କରିବା ଦ୍ୱାରା ମଧ୍ୟ ଶିବ ପ୍ରସନ୍ନ ହେଲେ ନାହିଁ । ଏହାପରେ ରାବଣ ନିଜର ମୁଣ୍ଡ କାଟି ଶିବଙ୍କୁ ଅର୍ପଣ କରିଦେଲା । ଏହାପରେ ତାର ମୁଣ୍ଡଟି ପୁନର୍ବାର ତା ଶରୀରରେ ଲାଗିଗଲା । ଏହାପରେ ସେ ପୁଣି ଆଉଥରେ ନିଜର ମୁଣ୍ଡ କାଟିଲା ,ପୁନର୍ବାର ମୁଣ୍ଡ ସେହିପରି ତା ଶରୀରରେ ଯୋଡି ହୋଇଯାଉଥିଲା । ଏହିଭଳି ଭାବରେ ସେ ଦଶ ଥର ନିଜର ମୁଣ୍ଡ କାଟିଲା ଓ ପ୍ରତ୍ୟେକ ଥର ତାର ମୁଣ୍ଡଟି ସେହିପରି ଯୋଡି ହୋଇଯାଉଥିଲା । ରାବଣଙ୍କର ଏହି ତପସ୍ୟା ଦେଖି ଶିବ ପ୍ରସନ୍ନ ହୋଇଗଲେ ଓ ସେ ବରଦାନ ସହିତ ରାବଣକୁ ଦଶଟି ମୁଣ୍ଡ ମଧ୍ୟ ପ୍ରଦାନ କଲେ । ଏହିଭଳି ଭାବରେ ରାବଣର ନାମ ଦଶାନନ ହେଲା । ରାବଣର ଦଶଟି ମୁଣ୍ଡକୁ ନେଇ ଆହୁରି ଗୋଟିଏ ପୁରାଣ କଥା ମଧ୍ୟ ରହିଛି । ରାବଣ ଦଶଟି ମୁଣ୍ଡ ଧାରଣ କରିନଥିଲେ । ସେ ମାୟାବୀ ରାକ୍ଷସ ଥିବା କାରଣରୁ ମାୟାବୀ ରୂପ ଦେଖାଇ ନିଜର ଦଶଟି ମୁଣ୍ଡର ଭ୍ରମ ସୃଷ୍ଟି କରୁଥିଲା । ଆପଣ ଜାଣନ୍ତି କି ସ୍ୱର୍ଗକୁ ଯିବା ପାଇଁ ରାବଣ ଶିଡ଼ି ତିଆରି କରିଥିଲା। ପୁରାଣ କହେ ମହାପ୍ରତାପୀ ଲଙ୍କାପତି ରାବଣ ସ୍ୱର୍ଗକୁ ସିଧାସଳଖ ସ୍ୱଦେହରେ ଯିବା ପାଇଁ ନିଶୁଣୀ ବା ଶିଡ଼ି ନିର୍ମାଣ କରିବାକୁ ପ୍ରୟାସ କରିଥିଲା। ହେଲେ ରାବଣର ପ୍ରୟାସ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଏହା ପୂର୍ବରୁ ଭଗବାନ ଶ୍ରୀରାମଙ୍କ ହାତରେ ନିହତ ହେଲା। କୁହାଯାଏ ଯେ, ରାବଣ ୪ଟି ଶିଡ଼ି ନିର୍ମାଣ ସମ୍ପୂର୍ଣ୍ଣ କରିସାରିଥିଲା ଏବଂ ପଞ୍ଚମଟି ନିର୍ମାଣ କରିବାବେଳେ ରାବଣକୁ ନିଦ ଆସିଯିବାରୁ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ରାବଣ ନିର୍ମିତ ଶିଡ଼ିକୁ 'ପୌଡି' ବି କୁହାଯାଏ। ଏଗୁଡିକ ଗୋଟିଏ ଗୋଟିଏ ତୀର୍ଥକ୍ଷେତ୍ର ଭାବେ ଶ୍ରଦ୍ଧା, ସମ୍ମାନର ସ୍ଥଳ ପାଲଟିଛି। ରାବଣ ତିଆରି କରିଥିବା ପ୍ରଥମ ଶିଡ଼ି ଗଙ୍ଗା ନଦୀ ତଟସ୍ଥ ଉତ୍ତରାଖଣ୍ଡର ହରିଦ୍ୱାରଠାରେ 'ହର କି ପୌଡି' ନାମରେ ପ୍ରସିଦ୍ଧ ଅଟେ। ଦ୍ୱିତୀୟ ଶିଡ଼ି ହିମାଚଳ ପ୍ରଦେଶର ସିରମୌର ଜିଲ୍ଲା ଅନ୍ତର୍ଗତ ପୌଡିବାଲା ନାମକ ଶିବମନ୍ଦିର ନିକଟରେ ତିଆରି ହୋଇଛି। ତୃତୀୟ ଶିଡ଼ି ହିମାଚଳ ପ୍ରଦେଶର ସେହି ସିରମୌର ଜିଲ୍ଲା ଅନ୍ତର୍ଗତ ବୁଡେଶ୍ୱର ଶିବମନ୍ଦିର ନିକଟରେ ଅତିକ୍ରମ କରିଛି। ଚତୁର୍ଥ ଶିଡ଼ି ହିମାଚଳ ପ୍ରଦେଶର କିନ୍ନୋର ଜିଲ୍ଲା ଅନ୍ତର୍ଗତ କିନ୍ନୋର କୈଳାସ ପର୍ବତରେ।

## ହିନ୍ଦୁ ଧର୍ମରେ ପୁରୁଷମାନେ କାହିଁକି ପିନ୍ଧନ୍ତି ପଇତା

ହିନ୍ଦୁ ଧାର୍ମିକ ଶାସ୍ତ୍ରରେ ଶୌଚାଚାରକୁ ନେଇ କିଛି ନିୟମ ଉଲ୍ଲେଖ କରାଯାଇଛି, ଯାହାର ବୈଜ୍ଞାନିକ ମହତ୍ତ୍ୱ ମଧ୍ୟ ରହିଛି। ତେବେ ହିନ୍ଦୁ ଧର୍ମରେ କାହିଁକି ପୁରୁଷମାନେ ପିନ୍ଧନ୍ତି ପଇତା, ଆସନ୍ତୁ ଜାଣିବା ଏହା ପଛର ବିଶ୍ୱାସ ଓ ବିଜ୍ଞାନ... ହିନ୍ଦୁ ଧର୍ମରେ ପ୍ରତ୍ୟେକ ହିନ୍ଦୁଙ୍କର କର୍ତ୍ତବ୍ୟ ହେଉଛି ପଇତା ପିନ୍ଧିବା ଏବଂ ଏହାର ନିୟମ ପାଳନ କରିବା। ପଇତା ଧାରଣ କରିବା ପରେ ଦ୍ୱିଜ ବାଳକଙ୍କୁ ଯଜ୍ଞ କାର୍ଯ୍ୟ କରିବାର ଅଧିକାର ପ୍ରାପ୍ତ ହୋଇଥାଏ। ପଇତାର ସଂସ୍କାର ହିନ୍ଦୁ ଧର୍ମର ପ୍ରମୁଖ ୨୪ଟି ସଂସ୍କାର ମଧ୍ୟରୁ ସ୍ୱତନ୍ତ୍ର। ଏହାକୁ 'ଉପନୟନ' ବା 'ଯଜ୍ଞୋପବୀତ ସଂସ୍କାର' ମଧ୍ୟ କୁହାଯାଇଥାଏ। ପବିତ୍ର ଧଳା ସୂତାରେ ନିର୍ମିତ ହୋଇଥାଏ ପଇତା। କିଛି ବର୍ଷ ପୂର୍ବରୁ ଲଣ୍ଡନରେ ହୋଇଥିବା ଏକ ରିସର୍ଚ୍ଚ ଅନୁଯାୟୀ ହିନ୍ଦୁମାନେ ମଳ-ମୂତ୍ର ତ୍ୟାଗ କରିବା ସମୟରେ କାନରେ ପଇତା ଦେବାର ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଗବେଷଣା ଅନୁଯାୟୀ ଶୌଚ ସମୟରେ କାନରେ ପଇତା ଦେବା ଦ୍ୱାରା କାନ ପାଖରେ ଯାଉଥିବା ସ୍ନାୟୁ ଉପରେ ପ୍ରଭାବ ପଡ଼ିଥାଏ।

# ଆଧ୍ୟାତ୍ମିକ ପଥରେ ସବୁଠୁ ବଡ଼ ବିପଦ ଆଳସ୍ୟ

ବେଦ ମଣିଷ ପାଇଁ କର୍ତ୍ତବ୍ୟ ନିର୍ଣ୍ଣୟ କରିଛନ୍ତି, ଯାହା ଦ୍ୱାରା ମନ ଏବଂ ଇନ୍ଦ୍ରିୟଗୁଡ଼ିକୁ ଶୃଙ୍ଖଳାବଦ୍ଧ କରାଯିବ। ପ୍ରକୃତରେ, ଆଳସ୍ୟକୁ ଆଧ୍ୟାତ୍ମିକ ପଥ ଉପରେ ସବୁଠାରୁ ବଡ଼ ବିପଦ ମଧ୍ୟରୁ ଗୋଟିଏ ଭାବରେ ବର୍ଣ୍ଣନା କରାଯାଇଛି। ଆଳସ୍ୟ ହେଉଛି ମଣିଷର ସବୁଠାରୁ ବଡ଼ ଶତ୍ରୁ। ଏହା ବିଶେଷ ଭାବରେ କ୍ଷତିକାରକ । କାରଣ ଏହା ଅଳସୁଆର ଶରୀରରେ ବାସ କରେ। ଖାଇବା, ସ୍ନାନ କରିବା ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟ ବଜାୟ ରଖିବା ଭଳି ମୌଳିକ ଶାରୀରିକ କାର୍ଯ୍ୟକଳାପ ପାଇଁ ମଧ୍ୟ କାମ ଆବଶ୍ୟକ। ଏହି ବାଧ୍ୟତାମୂଳକ କାର୍ଯ୍ୟଗୁଡ଼ିକୁ ନିତ୍ୟ କର୍ମ କୁହାଯାଏ। ଏହି ମୌଳିକ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପକୁ ଅଣଦେଖା କରିବା ପ୍ରଗତିର ଲକ୍ଷଣ ନୁହେଁ, ଅନ୍ୟପକ୍ଷରେ, ଏକ ଯତ୍ନବାନ ଏବଂ ପୁଷ୍ଟ ଶରୀର ଆଧ୍ୟାତ୍ମିକତାର ପଥରେ ଏକ ସକାରାତ୍ମକ ସହାୟକ। ଡକାୟତ ହାତରେ ଥିବା ଛୁରୀ ହେଉଛି ଭୟଭୀତ କରିବା କିମ୍ବା ହତ୍ୟା କରିବା ପାଇଁ ଏକ ଅସ୍ତ୍ର। କିନ୍ତୁ ଜଣେ ଡାକ୍ତର ବା ସର୍ଜନଙ୍କ ହାତରେ ଲୋକଙ୍କ ଜୀବନ ରକ୍ଷା ପାଇଁ ବ୍ୟବହୃତ ଏକ ଅମୂଲ୍ୟ ଉପକରଣ। ଛୁରୀ ନିଜେ ହତ୍ୟାକାରୀ ନୁହେଁ କିମ୍ବା ମଙ୍ଗଳକାରୀ ନୁହେଁ - ଏହାର ପ୍ରଭାବ ଏହାକୁ କିପରି ବ୍ୟବହାର କରାଯାଏ ତାହା ଦ୍ୱାରା ନିର୍ଣ୍ଣୟ କରାଯାଏ। ଯେପରି ସେକ୍ସପିଅର କହିଥିଲେ: ' କିଛି ଭଲ କିମ୍ବା ମନ୍ଦ ନାହିଁ, କିନ୍ତୁ ଚିନ୍ତାଧାରା ଏହାକୁ ଏପରି କରିଥାଏ।' ସେହିପରି, କାମ ନିଜେ ଭଲ କିମ୍ବା ମନ୍ଦ ନୁହେଁ। ମନର ଅବସ୍ଥା ଉପରେ ନିର୍ଭର କରି, ଏହା ବନ୍ଧନକାରୀ କିମ୍ବା ଉନ୍ନତ ହୋଇପାରେ। ଜଣଙ୍କର ଇନ୍ଦ୍ରିୟର ଆନନ୍ଦ ଏବଂ ଜଣଙ୍କର ଗର୍ବର ପରିତୃପ୍ତି ପାଇଁ କରାଯାଇଥିବା କାର୍ଯ୍ୟ ଭୌତିକ ଜଗତରେ ବନ୍ଧନର କାରଣ, ଯେତେବେଳେ ପରମେଶ୍ୱରଙ୍କ ସନ୍ତୋଷ ପାଇଁ ପରୋପକାର ଓ ସେବା ଆଦି କରାଯାଇଥିବା କାର୍ଯ୍ୟ ମାୟାର ବନ୍ଧନରୁ ମୁକ୍ତ କରେ ଏବଂ ଦିବ୍ୟ କୃପାକୁ ଆକର୍ଷିତ କରେ।




# ଶରୀର ପାଇଁ ଅତ୍ୟନ୍ତ ଉପଯୋଗୀ ତ୍ରିଫଳା

ତ୍ରିଫଳା ଆୟୁର୍ବେଦର ଅନୁପମ ଅବଦାନ। ମୂଳ ତିନୋଟି ଗଛର ଶୁଖିଲା ଫଳର ଏହା ମିଶ୍ରଣ।

ଅଁଳା: ଏହାକୁ ସାଧାରଣତଃ ଭାରତୀୟ ଗୁଜବେରୀ କୁହାଯାଏ। ଏହା ଖଟା, ତୀକ୍ଷ୍ଣ ସ୍ୱାଦ ଥାଏ ଏବଂ ଏହାର ଗଠନ ତନ୍ତୁମୟ । ଏଥିରେ ଫିନୋଲ୍ସ, ଟାନିନ୍, ଫାଇଲେମ୍ବେଲିକ୍ ଏସିଡ୍, ରୁଟିନ୍, କରକ୍ୟୁମିନୋଇଡ୍ସ ଏବଂ ଏମ୍ବ୍ଲିକୋଲ୍ ଭଳି ଶକ୍ତିଶାଳୀ ଉଦ୍ଭିଦ ଯୌଗିକ ରହି ଥାଏ। ଏହା ବହୁତ ଉପଯୋଗୀ। ଭିଟାମିନ୍ ସି, ଆମିନୋ ଏସିଡ୍ ଏବଂ ଖଣିଜ ପଦାର୍ଥରେ ଏହା ପରିପୂର୍ଣ୍ଣ।

ବାହାଡ଼ା: ଏହା ଏକ ବଡ଼ ଗଛ ଯାହା ସାଧାରଣତଃ ଦକ୍ଷିଣପୂର୍ବ ଏସିଆରେ ବଢ଼ିଥାଏ। ଏକ ଅଧ୍ୟୟନରେ, ୫୦୦ ମିଗ୍ରା ବାହାଡ଼ା ବା ଟର୍ମିନାଲିଆ ବେଲିରିକା ଗାଉଟ(ଗଣ୍ଠିବାତ) ରୋଗୀଙ୍କ ମଧ୍ୟରେ ୟୁରିକ୍ ଏସିଡ୍ ସ୍ତରକୁ ଯଥେଷ୍ଟ ପରିମାଣରେ କମାଇଥାଏ। ଗାଉଟ ଏକ ପ୍ରଦାହଜନକ ଅବସ୍ଥା ଯାହା ଶରୀରରେ ୟୁରିକ୍ ଏସିଡ୍ ଜମା ହେବା ଦ୍ୱାରା ଚିହ୍ନିତ ହୋଇଥାଏ। ବାହାଡ଼ାରେ ରହିଛି ଗାଲିକ୍ ଏସିଡ୍ ଏବଂ ଏଲାଜିକ୍ ଏସିଡ୍ । ଦୁଇଟି ଫାଇଟୋକେମିକାଲ୍ ଯାହା ରକ୍ତ ଶର୍କରା ସ୍ତର, ଇନସୁଲିନ୍ ସମ୍ବେଦନଶୀଳତା ଏବଂ ଶରୀର ଓଜନ ଉପରେ ଲାଭଦାୟକ ପ୍ରଭାବ ପକାଇଥାଏ।

ହରିଡା: ଏହା ଏକ ଔଷଧୀୟ ଗଛ ଯାହା ମଧ୍ୟପ୍ରାଚ୍ୟ, ଭାରତ, ଚୀନ୍ ଏବଂ ଥାଇଲ୍ୟାଣ୍ଡରେ ବଢ଼ିଥାଏ। ଏଥିରେ ଟର୍ପେନ୍ସ, ପଲିଫେନୋଲ୍ସ, ଆନନ୍ଥୋସାୟାନିନ୍ ଏବଂ ଫ୍ଲାଭୋନଏଡ୍ସ ଭଳି ଫାଇଟୋକେମିକାଲ୍ସ ରହିଥାଏ।

**ତ୍ରିଫଳାର ଶ୍ରେଷ୍ଠ ଉପକାର**

■ ପାଚନ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରେ: ଏହା ଏକ ପ୍ରାକୃତିକ ରେଚକ ଭାବରେ କାର୍ଯ୍ୟ କରେ, କୋଷ୍ଠକାଠିନ୍ୟରୁ ମୁକ୍ତି ଦିଏ ଏବଂ ନିୟମିତ ଝାଡ଼ା ଗତି ବଜାୟ ରଖିବାରେ ସାହାଯ୍ୟ କରେ।

■ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ: ଭିଟାମିନ୍ ସି ପରି ଆଣ୍ଟିଅକ୍ସିଡାଣ୍ଟରେ ପରିପୂର୍ଣ୍ଣ, ଏହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଏବଂ ସଂକ୍ରମଣରୁ ରକ୍ଷା କରେ।

■ ଯକୃତ କାର୍ଯ୍ୟକୁ ସହାୟତା କରେ: ତ୍ରିଫଳା ଯକୃତକୁ ବିଷମୁକ୍ତ କରିବାରେ ଏବଂ ସାମଗ୍ରିକ ଯକୃତ ସ୍ୱାସ୍ଥ୍ୟକୁ ଉନ୍ନତ କରିବାରେ ସାହାଯ୍ୟ କରେ।

■ ଚର୍ମ ଏବଂ କେଶ ସ୍ୱାସ୍ଥ୍ୟକୁ ଉନ୍ନତ କରେ: ଏହାର ଆଣ୍ଟିଅକ୍ସିଡାଣ୍ଟ ଗୁଣଗୁଡ଼ିକ ବାର୍ଦ୍ଧକ୍ୟ ହେବାର ଲକ୍ଷଣକୁ ହ୍ରାସ କରିପାରେ ଏବଂ ବ୍ରଣ ଭଳି ଚର୍ମ ସମସ୍ୟାକୁ ପରିଚାଳନା କରିବାରେ ସାହାଯ୍ୟ କରିପାରେ। ଏହା କେଶ ଝଡ଼ିବା ଏବଂ ଡେଣ୍ଡ୍ରାଫ ବା ରୁପି ସମସ୍ୟା ଦୂରୀକରଣରେ ମଧ୍ୟ ସହାୟତା କରିପାରେ।

■ ଦନ୍ତ ସ୍ୱାସ୍ଥ୍ୟକୁ ଉନ୍ନତ କରେ: ଏହାର ଆଣ୍ଟିମାଇକ୍ରୋବାୟଲ୍ ଏବଂ ଆଣ୍ଟି-ଇନ୍ଫ୍ଲେମାଟ୍ରିକ୍ ଗୁଣଗୁଡ଼ିକ ପ୍ଲାକ୍ ହ୍ରାସ କରେ । ବହୁ ମାଡ଼ି ରୋଗ ବିରୋଧରେ ଲଢ଼ିବାରେ ସାହାଯ୍ୟ କରିପାରେ।

■ ଓଜନ ପରିଚାଳନାରେ ସାହାଯ୍ୟ କରେ: ଅଧ୍ୟୟନରୁ ଜଣାପଡିଛି ଯେ ଏହା ଶରୀରର ଚର୍ବି ହ୍ରାସ କରି ଏବଂ ଭୋକକୁ ଦମନ କରି ଓଜନ ହ୍ରାସ କରିବାରେ ସାହାଯ୍ୟ କରିପାରେ।

■ ପ୍ରଦାହ ହ୍ରାସ କରେ: ତ୍ରିଫଳା ସମଗ୍ର ଶରୀରରେ ପ୍ରଦାହ ସହିତ ଲଢ଼ିବାରେ ସାହାଯ୍ୟ କରିପାରେ, ଯାହା ଗଣ୍ଠି ରୋଗ ଭଳି ପ୍ରଦାହକୁ ଲାଭ ଦେଇପାରେ।

# -ସୁସ୍ଥତାର ମନ୍ତ୍ର-

*ଡାକ୍ତର ପ୍ରଫୁଲ୍ଲ କୁମାର ଦାସ*

ଖାଦ୍ୟାଭ୍ୟାସରେ ଆଣନ୍ତୁ ପରିବର୍ତ୍ତନ। ତେଣୁ ଏହି ସମୟରେ ଖିଆପିଆ ଉପରେ ନଜର ଦେବା ନିହାତି ଆବଶ୍ୟକ। ବଢ଼ାଇବାକୁ ହେବ ରୋଗ ପ୍ରତିରୋଧକ କ୍ଷମତା। କ'ଣ ଖାଇବେ, କେଉଁ ଖାଦ୍ୟ ଏଡ଼ାଇ ଚାଲିବେ ଏସବୁ କଥା ଭୁଲିଗଲେ ଚଳିବ ନାହିଁ। ତେଣୁ ନିଜ ଶରୀରର ଆବଶ୍ୟକତା ଅନୁସାରେ ଆମକୁ ଡାଏଟ ମାନି ଚଳିବାକୁ ହେବ। ଡାଏଟିଶିଆନ ଓ ନ୍ୟୁଟ୍ରିଶନିଷ୍ଟ ମାନଙ୍କ ଅନୁସାରେ ଯେଉଁ ମାନଙ୍କର ପେଟର ସମସ୍ୟା ରହିଛି ବା ଅତ୍ୟଧିକ ଏସିଡିଟି ଅଛି ସେମାନେ ଲେମ୍ବୁ, ଭିନେଗାର ମିଶିଥିବା ଖାଦ୍ୟ ଏଡାଇ ଚାଲନ୍ତୁ। ଯଦି ଭିଟାମିନ ସି ପାଇଁ ନିହାତି ଲେମ୍ବୁ ଖାଇବାକୁ ପଡୁଥାଏ ତେବେ ଡାଲିରେ ଲେମ୍ବୁ ରସ ମିଶାଇ ଖାଇପାରିବେ। କିନ୍ତୁ ଖାଲି ପେଟରେ ଆଦୌ ନୁହେଁ। ଫଳ, ପନିପରିବା, ଶାଗ ଆଦି ଅଧିକ ପରିମାଣରେ ଖାଇବାକୁ ହେବ। କେବଳ ଭିଟାମିଟ



ସପ୍ଲିମେଣ୍ଟ ଭାବରେ ମିଳୁଥିବା ଟାବଲେଟ ଗିଳିଦେଲ ଯେ କାମ ସରିଲା ଏଭଳି ଭାବନାରୁ ନିବୃତ୍ତ ରହିବାକୁ ହେବ। ଏମିତି ଖାଦ୍ୟ ଯେଉଁଥିରେ ଭିଟାମିନ ଏ, ସି, ଡି ଏବଂ ଜିଙ୍କ ରହିଛିସେଗୁଡ଼ିକ ଖାଇବା ଉପରେ ଜୋର ଦିଅନ୍ତୁ। ଦହି, ଫଳ ଆଦି ଦେଇ ପାନୀୟ ତିଆରି କରି ପିଇପାରିବେ। ବାଦାମ, ବଟର ଆଦି ଅଳ୍ପ ଅଳ୍ପ କରି ଖିଆ ଯାଇପାରିବ। କେବଳ ଅଧିକ ପାଣି ପିଇଦେଲେ ଚଳିବ ନାହିଁ। ଅଦା, ଗୋଲମରିଚ ମିଶା ଚା, ଚିକେନ କିମ୍ବା ଭେଜିଟେବଲ ସୁପ, ଫଳରସ, ପଇଡ଼ ପାଣିକୁ ମଧ୍ୟ ଡାଏଟରେ ବାଧ୍ୟତାମୂଳକ ଭାବରେ ସାମିଲ କରନ୍ତୁ। ଅଧିକ ଦୁର୍ବଳ ଲାଗୁଥିଲେ ମଝିରେ ମଝିରେ ଗ୍ଲୁକୋନ ଡି, ଇଲେକ୍ଟ୍ରୋଲାଇଟ ପାନୀୟ ମଧ୍ୟ ପିଇପାରିବେ। କୋଭିଡ଼ ସଂକ୍ରମିତ ହେବା ପରେ ଅନେକଙ୍କ ସ୍ୱାଦ ବାରିବାର କ୍ଷମତା ଚାଲିଯାଇଥାଏ। ତେଣୁ ଖାଇବାରେ ସମସ୍ୟା ହୋଇଥାଏ। ତେଣୁ ପାଟିକୁ ଭଲ ଲାଗିବ ବୋଲି ଅଧିକ ତେଲମସଲା ଦିଆ ଚଟାପଟ ଖାଦ୍ୟ ଖାଇଦେଲେ ଚଳିବ ବୋଲି ଯଦି କେହି ଭାବୁଥାନ୍ତି ତେବେ ସେହି ଭାବନାରୁ ଦୂରରେ ରୁହନ୍ତୁ। ଅଳ୍ପ ତେଲ ମସଲାରେ ମଧ୍ୟ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ। ବର୍ତ୍ତମାନ ମଣିଷ ଚାହିଁଲେ ବି ଖୁସି ରହିପାରୁନାହିଁ। ଭୟର ବାତାବରଣ ଭିତରେ ଖୁସି ରହିବା ସମସ୍ତଙ୍କ ପକ୍ଷରେ ସହଜ ହୋଇନପାରେ। ଚିକିତ୍ସା ବିଜ୍ଞାନ ମଧ୍ୟ ଏକଥା ସ୍ୱୀକାର କରିଛି। ଯେ ଖୁସି ରହୁଥିବା ଲୋକମାନେ ଦୀର୍ଘାୟୁ ହୋଇଥାନ୍ତି। ଜାଣନ୍ତି କି ଯୋଗାସନ ମଣିଷକୁ ଖୁସି ରଖିବାରେ ବେଶ ସହାୟକ ହୋଇପାରିବ। ଏକଥା ମନୋବିଦମାନେ ମଧ୍ୟ ଜୋର ଦେଇ କହୁଛନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ଏହା ସ୍ୱୀକାର କରିଛି ଯେ ମଣିଷ ଖୁସିରେ ରହିବାକୁ ଚାହିଁଲେ ଯୋଗର ସହାୟତା ନିଆଯାଇପାରିବ। ତେବେ ସବୁ ଯୋଗମୁଦ୍ରା ନୁହେଁ, ବରଂ କେତୋଟି ନିର୍ଦ୍ଦିଷ୍ଟ ଯୋଗ ମଣିଷକୁ ଖୁସି ରଖିବାରେ ସହାୟକ ହୋଇପାରିବ। ପ୍ରାଣ ଯୋଗକୁ ଖୁସି ଏବଂ ଚାପମୁକ୍ତ ଜୀବନର ମୂଳମନ୍ତ୍ର କୁହାଯାଉଛି। ଏହି ଯୋଗମୁଦ୍ରାକୁ ନିୟମିତ ଅଭ୍ୟାସ କରିବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହେଉଥିବାର ପ୍ରମାଣ ମିଳିଛି। ତେବେ ଉଚ୍ଚ ରକ୍ତଚାପ ରୋଗୀମାନେ ଏହି ମୁଦ୍ରା ଅଭ୍ୟାସ କରିବା ପୂର୍ବରୁ ଚିକିତ୍ସକଙ୍କ ସହିତ ପରାମର୍ଶ କରିନେବା ଉଚିତ। ପ୍ରାଣଯୋଗ କରିବା ଦ୍ୱାରା କେବଳ ମନ ଚାପମୁକ୍ତ ରହେନାହିଁ ବରଂ ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ଓ ଏକାଗ୍ରତା ବଢିଥାଏ। ସାମଗ୍ରିକ ଭାବେ ସୁସ୍ଥ ରହିବାକୁ ହେଲେ ଯୋଗ ଓ ପ୍ରାଣାୟମ ଅଭ୍ୟାସ ଉପର ଗୁରୁତ୍ୱ ଦିଅନ୍ତୁ। ଜିମ ଯାଇ ବ୍ୟାୟାମ କଲେ ଯେ ସୁସ୍ଥ ରହିବେ ଏମିତି ନୁହେଁ। ନିୟମିତ ଭାବେ ଯୋଗାସନ କରିବା ଦ୍ୱାରା ଆପଣ ସୁସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ। ତେବେ ଯୋଗ କରିବା ପୂର୍ବରୁ କେତୋଟି କଥା ମନେ ରଖିବାକୁ ହେବ। ମନଇଚ୍ଛା ଯୋଗାଭ୍ୟାସ କରନ୍ତୁ ନାହିଁ। ୟୁଟ୍ୟୁବ କିମ୍ବା ହ୍ୱାଟସଆପ ଦେଖି ନିଜ ଇଚ୍ଛାନୁସାରେ ଯୋଗାସନ କରିବା ବି ଠିକ ନୁହେଁ। ଯୋଗାଭ୍ୟାସ କରିବା ଆଗରୁ ନିଜ ଶରୀରର ଗଠନ କିପରି ତାହା ବୁଝିବାକୁ ହେବ। ଘର ଭିତରେ ହିଁ ଆପଣ ଏହି ବ୍ୟାୟାମ କରିପାରିବେ। ହାଲୁକା ଗୀତ ଶୁଣି ଶୁଣି ବ୍ୟାୟାମ ଅଭ୍ୟାସ କରନ୍ତୁ। ରିଦିମିକ ଏକ୍ସରସାଇଜ ସହଜରେ କରାଯାଇପାରିବ। ପ୍ରାଣାୟାମ କ୍ଷେତ୍ରରେ ବି ସେହି ଏକା ନିୟମ ଲାଗୁ ହୋଇଥାଏ। ମନଇଚ୍ଛା ନିଃଶ୍ୱାସ ପ୍ରଶ୍ୱାସ ନେବା ଛାଡ଼ିବା କେବେ ବି ପ୍ରାଣାୟାମ ହୋଇନପାରେ। ପ୍ରାଣାୟାମ କରିବାର ମଧ୍ୟ ଏକ ବିଧି ଅଛି। ସେହି ବିଧି ମାନି ପ୍ରାଣାୟାମ କଲେ ଲାଭ ମିଳିବ। ପ୍ରାଣାୟାମ କରିବା ପୂର୍ବରୁ ଡିପ ବ୍ରିଦିଂ ଏକ୍ସରସାଇଜ କରିପାରିବେ। ମନେ ରଖନ୍ତୁ ଗୋଟିଏ ଦିନରେ ଯୋଗ କି ପ୍ରାଣାୟାମ ଏକ୍ସପର୍ଟ ହେବା ଆଦୌ ସମ୍ଭବ ନୁହେଁ। କିନ୍ତୁ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଆପଣ ଆଜିଠାରୁ ହିଁ ଆପଣେଇ ପାରିବେ ବ୍ୟାୟାମ, ଯୋଗ ଓ ପ୍ରାଣାୟାମ। ସାରା ବିଶ୍ୱ ଜାଣି ସାରିଛି ଭାରତୀୟ ଯୋଗର ମହନୀୟତା ବିଷୟରେ। ତେଣୁ ଆପଣ କାହିଁକି ଏହି ଅଭ୍ୟାସର ଲାଭ ଉଠାଇବେ ନାହିଁ ?

***କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,***

# ଆତ୍ମ-ଶୁଦ୍ଧି ଉପରେ ଗୁରୁତ୍ୱ



**ଜ୍ଞା**ତ ବ୍ୟକ୍ତି କେବଳ ବିଷୟ ନୁହେଁ ବରଂ ଜାଣିବା ପ୍ରକ୍ରିୟାର ଏକ ପ୍ରତିବନ୍ଧକ ଏବଂ ସୀମା ମଧ୍ୟ। ଜ୍ଞାତ ବ୍ୟକ୍ତି ବିନା, ଜାଣିବା ସମ୍ଭବ ନୁହେଁ, କିନ୍ତୁ ଜ୍ଞାତ ବ୍ୟକ୍ତିଙ୍କ ସହିତ, ଜାଣିବା ଆପତ୍ତିଜନକ ହୋଇଯାଏ, କାରଣ ମଣିଷଠାରେ ମନ ଏବଂ ଇନ୍ଦ୍ରିୟ ଭଳି ଜ୍ଞାନର ଉପକରଣଗୁଡ଼ିକ ସମ୍ପୂର୍ଣ୍ଣ କିମ୍ବା ସମ୍ପୂର୍ଣ୍ଣ ସକ୍ଷମ ନୁହେଁ। ମୁକ୍ତି ହେଉଛି ଆତ୍ମ-ଶୁଦ୍ଧିର ଏକ ଯାତ୍ରା ଯେଉଁଥିରେ ସାଧକ ଅପୂର୍ଣ୍ଣ ଅବସ୍ଥାରୁ ସିଦ୍ଧତା ଆଡ଼କୁ ଅଗ୍ରସର ହୁଏ ଯାହା ବ୍ୟତୀତ ଆଉ କିଛି ହାସଲ କରିବାକୁ ବାକି ରହେ ନାହିଁ। ସରଳ ଅର୍ଥରେ, ମୁକ୍ତି ହେଉଛି ଯେକୌଣସି ଜିନିଷରୁ ମୁକ୍ତି ଯାହା ଆପଣଙ୍କୁ ସୀମିତ କରେ, କିମ୍ବା ଆପଣଙ୍କୁ ଏହି ଜଗତରେ ବାନ୍ଧିଥାଏ ଏବଂ ଆପଣଙ୍କର ସ୍ୱାଧୀନତାକୁ ସୀମିତ କରେ।

ଜ୍ଞାନ ଏବଂ ଅନୁଭବ ବ୍ୟକ୍ତି, ତାଙ୍କର ମନର ଅବସ୍ଥା, ଶିକ୍ଷା, ସଚେତନତା, ପବିତ୍ରତା, ବୁଦ୍ଧିମତ୍ତା, ଇଚ୍ଛା, ଆସକ୍ତି, ବିଶ୍ୱାସ, ଅନୁଭବିତ ବସ୍ତୁ ସହିତ ପରିଚିତତା ଇତ୍ୟାଦି ଉପରେ ନିର୍ଭର କରେ। ତେଣୁ, ଯଦି ଆପଣ ମାନସିକ ପରିଶୁଦ୍ଧି ବିନା ସମ୍ପୂର୍ଣ୍ଣ ଭାବରେ କିଛି ଜାଣିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ସମସ୍ତ ଅପୂର୍ଣ୍ଣତାକୁ ଦୂର କରି ସିଦ୍ଧ କିମ୍ବା ସମ୍ପୂର୍ଣ୍ଣ ହେବାକୁ ପଡିବ। ସାଧାରଣ ତ୍ରୁଟି ବିନା ସୁସ୍ଥ, ସୁସଙ୍ଗତ ବ୍ୟକ୍ତିତ୍ୱ, ଏବଂ ଯେଉଁଥିରେ ବିପରୀତଗୁଡ଼ିକ ଏକୀକୃତ ହୋଇଥାଏ ତାହା ହେଉଛି ଆଦର୍ଶ ଅବସ୍ଥା ଯାହା ଅନନ୍ତ ସ୍ୱାଧୀନତା ଆଡ଼କୁ ନେଇଯାଏ।

ବେଦ ସେହି ଅବସ୍ଥାକୁ ପୂର୍ଣ୍ଣମ୍ (ସମ୍ପୂର୍ଣ୍ଣ) ଭାବରେ ଚିହ୍ନିତ କରନ୍ତି, ଯାହା ବ୍ରହ୍ମାଣ୍ଡୀୟ ସତ୍ତା (ପୁରୁଷ) ର ସ୍ୱତନ୍ତ୍ର ବୈଶିଷ୍ଟ୍ୟ। ଏହାକୁ ଅସମ୍ପୂର୍ଣ୍ଣ କରିବା କିମ୍ବା ଉନ୍ନତ କରିବା ପାଇଁ ଏଥିରୁ କିଛି ବାହାର କରାଯାଇପାରିବ ନାହିଁ କିମ୍ବା ଏଥିରେ ଯୋଡାଯାଇପାରିବ ନାହିଁ। ଯଦିଓ ଆପଣ ଏପରି କରନ୍ତି, ତଥାପି ଏହା ସମ୍ପୂର୍ଣ୍ଣ ରହିଥାଏ। ପୂର୍ଣ୍ଣତାର ଅର୍ଥ ବିଚାର, ଆକର୍ଷଣ ଏବଂ ବିମୁଖତା ଏବଂ ଅନ୍ୟାନ୍ୟ ଦ୍ୱୈତତାରୁ ମୁକ୍ତି। ଇଚ୍ଛା ଦ୍ୱାରା କିଛି ବାଦ୍ ଦିଆଯାଇ ନାହିଁ ଏବଂ କିଛି ପାଇଁ ଆକାଂକ୍ଷିତ ନୁହେଁ। ମନ ଈଶ୍ୱରଙ୍କ ଇଚ୍ଛା ଭାବରେ ଜୀବନର ବିରୋଧାଭାସକୁ ଆତ୍ମସମର୍ପଣ କରେ । ମନ ଏବଂ ଶରୀରର ପୂର୍ଣ୍ଣତା ଶୁଦ୍ଧିକରଣ ଏବଂ ପରିବର୍ତ୍ତନ ବିନା ସମ୍ଭବ ନୁହେଁ ଯାହା ପାଇଁ ଜଣଙ୍କୁ ବିଚ୍ଛିନ୍ନତା, ସମାନତା, ବିଚାରହୀନ ସଚେତନତା ଏବଂ ସମତା ପାଳନ କରିବାକୁ ପଡିବ। ମନ ସ୍ଥିର ଏବଂ ଅସ୍ଥିରତାରୁ ମୁକ୍ତ ହେବା ଉଚିତ ଏବଂ ଇନ୍ଦ୍ରିୟଗୁଡ଼ିକ ହସ୍ତକ୍ଷେପରୁ ମୁକ୍ତ ହେବା ଉଚିତ। କେବଳ ସେତେବେଳେ ଜଣେ ଜିନିଷଗୁଡ଼ିକୁ ଯେପରି ଅଛି ସେହିପରି ଦେଖିପାରିବ ଏବଂ ସେମାନଙ୍କର ଅତ୍ୟାବଶ୍ୟକ ପ୍ରକୃତିକୁ ଅନୁଭବ କରିପାରିବ, ଯାହା ଅନ୍ୟଥା ସାଧାରଣ ଦୃଷ୍ଟିକୋଣରୁ ଲୁଚି ରହିଥାଏ।

ମନ ଏବଂ ଇନ୍ଦ୍ରିୟଗୁଡ଼ିକର ଲୁକ୍କାୟିତ ସମ୍ଭାବନା ରହିଥାଏ।

ଅସ୍ତିତ୍ୱ ପ୍ରକୃତିର ଅଶୁଦ୍ଧତାରେ ପରିପୂର୍ଣ୍ଣ। ପୃଥିବୀରେ ବାସ କରୁଥିବା କେହି ବି ସେମାନଙ୍କ ପ୍ରଭାବରୁ ମୁକ୍ତ ନୁହନ୍ତି। ସେହି ଅଶୁଦ୍ଧତା ପ୍ରାଣୀମାନଙ୍କୁ ଜନ୍ମ ଏବଂ ମୃତ୍ୟୁ ଚକ୍ରରେ ବାନ୍ଧି ରଖିବା ଏବଂ ଜଗତର ସୁବ୍ୟବସ୍ଥିତ ପ୍ରଗତି ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ। ତେଣୁ, ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରୁ କେବଳ କିଛି ଲୋକ ସେମାନଙ୍କର ସୀମା ଅତିକ୍ରମ କରି ମୁକ୍ତି ହାସଲ କରିବାରେ ସଫଳ ହୁଅନ୍ତି। ଶାସ୍ତ୍ରୀୟ ଯୋଗରେ ଆତ୍ମ-ଶୁଦ୍ଧିର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦିଆଯାଇଛି। ତ୍ରିଗୁଣ ମୁଖ୍ୟତଃ ମନର ପରିବର୍ତ୍ତନ ଏବଂ କଷ୍ଟ ଏବଂ ତା'ପରେ ହେଉଥିବା ଦୁଃଖ ପାଇଁ ଦାୟୀ। ଯୋଗର ଆଠଟି ଅଙ୍ଗ ସ୍ଥୁଳ ଏବଂ ସୂକ୍ଷ୍ମ ଅଭ୍ୟାସ ମାଧ୍ୟମରେ ମନ ଏବଂ ଶରୀରର ଅଶୁଦ୍ଧତାକୁ ଦୂର କରିବା ପାଇଁ ଉଦ୍ଦିଷ୍ଟ ଯାହା ଦ୍ୱାରା ମନ ସତ୍ତ୍ୱର ପ୍ରାଧାନ୍ୟରେ ପରିପୂର୍ଣ୍ଣ ହୁଏ ଏବଂ ଅନୁଭବ ଏବଂ ଜ୍ଞାନ ଉଭୟରେ ସିଦ୍ଧତା ହାସଲ ହୁଏ।

# ଉତ୍କଳ ଦିବସରେ ଶ୍ରୀଗୀତଗୋବିନ୍ଦ ଆସର

ଚାରିଛକ,(ନିପ୍ର): ଉତ୍କଳ ଦିବସ ଅବସରରେ ପବିତ୍ର ପ୍ରାଚୀତଟ ପଦ୍ମସଂଭବ ପୀଠରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ପରିଚାଳନାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ମାର୍ଗଦର୍ଶନରେ ସାମୂହିକ ଭାବେ ବନ୍ଦେ ଉତ୍କଳ ଜନନୀ ଗାୟନ ସହ ରାଷ୍ଟ୍ରଗୀତ ବନ୍ଦେ ମାତରମ ଗାୟନ କରାଯାଇଥିଲା । ପରେ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରିୟ ଗୀତ ଶ୍ରୀଗୀତଗୋବିନ୍ଦ ଗାୟନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ବୈଠକରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡଃ ନାରାୟଣ ଆଚାର୍ଯ୍ୟ, ବରିଷ୍ଠ ଐତିହାସିକ ଡଃ ସଂ୍ୋଷ କୁମାର ମିତ୍ର,ପ୍ରାଚୀମଣ୍ଡଳ ନାବାର୍ଡ କୃଷକ ମହାସଂଘର ସଭାପତି ରାଧାଶ୍ୟାମ ପ୍ରଧାନ ପ୍ରମୁଖ ପଣ୍ଡିତ ଶ୍ରୀ ମିଶ୍ରଙ୍କ ସହ ଉପସ୍ଥିତ ରହି ଉତ୍କଳ ଦିବସ ପାଳନର ଗୁରୁତ୍ୱ ବୁଝାଇଥିଲେ । ଓଡିଶାକୁ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନର କର୍ଣ୍ଣଧାର ତଥା କୋଣାର୍କକୁ ବିଶ୍ୱ ପରିଚୟ ପ୍ରଦାନ କରିବା ସହ ଶ୍ରୀ ମନ୍ଦିରକୁ ଇଂରେଜମାନଙ୍କ ଠାରୁ ଦୂରେଇ ରଖିବା ଭଳି ମହାନ କାର୍ଯ୍ୟ କରିଥିବା ଉତ୍କଳ ଗୌରବ ମଧୁ ବାବୁଙ୍କ ପ୍ରତିମୂର୍ତ୍ତୀ ଓଡିଶାର ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀ ବ୍ଲକ ଓ ପଂଚାୟତ ପରିଷଦରେ ସ୍ଥାପନ କରିବାର ଦାବୀ ରଖାଯାଇଥିଲା ।ଏପରି କରାଗଲେ ଆମ ଭବିଷ୍ୟତ ପିଢି ଉତ୍କଳ ଦିବସ ପାଳନର ଗୁରୁତ୍ୱ ବୁଝିପାରିବେ ବୋଲି ପଣ୍ଡିତ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ ।

# ଡୁଡୁକେଲ ମହାଭାରତ ମହାପାରାୟଣର କଳସ ଯାତ୍ରା

ଗୋଲାମୁଣ୍ଡା,(ନିପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଡୁଡୁକେଲ ଗ୍ରାମର ମହାଭାରତ ମହା ପାରାୟଣ ମହାଯଜ୍ଞ ପାଇଁ କଳସ ଯାତ୍ରା ମହା ଆଡ଼ମ୍ବରରେ ସମ୍ପନ୍ନ ହୋଇଯାଇଛି । ଗୋଲାମୁଣ୍ଡା ସ୍ଥିତ ଶିବମନ୍ଦିର ପୋଖରୀରୁ ପାଣି ଉଠେଇ ଡୁଡୁକେଲ ମହାଭାରତ ପଡିଆ ପର୍ଯ୍ୟନ୍ତ ପ୍ରାୟ ୬ କିମି ଦୂର ଶତାଧିକ ମହିଳା ଏହି କଳସ ଯାତ୍ରା ରେ ସାମିଲ ହୋଇ ଥିଲେ ।ଏହି ମହା ଯଜ୍ଞ ଆସନ୍ତା କାଲି ଠାରୁ ଏକମାସ ଧରି ରୀତିକାନ୍ତିରେ ଚାଲିବ ।ଏହି ଯଜ୍ଞ ରେ କର୍ତ୍ତା ଭାବେ ସୁବାଷ ବଗର୍ତ୍ତି ଓ ତାଙ୍କ ଧର୍ମ ପତ୍ନୀ ମଦନା ବଗର୍ତ୍ତି, ମୁଖ୍ୟ ପୂଜକ ଗୌତମ ଯୋଶୀ ଥିବାବେଳେ ଗୋବର୍ଦ୍ଧନ ମିଶ୍ର (ସୋନପୁର ଜିଲ୍ଲା) ବ୍ୟାସ ଆସନ ଅଳଙ୍କୃତ କରିବେ ବୋଲି ଆୟୋଜକ କମିଟିର ସଭାପତି ଗିରିଧାରୀ ତେଜୀ ପ୍ରକାଶ କରିଛନ୍ତି ।ତତ୍ ସହିତ ଏହି ମହା କଳସ ଯାତ୍ରାରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଯଜ୍ଞ କମିଟିର ସଂପାଦକ ପରୀକ୍ଷିତ ଖର୍ସେଲ, ଧର୍ମଗଡ ବ୍ଲକ ଯାଦବ ସଭାପତି ଶଙ୍କର ଯୁଆଡ,ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ମାନଝରି ସରପଞ୍ଚ ଜଗୁଜିବନ୍ ଅଗ୍ରୀଆ, ସମିତି ସଭ୍ୟ ସୁବାସ ନାଏକ, ନାରାୟଣ ଅଗ୍ରୀଆ ସହିତ ଗ୍ରାମବାସୀ ଓ ଅନେକ ସାଧୁ ସନ୍ଥ ଯୋଗଦେଇଥିଲେ ।

# ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

ନିରାକାରପୁର,(ନିପ୍ର): ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ କାଇପଦରରେ ତିନିଦିନ ବ୍ୟାପି ପରିଚାଳିତ ହେଉଥିବା ଜାତୀୟ ସେବା ଯାଜନା ତିନିଦିନିଆ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ ହୋଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଯାପନି ସଭାରେ ପୂର୍ବତନ ଜିଲ୍ଲାପାଳ ତଥା ଓଡ଼ିଆ ସରକାରଙ୍କ ସୂଚନା ଓ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ(ଆଇ . ଏ . ଏସ) ମୁଖ୍ୟ ଅତିଥି , ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡକ୍ଟର ଦିଲୀପ କୁମାର ଶ୍ରୀଚନ୍ଦନ ମୁଖ୍ୟ ବକ୍ତା, ମହାବିଦ୍ୟାଳୟର ପୂର୍ବତନ ଅଧକ ଡକ୍ଟର ଜଗମୋହନ ପଟ୍ଟନାୟକ ସମ୍ମାନିତ ଅତିଥି ଓ ନିକଟସ୍ଥ ଆଇ ଏ ସିଏଲ ର ବିଭାଗୀୟ ମହାପ୍ରବନ୍ଧକ ସୋମନାଥ ଦାସ ସମ୍ମାନିତ ଅତିଥି , ପୂର୍ବତନ କ୍ରୀଡା ଶିକ୍ଷକ ଦିଗମ୍ବର ବଳିଆରସିଂହ ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇ ପ୍ରଶିକ୍ଷଣ ରେ ଯୋଗଦାନ କରିଥିବା ବିଭିନ୍ନ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମାନେ ସମାଜର ପ୍ରଚଳିତ କୁସଂସ୍କାର ବିରୁଦ୍ଧରେ ନେତୃତ୍ୱ ନେବା ଆବଶ୍ୟକ ।

# ପୂର୍ବତନ ମୁଖ୍ୟ ଲିପିକ ନିମାଇଁ ଚରଣ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟରେ ପୂର୍ବତନ ମୁଖ୍ୟ ଲିପିକ ପ୍ରୟାତ ନିମାଇଁ ଚରଣ ମହାନ୍ତିଙ୍କ ଦ୍ୱାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ହୋଟେଲ ଦି ପ୍ୟାଲେସରେ ଅନୁଷ୍ଠିତ ହେଇଯାଇଛି । ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ ଆହୁତ ଶ୍ରାଦ୍ଧଞ୍ଜଳି ସଭାରେ ସଭାପତିତ୍ୱ କରିଥିଲେ ମୁଖ୍ୟ ପୃଷ୍ଠାପୋଷାକ ଅଧ୍ୟାପକ ଅଜୟ ସାମଲ । ନିମାଇଁ ବାବୁଙ୍କ କାର୍ଯ୍ୟ ଦକ୍ଷତା, ନିଷ୍ଠା, ପରୋପକାର ପାଇଁ ପ୍ରସିଦ୍ଧ ଲାଭ କରିଥିଲେ । ଚାକିରୀ ଜୀବନରେ ମଧ୍ୟ ସମାଜ ସେବାକୁ ଭୁଲି ନଥିଲେ । ଜଣେ ବଳିଷ୍ଠ କର୍ମଚାରୀ ନେତା ଭାବରେ ବହୁ ଦିନ ଧରି କର୍ମଚାରୀ ସଂଗଠନର ନେତୃତ୍ୱରେ ଥିଲେ । ଗାଁ ଗଣ୍ଡାରୁ ଆସୁଥିବା ଲୋକଙ୍କୁ ମଧ୍ୟ ଅନେକବାର ସାହାଯ୍ୟ କରିଛନ୍ତି । ସଭାରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ସିପିଆଇ(ଏମ ) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ତାଙ୍କ ସାନଭାଇ ତଥା ପୂର୍ବତନ ଡିଆଇଜି ବଂକିମ ଚନ୍ଦ୍ର ମହାନ୍ତି,ପ୍ରମୁଖ ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଭାପୁର ବ୍ଲକରେ ମହାଦୁର୍ନୀତିର ପୁଣି ଘାଣ୍ଟଚକଟ !

ଭାପୁର,(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ୨୦୧୭-୨୦୨୧ ମସିହା ମଧ୍ୟରେ ହୋଇଥିବା ମହାଦୁର୍ନୀତି ନେଇ ପୁନର୍ବାର ଇ.ଓ.ଡବ୍ଲୁ(ଅର୍ଥନୈତିକ ଅପରାଧିକ ଶାଖା) ପକ୍ଷରୁ ଫାଇଲ ଘାଣ୍ଟିବା ଆରମ୍ଭ କରିଛି । ଏହାକୁ ନେଇ ତତ୍କାଳୀନ ରାଜନେତା ଓ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି । ଭାପୁର ବ୍ଲକ ଗତ କିଛିବର୍ଷ ହେଲା ଦୁର୍ନୀତି ପାଇଁ ରାଜ୍ୟରେ ଚର୍ଚ୍ଚିତ ହୋଇ ରହିଆସିଥିଲେ ମଧ୍ୟ କିଛି ବର୍ଷ ହେଲା ଏହି ଚର୍ଚ୍ଚା କମିଯାଇଥିବାବେଳେ ଇଓଡବଲ୍ୟୁ ପୁନର୍ବାର ଫାଇଲ ଘାଣ୍ଟିବା ଏହି କ୍ଷତକୁ ତାଜା କରିଛି ।

୨୦୧୭-୨୦୨୧ ମସିହା ମଧ୍ୟରେ ଜନୈକା ତତ୍କାଳୀନ ଅଧ୍ୟକ୍ଷାଙ୍କ ଦସ୍ତଖତକୁ ଜାଲ କରାଯାଇ ଉପାଧ୍ୟକ୍ଷ ଓ ଅନ୍ୟମାନଙ୍କ ଦ୍ୱାରା କୋଟିକୋଟି ଟଙ୍କାର ଫଲସ ବିଲ କରାଯାଇଥିବା ଖୋଦ ତତ୍କାଳୀନ ଅଧ୍ୟକ୍ଷା ଏ ନେଇ ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲେ । ଏପରିକି ଜିଲ୍ଲା ପ୍ରଶାସନ ଓ କୋର୍ଟରେ ମଧ୍ୟ ଅଭିଯୋଗ କରିଥିଲେ । ଏ ନେଇ ତତ୍କାଳୀନ ଉପଜିଲ୍ଲାପାଳ ତଥା ବର୍ତ୍ତମାନ ଜିଲ୍ଲା ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସେତେବେଳେ ବ୍ଲକକୁ ଆସି ତଦନ୍ତ କରି ଦସ୍ତଖତ ଜାଲିଆତି ହୋଇଥିବା ଗଣମାଧ୍ୟମ ସମ୍ମୁଖରେ ସ୍ୱୀକାର କରିଥିଲେ । ଏହି ମହାଦୁର୍ନୀତି ପ୍ରାୟ ୮୦ କୋଟି ଟଙ୍କାର ହେବ ବୋଲି ପ୍ରାଥମିକ ଭାବେ କରାଯାଇଥିଲା । ମାତ୍ର ଏ ନେଇ ଲୋକପାଳଙ୍କ ନିକଟରେ ଅଭିଯୋଗ ପରେ ଏହା ୮୦ କୋଟି ନୁହେଁ ଏହା ୨୦୬ କୋଟି ହେବ ବୋଲି ଜଣାପଡିଥିଲା ।

ବର୍ତ୍ତମାନ,ଏହି ମାମଲା ଇଓଡବଲ୍ୟୁ ତଦନ୍ତ ଭାର ନେଇଥିବା ବେଳେ ତଦନ୍ତ ଚାଲୁ ରଖିଛନ୍ତି । ଗତ କିଛି ଦିନ ପୂର୍ବେ ଇଓଡବଲ୍ୟୁ ଅଧିକାରୀ ଭାପୁର ଆସି ବିଡିଓଙ୍କ ଠାରୁ ନିର୍ଦ୍ଦିଷ୍ଟ ବିଷୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ବର୍ତ୍ତମାନ ବ୍ଲକ କର୍ମଚାରୀମାନେ ନିଜର ଚାକିରି ବଞ୍ଚାଇବା ପାଇଁ ଫାଇଲ କାଢି ଇଓଡବଲ୍ୟୁକୁ ଦେବା ପାଇଁ ଝାଳନାଳ ହୋଇ ଚେଷ୍ଟା କରିଚାଲିଛି । ଏ ନେଇ ବ୍ଲକର କୌଣସି କର୍ମଚାରୀ କେହି କିଛି ତଥ୍ୟ ଦେବାକୁ ରାଜି ହୋଇ ନ ଥିବାବେଳେ ବ୍ଲକର ଜଣେ ଉଚ୍ଚପଦାଧିକାରୀ ଏହା 'ଅଫିସିଆଲ ସିକ୍ରେସି' କହିଥିଲେ ହେ ଇଓଡବଲ୍ୟୁ ଫାଇଲ ମାଗିବା କଥା ସ୍ୱୀକାର କରିଥିଲେ । ସେତେବେଳେର ଦୁର୍ନୀତି କରିଥିବା ନେତାମାନେ ବର୍ତ୍ତମାନ ଶାସକ ଦଳରେ ଆଶ୍ରୟ ନେଇଥିବାରୁ ଏହା ଶାସକ ଦଳର ତଣ୍ଟିରେ କଣ୍ଟା ହୋଇ ରହିଥିବା ଆଲୋଚନାର ବିଷୟ ହୋଇଛି । ଏହି ତଦନ୍ତ କେଉଁ ମୋଡ ନେବ ସେ ନେଇ ବ୍ଲକର ସବୁ ଛକ ବଜାରରେ ଚର୍ଚ୍ଚା ଚାଲିଛି ।

# ୩ବର୍ଷ ହେଲା ରାସ୍ତା ମରାମତି ହେଉନାହିଁ, ଦୁର୍ଦ୍ଦଶାରେ ଦୁଇ ବ୍ଲକବାସୀ

ରାୟଗଡା,(ନିପ୍ର ): ତଦାରଖ କରିବାକୁ ନାହାନ୍ତି ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ଜିଲ୍ଲାର ଦୁଇ ବ୍ଲକକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବୃନ୍ଦାବାଡିକୁ ଯାଇଥିବା ଆରଡି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । କାର୍ଯ୍ୟ ଆରମ୍ଭରୁ ଆଜିଯାଏ ପିଚୁ ପଡିନାହିଁ । ବଡ଼ ବଡ଼ ସାଇଜରେ ମେଟାଲ ପକାଯାଇ ସାଇଜ୍‌ରେ ପକାଇ ଥିବାର ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ମରାମତି ସ୍ଥଳରେ ବିଭାଗୀୟ ଯନ୍ତ୍ରୀ ଏବଂ ଠିକା ସଂସ୍ଥାର କେହି କର୍ମଚାରୀ ତଦାରଖ ପାଇଁ ନ ଥିବାରୁ ପେଟି ଠିକାଦାରକୁ ପ୍ରଦାନ କରି କାମ ଏପରି ହେଉଥିବା ଅଭିଯୋଗ ହୋଇଛି ।

ଏଥିଯୋଗୁଁ ରାତିରେ କ'ଣ ଦିନରେ ଯାତାୟାତ ସମୟରେ ଦୁର୍ଘଟଣା ଘଟି ଆହତ ହେଉଛନ୍ତି ବୋଲି ଗ୍ରାମବାସୀମାନେ ପ୍ରକାଶ କରୁଛନ୍ତି । ଏହି ରାସ୍ତା କଲ୍ୟାଣସିଂହପୁର ଠାରୁ ବିଷମ କଟକକୁ ସଂଯୋଗ ହେଉଥିବା ଦୁଇ ବ୍ଲକବାସୀ ଉପକୃତ ହେଉଛନ୍ତି । ବୃନ୍ଦାବାଡି ଓ ପପିକଣା ମଧ୍ୟରେ ବିଶାଖାପାଟଣା ରାୟପୁର ରେଳ ଲାଇନ ରହିଥିବାରୁ ଲୋକଙ୍କ ପାଇଁ ବାଧକ ସାଜିଛି । କିନ୍ତୁ ଲୋକେ ରେଳ ଲାଇନଙ୍କୁ ଖାତିରି ନ କରି ବିପଦ ସଂକୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି । ପ୍ରାୟ ଗୋଟିଏ ବର୍ଷ ହେବ ଅଣ୍ଡର ରୋଡ଼ କରିବା ସମସ୍ତ ବ୍ୟବସ୍ଥା ସରିଥିଲେ ମଧ୍ୟ କାହିଁକି ବିଳମ୍ବ ହେଉଛି କେହି କହି ପାରୁ ନାହାନ୍ତି । ବୃନ୍ଦାବଡି ଗ୍ରାମରୁ ପୂର୍ତ୍ତ ବିଭାଗ ରାସ୍ତାକୁ ମାତ୍ର ଏକ କିମି ରାସ୍ତା ମରାମତି ଅଭାବରୁ ଯାତାୟାତ ଅନୁପଯୋଗୀ ଅବସ୍ଥାରେ ରହିଥିଲା । ଏହି ରାସ୍ତାରେ ପିଚୁପଡିନଥିବାରୁ ମେଟାଲ ଉଠିବା ସହ ଖାଲଖମାରେ ଭିର୍ତ୍ତି ହୋଇଯାଇଥିବା ଦେଖିବାକୁ ମିଳିଛି । ଏହି ରାସ୍ତା ମରାମତି ଲାଗି ବିଭାଗୀୟ ଅଧିକାରୀଙ୍କୁ ବହୁବାର ଲିଖିତ ଅଭିଯୋଗ ପରେ ମଧ୍ୟ କେହି ଶୁଣୁ ନଥିବା ଅଭିଯୋଗ ହୋଇଛି । ଏଣୁ ଜିଲ୍ଲାପାଳ ଦୃଷ୍ଟି ଦେଇ ବିଭାଗ ଅଧିକାରୀଙ୍କୁ ମରାମତି କରିବା ପାଇଁ ନିର୍ଦ୍ଦେଶ ଦେବା ଦାବି କରିଛନ୍ତି । ଏଥିସହ ରେଳ ଲାଇନରେ ଅଣ୍ଡର ପାସ ରାସ୍ତା କରିବା ପାଇଁ ଦାବି ହୋଇଛି ।

# ଶତାଧିକ ମହିଳା କଳସ ଯାତ୍ରାରେ ଭାଗ ନେଲେ

ଗୁଣୁପୁର,(ନିପ୍ର): ସ୍ଥାନୀୟ ଅଧିଷ୍ଠିତା ଦେବୀ ମା ମୁତ୍ୟାଲୁମାଙ୍କ ୨୭ତମ ଶୀତଳ ଚୈତ୍ର ଯାତ୍ରା ଗତକାଲି ଠାରୁ ଆରମ୍ଭ ହୋଇଛି / ସକାଳେ ମାଙ୍କ ପଞ୍ଚାମୃତ ଅଭିଷେକ ହେବା ପରେ ଅଳଙ୍କାର ଦର୍ଶନ ହୋଇଥିଲା । ପରେ ମନ୍ଦିର ପରିସରରେ ଧ୍ୱଜାରୋପଣ ଗଙ୍ଗାଧୀବାସ, ହୋମ ଯଜ୍ଞ ଆରମ୍ଭ କରାଯାଇଥିଲା । ଏହି ଅବସରରେ ପ୍ରେତ୍ୟକ ବର୍ଷ ଭଳି ମାଙ୍କ ଶୀତଳ ନିମନ୍ତେ ଏକ କଳସ ଯାତ୍ରା କରାଯାଇଥିଲା । ଏଥିରେ ମୋତିଲାଲ ନଗର, ଜଗନ୍ନାଥ ନଗର ତଥା ଆଖପାଖ ଅଞ୍ଚଳ ଶତାଧିକ ମହିଳା ଭକ୍ତମାନେ ଏହି କଳସ ଯାତ୍ରାରେ କରାଯାଇଥିଲା ।ଏହି ଯାତ୍ରାରେ ମହିଳାମାନେ ମାଟି କଳସରେ ନିଜ ନିଜ ଗୃହରୁ ହଳଦୀ ପାଣି ସହ ନିମ୍ବପତ୍ର ରଖି ନଗର ପରିକ୍ରମ କରିବା ପରେ ମାଙ୍କ ଠାରେ ଜଳାଭିଷେକ କରିଥିଲେ ।ଏହି ହୋମଯଜ୍ଞ ପୂଜାକୁ ପୂଜକ ଭାବେ ପ୍ରଭାତ କୁମାର ରଥ ଶର୍ମା ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ମନ୍ଦିର ପୂଜକ ଭାବେ ବି କିଶୋର କୁମାର, ଏମ କିଷାନ ଓ ଏମ ରାଜା ପ୍ରମୁଖ ପୂଜା କାର୍ଯ୍ୟ କରିଛନ୍ତି । ଯାତ୍ରା ନିମନ୍ତେ ମନ୍ଦିର ପରିସର ବିଭିନ୍ନ ପ୍ରକାର ସାଜସଜ୍ଜା କରାଯାଇଛି । କମିଟି ପକ୍ଷରୁ ଭକ୍ତଙ୍କ ନିମନ୍ତେ ପ୍ରେତ୍ୟକ ଦିନ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଛି ।

# ଦ୍ୱିତୀୟ ମକର ମହୋତ୍ସବରେ ଖୋଲିଥିଲା ୪୦ ଷ୍ଟଲ

## ଏସଏଚଜି ଓ ଉଦ୍ୟୋଗୀ ବିକ୍ରୟ କଲେ ହସ୍ତଶିଳ୍ପ, ମସଲା, ଘରୋଇ ଉପକରଣ

ପୁରୀ, (ନିପ୍ର): ତାଳବଣିଆ ପଡ଼ିଆ ଠାରେ 'ତାଳବଣିଆ ଉନ୍ନୟନ ପରିଷଦ' ଦ୍ୱାରା ଆୟୋଜିତ ' ୨ୟ ମକର ମହୋତ୍ସବ ' ଦ୍ୱିତୀୟ ଦିନର କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଅଛି । ୨୮ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।ମହୋତ୍ସବର ୨ୟ ସନ୍ଧ୍ୟାରେ ପିପିଲିର ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଶୋଭନା ମହାନ୍ତି - ଅଧ୍ୟକ୍ଷା, ରାଜ୍ୟ ମହିଳା କମିଶନ, ରତ୍ନପ୍ରଭା ପଣ୍ଡା - ସମ୍ପାଦିକା , ମହିଳା ମୋର୍ଚ୍ଚା, ଭାଜପା, ଓଡ଼ିଶା , ବରିଷ୍ଠ ସେବାୟତ ତଥା ଅନୁଷ୍ଠାନର ଅଭ୍ୟର୍ଥନା କମିଟି ଅଧକ୍ଷ ମଧୁସୂଦନ ସିଂହାରୀ, ପୁରୀ ଅର୍ବାନ କୋଅପରେଟିଭ ବ୍ୟାଙ୍କ୍‌ର ନିର୍ଦ୍ଦେଶକ ତଥା ଅନୁଷ୍ଠାନର ସଂଗଠନ ସଭାପତି ଉମାକାନ୍ତ ନାୟକ, ବରିଷ୍ଠ ଆଇନଜୀବୀ ତଥା ଅନୁଷ୍ଠାନର ଅଭ୍ୟର୍ଥନା କମିଟି ଉପ ସଭାପତି ଦିଗଦର୍ଶନ ପଟ୍ଟନାୟକ ପ୍ରମୁଖ ନିଜ ନିଜ ମତ ଉପସ୍ଥାପନ କରିଥିଲେ । ସଭାରେ ଅତିଥି ମାନଙ୍କ ଦ୍ୱାରା ,ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଓ ଅନୁଷ୍ଠାନ ତରଫରୁ ମନୋନୀତ କରାଯାଇଥିବା ଅନେକ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ସଭାପତି ରାଜେଶ କୁମାର ନନ୍ଦ, ଅନୁଷ୍ଠାନ ସଦସ୍ୟ ବିକାଶ ନାୟକ ଓ ବରିଷ୍ଠ ଶିକ୍ଷାବିତ୍ ଜନ୍ମେଜୟ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ । ମହୋତ୍ସବରେ ୨ୟ ଦିନ ମଧ୍ୟ ବ୍ୟବସ୍ଥା ହୋଇଥିବା ୪୦ ଗୋଟି ଷ୍ଟଲରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀମାନେ ନିଜ ନିଜର ହସ୍ତଶିଳ୍ପ, ମସଲା, ଘରୋଇ ଉପକରଣ, ଖେଳନା ଓ ନାନାଦି ସୁଖାଦ୍ୟ କୁ ଉପସ୍ଥିତ ଦର୍ଶକ ଙ୍କୁ ବିକ୍ରି କରିଥିଲେ । ମହୋତ୍ସବର କାର୍ଯକ୍ରମକୁ ଅତି ସୁନ୍ଦର ଭାବରେ ସମ୍ପାଦନ କରିବା ପାଇଁ ତାଳବଣିଆ ଉନ୍ନୟନ ପରିଷଦର ସମସ୍ତ ସଦସ୍ୟ/ସଦସ୍ୟା ଯଥା ବିଶୁଧାନନ୍ଦ ଜେନା, ବିଷ୍ଣୁ ଚରଣ ସ୍ୱାଇଁ, ସଚ୍ଚିଦାନନ୍ଦ ରଥ, କିଶୋର ପ୍ରଧାନ, ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ

କେନ୍ଦ୍ରାପଡ଼ା,(ନିପ୍ର): ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ଭବ୍ୟ ଭାବେ ପାଳିତ ହୋଇଯାଇଛି । ଏହି ଅବସରରେ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ତାଙ୍କ ଅଭିଭାଷଣରେ ସେ ଓଡିଶା ଗଠନରେ ବୀର ପୁତ୍ରମାନଙ୍କ ଅପୂର୍ବ ଅବଦାନକୁ ସ୍ମରଣ କରିବା ସହ ରାଜ୍ୟ ଓ ଜିଲ୍ଲାର ସମଗ୍ର ବିକାଶ ଉପରେ ଜୋର ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ସାଂସଦଙ୍କ ପ୍ରତିନିଧି ଶୋଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, କେନ୍ଦ୍ରାପଡ଼ା ମୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବ କୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲୀକ ଓ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମଞ୍ଚାସୀନ ଥିଲେ । ବିଶିଷ୍ଟ ଶିକ୍ଷାବିଦ ନିରଞ୍ଜନ ମେକାପ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ମାର୍ଶାଘାଇ ମହାବିଦ୍ୟାଳୟର ବରିଷ୍ଠ



ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମଟି ସୁଚାରୁ ଭାବେ ସଞ୍ଚାଳନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ "ମନ କି ବାତ" କାର୍ଯ୍ୟକ୍ରମରେ ଉଲ୍ଲେଖିତ ଚାନ୍ଦୋଳ ଏଚଏନଏସ ମହାବିଦ୍ୟାଳୟର ଛାତ୍ର ଓମ ପ୍ରକାଶ ରଥଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧନା କରିଥିଲେ । ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଆଜିଠାରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା "ଓଡିଆ ପକ୍ଷ"ର ଲୋଗୋ ମୁକ୍ତି କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଧ୍ୟରେ ଦେଶଭକ୍ତି ଓ ଓଡିଆ ଅସ୍ମିତାର ଭାବନାକୁ ଜାଗ୍ରତ କରିଥିଲା ।

# ୯୧ତମ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ୨୦୨୬

କେନ୍ଦ୍ରାପଡା(ନିପ୍ର): ଆଜି କେନ୍ଦ୍ରାପଡ଼ା ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ୯୧ତମ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରୀୟା ଙ୍କ ଉପସ୍ଥିତି ରେ ଏହି ଐତିହାସିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟରେ ଆଇନ ଶୃଙ୍ଖଳାକୁ ଆଖି ଆଗରେ ରଖି ତତ୍କାଳୀନ ଓଡିଶା ସରକାର ୧୯୩୫ ମସିହା ରେ ପୋଲିସ ବାହିନୀ ପ୍ରତିଷ୍ଠା କରିଥିଲେ । ପୋଲିସ ବାହିନୀ ପ୍ରତିଷ୍ଠା ହେବାର ମୂଳ ଲକ୍ଷ୍ୟ ରାଜ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ବ୍ୟକ୍ତିଙ୍କ ସୁରକ୍ଷା ପାଇଁ ମଧ୍ୟ ପୋଲିସ କାମ କରିବ ଓ ଆଜିର ସମାଜରେ ଆମେ ଏବଂ ଆମ ମା ଭଉଣୀ ଶାନ୍ତିରେ ଗମନା ଗମନ କରିପାରୁଛନ୍ତି ।

# ଚଳିତ ବୋର୍ଡ ପରୀକ୍ଷା ଖାତା ମୂଲ୍ୟାଙ୍କନରେ ବ୍ୟାପକ ଅନିୟମିତତା ଅଭିଯୋଗ

## ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଧାମନଗର,(ନିପ୍ର): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାର ମୂଲ୍ୟାଙ୍କନ ପ୍ରକ୍ରିୟା ଏବେ ବିବାଦ ଘେରରେ । ଗତ ଦୁଇ ବର୍ଷ ଧରି ମୂଲ୍ୟାଙ୍କନରେ ସ୍ୱଚ୍ଛତା ରହୁନଥିବା ନେଇ ଅଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । କିଛି ନିର୍ଦ୍ଦିଷ୍ଟ ଶିକ୍ଷକ ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଥିବା ଅଭିଯୋଗ ହେଉଛି । ଧାମନଗର ଅଞ୍ଚଳର ଜଣେ ପ୍ରଶିକ୍ଷକଙ୍କ ସୂଚନା ଅନୁଯାୟୀ, ଗତ ଦଶ ବର୍ଷ ଧରି କିଛି ନିର୍ଦ୍ଦିଷ୍ଟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମୂଲ୍ୟାଙ୍କନ କାର୍ଯ୍ୟରେ ଏକଚାଟିଆ ପ୍ରଭାବ ବିସ୍ତାର କରିଛନ୍ତି । ଅନୈତିକ ଅର୍ଥ କାରବାର ମାଧ୍ୟମରେ କିଛି ଅଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଅଧିକ ମାର୍କ ଦିଆଯାଉଥିବା ନେଇ ପୂର୍ବରୁ ମଧ୍ୟ ଅଭିଯୋଗ ଉଠିଥିଲା । ବିଶେଷ କରି କେନ୍ଦ୍ରାପଡ଼ାର ଜଣେ ପ୍ଲମ୍ବର ଟ୍ରେଡ ପ୍ରଶିକ୍ଷକଙ୍କ ନାମରେ ଗତବର୍ଷ ମାର୍କ ବଣ୍ଟନ ସମ୍ପର୍କିତ ଖାତା ଭାଇରାଲ ହୋଇଥିଲେ ସୁଦ୍ଧା, ବୋର୍ଡ କର୍ତ୍ତୃପକ୍ଷ ତାଙ୍କୁ ଚଳିତ ବର୍ଷ ପୁନର୍ବାର ମୂଲ୍ୟାଙ୍କନ ଦାୟିତ୍ୱ ଦେବା ସନ୍ଦେହକୁ ଦ୍ୱିଗୁଣିତ କରିଛି । ଅଭିଯୋଗ ଅନୁସାରେ, ବୋର୍ଡର ଜଣେ ବରିଷ୍ଠ ଅଧିକାରୀ ଏବଂ ସମ୍ବଲପୁରର ଜଣେ ମହିଳା ପ୍ରଶିକ୍ଷିକାଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଉକ୍ତ ମହିଳା ପ୍ରଶିକ୍ଷିକାଙ୍କ ପ୍ରଭାବରେ ଅନ୍ୟ ସାଧାରଣ ପ୍ରଶିକ୍ଷକମାନେ ଅତିଷ୍ଠ ହୋଇ ପଡ଼ିଛନ୍ତି । କଥା କଥାରେ ଅନ୍ୟମାନଙ୍କୁ ଧମକ ଚମକ ଦେବା ସହ ନିଜ ପସନ୍ଦର ବ୍ୟକ୍ତିମାନଙ୍କୁ ନେଇ ଗୁପ୍ତ ସଭା କରିବା ଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି । କଟକ ବୋର୍ଡ ଅଫିସ ନିକଟସ୍ଥ ଜିଲ୍ଲା ଯଥା- ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ ଓ ଢେଙ୍କାନାଳରେ ଅନେକ ଦକ୍ଷ ପ୍ରଶିକ୍ଷକ ଥିବା ସତ୍ତ୍ୱେ, ସେମାନଙ୍କୁ ଅଣଦେଖା କରାଯାଇଛି । ବୋର୍ଡ କର୍ତ୍ତୃପକ୍ଷ ପ୍ରାୟ ୪୦୦ କିଲୋମିଟର ଦୂର ସମ୍ବଲପୁର ଓ କଳାହାଣ୍ଡି ଭଳି ଅଞ୍ଚଳରୁ ପ୍ରଶିକ୍ଷକମାନଙ୍କୁ ଡକାଇ ସରକାରୀ ଅର୍ଥର ଅପବ୍ୟୟ କରୁଛନ୍ତି । ବିଶେଷ କରି ରିଟେଲ, ଟୁରିଜିମ୍, ପ୍ଲମ୍ବର ଏବଂ ଆଇଟିଟ୍ରେଡ୍ ଗୁଡ଼ିକରେ ବ୍ୟାପକ ଆର୍ଥିକ ଅନିୟମିତତା ହେଉଥିବା ସୂଚନା ମିଳିଛି । ପୂର୍ବରୁ ନିହାର ମହାନ୍ତିଙ୍କ ଭଳି ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପାଇଁ ବୋର୍ଡ ବଦନାମ ହୋଇଥିବା ବେଳେ, ଏବେ ସେକ୍ରେଟାରୀ ଓ ନିର୍ଦ୍ଦିଷ୍ଟ ମହିଳା ପ୍ରଶିକ୍ଷିକାଙ୍କ ଯୋଗୁଁ ବୋର୍ଡର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ସମ୍ବେଦନଶୀଳ ମାମଲାରେ ବୋର୍ଡ ସଭାପତି ତୁରନ୍ତ ହସ୍ତକ୍ଷେପ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି । ଅପରପକ୍ଷେ ଛାତ୍ର ଛାତ୍ରୀଙ୍କ ଖାତା କିପରି ବାହାରକୁ ଆସିଲା ତାହା ତଦନ୍ତ ହେବାର ଆବଶ୍ୟକତା ରହିଥିବା କୁହାଯାଇଛି ।

# ଖଡ଼ିଛୁଆଁ ପ୍ରବେଶ ଉତ୍ସବ ପାଇଁ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ

ରମ୍ଭା,(ନିପ୍ର): ମଥୁରା କ୍ଲଷ୍ଟର ଅଧୀନସ୍ଥ ଭରସା, ମଥୁରା, ସୋଲବନ୍ଧ କନକା କ୍ଲଷ୍ଟର ଅଧୀନସ୍ଥ ଡିମିରିଆ, ପିତା ଗାଡ଼ିଆ, ଗୁହାରିଆ ପାଟ ଆଶ୍ରମ ବିଦ୍ୟାଳୟ, ସାନଘାଟି, ନୂତନ ବରପଲ୍ଲୀ, ସମଲ ଆଦି ଗ୍ରାମରେ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଶିଶୁ ବାଟିକା, ଛଅ ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ସକାଶେ ଖଲ୍ଲିକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ସାମଲ, ବି ଆର ସି ସି ସୁଷମା ଶବର, ସି ଆର ସି ସି ଶୁଭେନ୍ଦୁ ରାଉତ, ଡକ୍ଟର ଦ୍ୱାରିକାନାଥ ମହାରଣା, ଶିକ୍ଷକ ପ୍ରଫୁଲ୍ଲ ଶବର, କମଳଜିତ ତ୍ରିପାଠୀ, ସୁରଥ ଦାସ, ସୁନୀଲ କୁମାର ବାଡତ୍ୟା, ସୁକାନ୍ତ ଦାଶ, ବିଦ୍ୟାଧର ଜାଲି, ଶିକ୍ଷୟିତ୍ରୀ ବିଦ୍ୟୁତ ପ୍ରଭା ଦାଶ, ଲଳିତା ନନ୍ଦ, ତପସ୍ୱିନୀ ଜାନି, ରେଣୁକା ବେହେରା, ଲଳିତା ଶବର, ଉର୍ମିଳା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପାତ୍ର, ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ପରିକ୍ରମା କରି ଅଭିଭାବକ ଅଭିଭାବିକାଙ୍କୁ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବୁଝାଇଥିଲେ । ବହୁବିଧ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ ।

# ମାଆ ଦଣ୍ଡକାଳୀଙ୍କ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ

ଆସିକା,(ନିପ୍ର): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଆସିକା ପୌର ପରିଷଦ ଅଧୀନ ସୁନାମ୍ବ ସାହି ବିଜେ ମା ଦଣ୍ଡକାଳୀଙ୍କ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି । ଦୀର୍ଘ ୧୨ ଦିନ ଧରି ଚାଲିବାକୁ ଥିବା ଏହି ଦଣ୍ଡଯାତ୍ରାରେ ମାନସିକଧାରୀ ଶତାଧିକ ଦଣ୍ଡୁଆ ସାମିଲ ହୋଇଥିବା ଜଣାପଡିଛି ।ବୁଧୁବାର ଭୋର ସମୟରୁ ଆସିକା ଦଣ୍ଡକାଳୀ ମନ୍ଦିରରେ ମାନସିକଧାରୀ ଦଣ୍ଡୁଆମାନେ ଏକତ୍ରିତ ହୋଇ ସଂକଳ୍ପ, ପୂଜାର୍ଚ୍ଚନା ଓ ଅଗ୍ନିପୂଜା ସାରି ପବିତ୍ର ଋଷିକୂଲ୍ୟା ନଦୀରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଶରୀରରେ ପଇତା ପକାଇ ଦଣ୍ଡକାଳୀଙ୍କୁ ସାଙ୍ଗରେ ଧରି ଢୋଲ ମୃଦଙ୍ଗର ତାଳେ ତାଳେ ଗ୍ରାମ୍ୟ ପରିକ୍ରମା କରିଥିଲେ । ଦଣ୍ଡଯାତ୍ରା ଶୁଭାରମ୍ଭ ଅବସରରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁ ଭକ୍ତଙ୍କ ପ୍ରବଳ ଭିଡ ଜମିଥିବା ବେଳେ ପ୍ରଥମ ଦିବସରେ ବଜ୍ରାରସାହି ସ୍ଥିତ ଦଣ୍ଡ ରେଡ୍ଡି ମାନସିକଧାରୀ ବାସଭବନ ନିକଟରେ ଦଣ୍ଡଦଳ ଦଣ୍ଡ ଭାଙ୍ଗିଥିଲେ । ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିବା ବେଳେ ଅପରାହ୍ନରେ ଧୂଳିଦଣ୍ଡ, ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ଭାଙ୍ଗିବା ପରେ ରାତ୍ରରେ ଯାତ୍ରା ଜଗତର ସୁପରିଚିତ ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ପୋଲାଇଙ୍କ ନିର୍ଦ୍ଦେଶନାରେ ମହାନ ପୌରାଣିକ ନାଟକ ମିଛୁଆ ଚଢେୟା ଗପ ସରିଲା ପରିବେଷଣ କରାଯାଇଥିଲା । ଏହି ସାମାଜିକ ନାଟକକୁ ଦେଖିବା ଲାଗି ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର ଯୁବଗୋଷ୍ଠୀ ଉତ୍ସାହିତ ହୋଇପଡିଥିଲା ବେଳେ ଦଣ୍ଡଯାତ୍ରା ପାଇଁ ଆସିକା ସହର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

# ବଟ ଗୋସେଇଁ ପୀଠରେ ମାଇପି ମେଳା

## ଗୁହାରିଆ ପଡିଲେ ଶତାଧିକ ମାନସିକଧାରୀ ମହିଳା



ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତର କାନପୁର ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରସିଦ୍ଧ ଶ୍ରୀ ବଟ ଗୋସେଇଁ ପୀଠରେ ମାଇପି ମେଳା ଯାତ୍ରା ଆୟୋଜିତ ହୋଇଯାଇଛି । ବଟ ଗୋସେଇଁଙ୍କ ପୀଠରେ ଶତାଧିକ ମାନସିକଧାରୀ ମହିଳା ମାନସିକରଖି ଗୁହାରିଆ ପଡିଛନ୍ତି । ପ୍ରତିବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ଶିବ ଓ ବିଷ୍ଣୁଙ୍କ ଦମନକ ଚତୁର୍ଦ୍ଦଶୀ ତିଥିରେ ଏହି ମେଳା ଆୟୋଜିତ ହୋଇଥାଏ । ଏଠାରେ କେଉଁ ଆବାହନ କାଳରୁ ଗୋଟିଏ ବଟ ବୃକ୍ଷ ମୂଳରେ ଦୁଇଟି କଠଉ, ବନ ବିହାରୀ ବୃକ୍ଷକୁ ନିରାକାର ବିଷ୍ଣୁ ଭାବରେ ପୂଜାର୍ଚ୍ଚନା କରାଯାଇଆସୁଛି । ଏହି ପୀଠରେ ଥିବା ହୁଙ୍କା ଭିତରକୁ ନାଗସାପ ଯାଆସ କରିବାକୁ ଏକ ସୁଡଙ୍ଗ ରହିଅଛି । ନିମାପଡା, ଗୋପ, ନିଆଳି ଓ କାକଟପୁର ବ୍ଲକ ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ମେଳାକୁ ଆସି ଠାକୁରଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥାନ୍ତି । ନିଃସନ୍ତାନ ଓ ଦୂରାରୋଗ୍ୟ ଆରୋଗ୍ୟ ପାଇଁ ଶତାଧିକ ମାନସିକ ରଖି ମହିଳା ଓ ପୁରୁଷ ମାନେ ଆସି ମେଳାର ପୂର୍ବଦିନ ସୋମବାର ରାତ୍ରରେ ପୀଠରେ ଗୁହାରିଆ ପଡିଥାନ୍ତି । ଆଜି ମଙ୍ଗଳବାର ମଧ୍ୟାହ୍ନ ୧୨ ଟା ସମୟରେ କୋଠଭୋଗ ସରିବା ପରେ ମୁଖ୍ୟ ପୂଜକ ମାନସିକଧାରୀଙ୍କ ନିକଟରେ ପଂହଚି ଠାକୁରଙ୍କ ପୂଜା ଜଳ ଛିଂଚି ଜଳ ତୁଳସୀ ପାଦୁକା ଓ ପଣା ପିଇବାକୁ ଦେବା ପରେ ଅଧିଆ ପଡିଥିବା ମାନସିକଧାରୀ ମହିଳାମାନେ ଉଠିଥିଲେ । ଏହି ପୀଠରେ ଗୁହାରିଆ ପଡିଲେ ନିସନ୍ତାନ ମହିଳାମାନେ ସନ୍ତାନ ପ୍ରାପ୍ତି ହେବା ସହିତ ବିଭିନ୍ନ ଦୂରାସାଧ୍ୟ ରୋଗ୍ୟ ଦୂର ହୋଇଥାଏ ବୋଲି ଲୋକଙ୍କ ମଧ୍ୟରେ ଦୃଢ ବିଶ୍ୱାସ ରହିଛି । ମୁଖ୍ୟ ପୂଜକ କ୍ଷୀରୋଦ ଚନ୍ଦ୍ର ଦାଶ,ଦୀପକ କୁମାର ଦାଶ ପ୍ରମୁଖ ପୂଜକମାନେ ଠାକୁରଙ୍କ ନିତୀକାନ୍ତି ସେବା କରିଥିଲେ । ପୂଜା ସମୟରେ ସୁଡଙ୍ଗ ମଧ୍ୟରେ ନାଗସାପ ଦୃଶ୍ୟମାନ ହୋଇଥାଏ ବୋଲି ପୂଜକ କହିଛନ୍ତି । ଶ୍ରୀ ବଟ ଗୋସେଇଁ ମାଇପି ମେଳା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଏହି ମେଳା ପ୍ରତିବର୍ଷ ଆୟୋଜିତ ହୋଇଥାଏ । ମେଳାସ୍ଥଳରେ ପୀତବାସ ସାହୁ ମେମୋରିଆଲ ଟ୍ରଷ୍ଟ ତରଫରୁ ଭକ୍ତଙ୍କୁ ଖେଚୋଡି ଓ ସେଲ୍ସ ଏମ ପାୱାର ମେଂଟ ଗ୍ରୁପ ତରଫରୁ ପାନୀୟ ଜଳ ବଂଟନ କରାଯାଇଥିଲା । ଉକ୍ତ ପୀଠକୁ ଯାତାୟତ ପାଇଁ ଭଲ ରାସ୍ତା ଓ ଏଠାରେ ପିଇବା ପାଣି ନଥିବାରୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଟ୍ରଷ୍ଟର କର୍ମକର୍ତ୍ତା ମାନେ ଦାବୀ କରିଛନ୍ତି । ପରିଚାଳନା କମିଟିର ସଭାପତି ଗୋପବନ୍ଧୁ ଲେଙ୍କା,ସଂପାଦକ ଭାସ୍କର ସ୍ୱାଇଁ,କୋଷାଧ୍ୟକ୍ଷ ଭରତ ପ୍ରଧାନ,ସଦସ୍ୟ ସୁଶାନ୍ତ କୁମାର ବେହେରା,ଯୁଧିଷ୍ଠିର ନାୟକ,ଟ୍ରଷ୍ଟର ସଭାପତି ଆଇନଜୀବୀ ସୁଧିର କୁମାର ମହାନ୍ତି ଓ ସଂପାଦକ ଆଇନଜୀବୀ ରଣଜିତ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀମାନେ ରହି ସହଯୋଗ କରିଥିଲେ ।

# ସୁଭଦ୍ରା ଶକ୍ତିମେଳା ଉଦ୍ଯାପିତ




କେନ୍ଦ୍ରାପଡ଼ା, (ନିପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆ ଠାରେ ୨୪ ମାର୍ଚ୍ଚରୁ ଆରମ୍ଭ ହୋଇଥିବା ସୁଭଦ୍ରା ଶକ୍ତିମେଳା ଗତକାଲି ଉଦଯାପିତ ହୋଇଯାଇଛି । ଏହି ମେଳା ମହିଳା ସଶକ୍ତିକରଣ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର କୌଶଳ, ସୃଜନଶୀଳତା ଓ ଆର୍ଥିକ ସ୍ୱାବଲମ୍ବନକୁ ପ୍ରଚାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ପରିଗଣିତ ହୋଇଛି । ଉଦଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଓ ଡିପିସି ମିଶନ ଶକ୍ତି ଆରତୀ ସାହୁ ଉପସ୍ଥିତ ଥିଲେ । ସମଗ୍ର ମେଳା ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ବଜାର ସଂଯୋଗ, କୌଶଳ ପ୍ରଦର୍ଶନ ଓ ଆର୍ଥିକ ସଶକ୍ତିକରଣରେ ଏକ ସଫଳ ମଞ୍ଚ ରୂପେ ପ୍ରମାଣିତ ହୋଇଛି ।

ତିଥି :(ପୂର୍ଣ୍ଣିମା): (ହସ୍ତା କନ୍ୟା)
ଅମୃତ ବେଳା:ରାତ୍ରୀ ଘ ୧।୮ ଗତେ ଘ ୩।୩୨ ମଧ୍ୟେ

## ଆଜିର ଅନୁଚିନ୍ତନ

ସେହି ଭକ୍ତମାନଙ୍କ ପ୍ରତି କୃପା କରିବା ପାଇଁ ସେମାନଙ୍କ ସ୍ୱରୂପରେ ସ୍ଥିତ ମୁଁ ସେମାନଙ୍କ ଅଜ୍ଞାନଜନିତ ଅନ୍ଧକାରକୁ ଦେଦୀପ୍ୟମାନ ଜ୍ଞାନଦୀପ ଦ୍ୱାରା ନଷ୍ଟ କରିଦିଏ ।। - ଶ୍ରୀମଦ୍ ଭଗବଦ୍ ଗୀତା

# ନକ୍ସଲ ବନାମ ବିକାଶ

ପ୍ରଧାନମନ୍ତ୍ରୀଙ୍କ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସର ସ୍ୱପ୍ନ ସାମଗ୍ରିକ ବିକାଶ ଆଧାରିତ। ଏହି ବିକାଶ ନକ୍ସଲବାଦ ସହ କେବେହେଲେ ଚାଲିପାରେନାହିଁ। ବିକାଶ ନକ୍ସଲବାଦକୁ ଘୋର ବିରୋଧ କରିଥାଏ। ଏହି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମିତ୍ତ ନକ୍ସଲଙ୍କ ମୂଳୋତ୍ପାଟନ ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହ ଯେଉଁ ବଜ୍ର ଆହ୍ୱାନ ଦେଇଥିଲେ ତାହା ଆପାତତଃ ସଫଳ ହୋଇଛି। ବନ୍ଧୁକ ଓ ବିକାଶ ମଧ୍ୟରୁ ବିକାଶ ହିଁ ସବା ଆଗରେ ରହିଛି।

ଦେଶ ସ୍ୱାଧୀନତା ପରଠାରୁ ନକ୍ସଲବାଦ ବିକାଶ ପ୍ରକ୍ରିୟାରେ ଯେଉଁ ବାଧା କ୍ରମାଗତ ଭାବରେ ସୃଷ୍ଟି କରିଆସୁଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି ଏବଂ ଲୋକେ ଗଣତାନ୍ତ୍ରିକ ଶାସନ ଉପରେ ଅଧିକ ଆସ୍ଥାଭାଜନ ହୋଇପାରିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ଠାରୁ ଯେଉଁ ପ୍ରମୁଖ ଦଳ ଦୀର୍ଘକାଳ ଶାସନ ଗାଦିରେ ଥିଲା ଏ ଦିଗରେ ସଫଳକାମ ହୋଇପାରିନଥିଲା, ତାହା ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ବାସ୍ତବତାରେ ପରିଣତ କରିଛନ୍ତି। ଓଡ଼ିଶା ପରିପ୍ରେକ୍ଷୀରେ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଗତ ଦୁଇ ବର୍ଷରେ ୮ଶହରୁ ଅଧିକ ନକ୍ସଲଙ୍କ ସାଙ୍ଗକୁ ଗ୍ରାମୀଣ ସମର୍ଥକ(ମିଲିସିଆ) ଆତ୍ମସମର୍ପଣ କରିବା ପଛରେ ସରକାରଙ୍କ ଆକର୍ଷଣୀୟ ପୁନର୍ବାସ ନୀତି ହିଁ ଦାୟୀ ବୋଲି କୁହାଯାଇପାରେ। ତା ସାଙ୍ଗକୁ ସୁରକ୍ଷା ବାହିନୀ ପକ୍ଷରୁ ନିରନ୍ତର ପ୍ରଯୁକ୍ତି ଆଧାରିତ ରଣକୌଶଳ ଆପଣାଯିବା ଫଳରେ ସଫଳତା ଆଶାନୁରୂପ ହୋଇଛି। ଦିନେ ଯେଉଁ ଶୀର୍ଷସ୍ତରୀୟ ନକ୍ସଲମାନେ ଆତଙ୍କ ରଚାଉଥିଲେ ସେମାନେ ଦୁର୍ବଳ ହୋଇପଡ଼ିବା ପଛରେ ଯେଉଁ କେତେକ କାରଣ ଦାୟୀ ତାହା ହେଉଛି ଯେବେ ଶୀର୍ଷସ୍ତରୀୟ ନକ୍ସଲ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ନିହତ ହୁଅନ୍ତି ସେମାନଙ୍କ ସ୍ଥାନ ଅନ୍ୟ କେହି ପ୍ରାୟତଃ ତୁଲାଇପାରନ୍ତି ନାହିଁ। ତେଣୁ ତଳସ୍ତର ନକ୍ସଲ ଅସହାୟ ମଣନ୍ତି। ପୁଣି ରାଜ୍ୟଭିତ୍ତିକ ସାଂଗଠନିକ ବିଦ୍ୱେଷ ମଧ୍ୟ ରହିଛି। ଅର୍ଥାତ୍ ତେଲୁଗୁ ଓ ଓଡ଼ିଆ ନକ୍ସଲଙ୍କ ବାଛବିଚାର ହେତୁ ସଂଗଠନ ମଧ୍ୟରେ ବିବାଦ ଓ ତିକ୍ତତା ବୃଦ୍ଧି ପାଏ। ଯାହାଦ୍ୱାରା ସେଥିରେ ବୀତସ୍ପୃହ ହୋଇ ଆତ୍ମସମର୍ପଣ କରିବାକୁ ସେମାନେ ଆଗ୍ରହ ପ୍ରକାଶ କରନ୍ତି। ଦିନେ ଉପାନ୍ତ ଓ ଦୁର୍ଗମ ଅଞ୍ଚଳର ଲୋକେ ରାସ୍ତା, ବିଦ୍ୟୁତ୍ ଓ ଅନ୍ୟାନ୍ୟ ମୌଳିକ ସେବା ପାଇବା ନେଇ ହଇରାଣ ହରକତ ହେଉଥିଲେ, ଏସବୁ ସେବା ସାଙ୍ଗକୁ ମାଗଣା ସ୍ୱାସ୍ଥ୍ୟସେବା ପାଇବା ଫଳରେ ସରକାରଙ୍କ ଉପରେ ସେମାନଙ୍କ ବିଶ୍ୱାସ ବଢି ନକ୍ସଲଙ୍କ ଉପରୁ ହଟିବା ସ୍ୱାଭାବିକ ଥିଲା।

ଗତ ପ୍ରାୟ ୧୫ବର୍ଷ ତଳେ ଆମ ରାଜ୍ୟରେ ନକ୍ସଲଙ୍କ ପ୍ରାଦୁର୍ଭାବରେ ବର୍ଷକୁ ୩୦ ରୁ ୪୦ ଜଣ ନିରୀହ ଲୋକଙ୍କ ଜୀବନ ଯାଉଥିଲା। ଏହି ନିରୀହ ଲୋକମାନଙ୍କୁ ନକ୍ସଲ ପୋଲିସ ଇନ୍‌ଫରମର ଭାବରେ ନାମିତ କରୁଥିଲେ ଏବଂ ପରବର୍ତ୍ତୀ ସମୟରେ ଜୀବନ ନେଉଥିଲେ। ଏବେ ଆଉ ସେହି ସ୍ଥିତି ନାହିଁ। ନକ୍ସଲ ବିଚାରଧାରାର ଅନାବଶ୍ୟକତାକୁ ଲୋକେ ବୁଝିପାରିବା ଫଳରେ ହିଂସା ଓ ରକ୍ତପାତର ଅବସାନ ଘଟିଛି। ଯେଉଁମାନେ ଜିଦ୍‌ଖୋରତା କାରଣରୁ ଆତ୍ମସମର୍ପଣ କରିପାରିନାହାନ୍ତି, ସେମାନଙ୍କୁ ଆଉ ନିସ୍ତାର ନାହିଁ। ତେବେ ଯେଉଁ ସବୁ ଅଞ୍ଚଳ ଏବେ ବି ପଛୁଆ ତଥା ଅନଗ୍ରସର ରହିଛି ତାହାର ଯଥୋଚିତ ବିକାଶ ଦିଗରେ ରାଜ୍ୟ ସରକାର ତ୍ୱରିତ୍ ପଦକ୍ଷେପ ନିଅନ୍ତୁ, ଏ ଦିଗରେ ବିଳମ୍ବ କରା ନ ଯାଉ।

“

**ଏଲପିଜିର ମହଜୁଦ ଏବଂ କଳାବଜାରୀ ରୋକିବା ପାଇଁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଚଢାଉ ଜାରି ରହିଛି। ଏପର୍ଯ୍ୟନ୍ତ ପ୍ରାୟ ୨୯୦୦ ଚଢାଉ କରାଯାଇଛି ଏବଂ ୨୮ ମାର୍ଚ୍ଚରେ ପ୍ରାୟ ୧୦୦୦ଟି ସିଲିଣ୍ଡର ଜବତ କରାଯାଇଛି। ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀର ଅଧିକାରୀମାନେ ନିକଟରେ ଦେଶବ୍ୟାପୀ ୧୨୦୦ରୁ ଅଧିକ ଖୁଚୁରା ବିକ୍ରୟ କେନ୍ଦ୍ର ଏବଂ ଏଲପିଜି ବିତରକ କେନ୍ଦ୍ରରେ ଅଚାନକ ଯାଞ୍ଚ କରିଥିଲେ। ଏସବୁ ପଦକ୍ଷେପ ଦ୍ୱାରା ସୁଗମ ଯୋଗାଣ ସୁନିଶ୍ଚିତ ହୋଇପାରିବ ଏବଂ ଗଚ୍ଛିତ ଏବଂ କଳାବଜାରୀର ଘଟଣାର ତଦନ୍ତକରାଯାଇପାରିବ। ତୈଳ ବିପଣନ କମ୍ପାନୀମାନେ ଆଜି ପର୍ଯ୍ୟନ୍ତ ପ୍ରାୟ ୪୮୦ ଟି ଏଲପିଜି ବିତରକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।**

# ପେଟ୍ରୋଲିୟମ ଉତ୍ପାଦ ଓ ଏଲ୍‌ପିଜିର ଅବିରତ ଯୋଗାଣ

ଅତ୍ୟାବଶ୍ୟକ ସାମଗ୍ରୀ ଆଇନ, ୧୯୫୫ ଏବଂ ଏଲପିଜି ନିୟନ୍ତ୍ରଣ ଆଦେଶ, ୨୦୦୦ ଅନୁଯାୟୀ, ରାଜ୍ୟ ସରକାରଙ୍କୁ ମହଜୁଦ ଏବଂ କଳାବଜାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କ୍ଷମତା ଦିଆଯାଇଛି। ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସରକାରଙ୍କୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଉପରେ ନଜର ରଖିବା ଏବଂ ନିୟନ୍ତ୍ରଣ କରିବାରେ ପ୍ରାଥମିକ ଭୂମିକା ଗ୍ରହଣ କରିବାକୁ ପଡିବ। ଭାରତ ସରକାର ବିଭିନ୍ନ ଚିଠି ଏବଂ ଭିଡିଓ ବାର୍ତ୍ତା ମାଧ୍ୟମରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏହା ପୁନର୍ବାର ଦୋହରାଇଛନ୍ତି। ସମସ୍ତ ମୁଖ୍ୟ ସଚିବ, ଏବଂ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସଚିବ/ପ୍ରମୁଖ ସଚିବ/ଖାଦ୍ୟ ଏବଂ ନାଗରିକ ଯୋଗାଣ ସଚିବଙ୍କୁ ଏହି ସମ୍ପର୍କରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।
ସଠିକ୍ ସୂଚନାର ପ୍ରସାରଣ ଏବଂ ଗୁଜବ ରୋକିବା ପାଇଁ ଭାରତ ସରକାର ୨୭ ମାର୍ଚ୍ଚ, ୨୦୨୬ ତାରିଖରେ ଏକ ଚିଠି ମାଧ୍ୟମରେ ପୁଣି ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ପ୍ରତିଦିନ ପ୍ରେସ୍ ରିଲିଜ୍ ଜାରି କରିବାକୁ ଅନୁରୋଧ କରିଛନ୍ତି, ଏବଂ ସୋସିଆଲ୍ ମିଡିଆ ଏବଂ ଇଲେକ୍ଟ୍ରୋନିକ୍ ମିଡିଆରେ ସକ୍ରିୟ ଭାବରେ ଅପଡେଟ୍ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ବର୍ତ୍ତମାନ, ୧୪ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ପ୍ରତିଦିନ ପ୍ରେସ୍ ରିଲିଜ୍ ଜାରି କରୁଛନ୍ତି।
ଏଲପିଜିର ମହଜୁଦ ଏବଂ କଳାବଜାରୀ ରୋକିବା ପାଇଁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଚଢାଉ ଜାରି ରହିଛି। ଏପର୍ଯ୍ୟନ୍ତ ପ୍ରାୟ ୨୯୦୦ ଚଢାଉ କରାଯାଇଛି ଏବଂ ୨୮ ମାର୍ଚ୍ଚରେ ପ୍ରାୟ ୧୦୦୦ଟି ସିଲିଣ୍ଡର ଜବତ କରାଯାଇଛି। ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀର ଅଧିକାରୀମାନେ ନିକଟରେ ଦେଶବ୍ୟାପୀ ୧୨୦୦ରୁ ଅଧିକ ଖୁଚୁରା ବିକ୍ରୟ କେନ୍ଦ୍ର ଏବଂ ଏଲପିଜି ବିତରକ କେନ୍ଦ୍ରରେ ଅଚାନକ ଯାଞ୍ଚ କରିଥିଲେ। ଏସବୁ ପଦକ୍ଷେପ ଦ୍ୱାରା ସୁଗମ ଯୋଗାଣ ସୁନିଶ୍ଚିତ ହୋଇପାରିବ ଏବଂ ଗଚ୍ଛିତ ଏବଂ କଳାବଜାରୀର ଘଟଣାର ତଦନ୍ତ କରାଯାଇପାରିବ। ତୈଳ ବିପଣନ କମ୍ପାନୀମାନେ ଆଜି ପର୍ଯ୍ୟନ୍ତ ପ୍ରାୟ ୪୮୦ ଟି ଏଲପିଜି ବିତରକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।
ଏହି ଯୁଦ୍ଧ ଭଳି ପରିସ୍ଥିତି ସତ୍ତ୍ୱେ, ସରକାର ଘରୋଇ ଏଲପିଜି ଏବଂ ପିଏନଜିକୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି ତଥା ହସ୍ପିଟାଲ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଉଚ୍ଚ ପ୍ରାଥମିକତା ଦେଇଛନ୍ତି। ସରକାର ଯୋଗାଣ ଏବଂ ଚାହିଦା ଉଭୟ କ୍ଷେତ୍ରରେ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରିସାରିଛନ୍ତି, ଯେଉଁଥିରେ ରିଫାଇନାରୀ ଉତ୍ପାଦନ ବୃଦ୍ଧି କରିବା, ବୁକିଂ ବ୍ୟବଧାନକୁ ବୃଦ୍ଧି କରିବା (ସହରାଞ୍ଚଳରେ ୨୧ ରୁ ୨୫ ଦିନ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପର୍ଯ୍ୟନ୍ତ) ଏବଂ ଯୋଗାଣ ପାଇଁ ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକୁ ପ୍ରାଥମିକତା ଦେବା ଅନ୍ତର୍ଭୁକ୍ତ। ଏଲପିଜି ଚାହିଦା ଉପରେ ଚାପ କମ୍ କରିବା ପାଇଁ, କିରୋସିନ ଏବଂ କୋଇଲା ଭଳି ବିକଳ୍ପ ଇନ୍ଧନ ବିକଳ୍ପ ପ୍ରଚଳନ କରାଯାଇଛି। ଘରୋଇ ଏବଂ ବାଣିଜ୍ୟିକ ଗ୍ରାହକ ଉଭୟଙ୍କ ପାଇଁ ନୂତନ ପିଏନଜି ସଂଯୋଗ ଯୋଗାଇବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି।
ସରକାର ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଛନ୍ତି। ଆତଙ୍କିତ ହୋଇ ପେଟ୍ରୋଲ ଏବଂ ଡିଜେଲ କିଣିବା ଏବଂ ଶୀଘ୍ର ଏଲ୍‌ପିଜି ବୁକିଂ କରିବାରୁ ନିବୃତ୍ତ ରହିବାକୁ ଲୋକମାନଙ୍କୁ ସରକାର ପରାମର୍ଶ ଦେଇଛନ୍ତି। ଏହାସହିତ ନାଗରିକମାନଙ୍କୁ




ଗୁଜବ ପ୍ରତି ସତର୍କ ରହିବାକୁ ଏବଂ ସଠିକ୍ ସୂଚନା ପାଇଁ ସରକାରୀ ଉତ୍ସ ଉପରେ ନିର୍ଭର କରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ଡିଜିଟାଲ ମୋଡ଼ରେ ଏଲପିଜି ବୁକିଂ ପାଇଁ ପରାମର୍ଶ ଦିଆଯାଇଛି। ନାଗରିକମାନଙ୍କୁ ପିଏନଜି, ଇଣ୍ଡକ୍ସନ/ଇଲେକ୍ଟ୍ରିକ୍ କୁକଟପ୍ ଇତ୍ୟାଦି ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି।
ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ଉପସାଗରୀୟ ଅଞ୍ଚଳରେ କାର୍ଯ୍ୟରତ ଭାରତୀୟ ଜାହାଜ ଏବଂ ନାବିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ ଏହି ଅଞ୍ଚଳରେ ଉପସ୍ଥିତ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି ଓ ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ପତାକା ଲାଗିଥିବା ଜାହାଜ ସହିତ କୌଣସି ଘଟଣା ଘଟିଥିବାର ରିପୋର୍ଟ ମିଳିନାହିଁ। ପ୍ରାୟ ୯୪୦୦୦ ମେଟ୍ରିକ୍ ଟନ୍ ଏଲପିଜିର ମିଳିତ ମାଲବାହୀ ବହନ କରୁଥିବା ଦୁଇଟି ଏଲପିଜି ବାହକ ଜାହାଜ ଏହି ଅଞ୍ଚଳକୁ ସୁରକ୍ଷିତ ଭାବରେ ଅତିକ୍ରମ କରି ଭାରତୀୟ ଉପକୂଳ ଅଭିମୁଖେ ଯାତ୍ରା କରିଥିବା ପ୍ରକାଶ। ଜାହାଜ ଚଳାଚଳ ନିର୍ଦ୍ଦେଶାଳୟ (ଡିଜି ଜାହାଜ ଚଳାଚଳ) ଜାହାଜ ମାଲିକ, ଆରପିଏସଏଲ୍ ଏଜେନ୍ସି ଏବଂ ଭାରତୀୟ ଦୂତାବାସ ସହିତ ସମନ୍ୱୟ ରଖି ପରିସ୍ଥିତି ଉପରେ ସକ୍ରିୟ ଭାବରେ ନଜର ରଖିଛି। ଜାହାଜ ଚଳାଚଳ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟିଆ କାର୍ଯ୍ୟ କରୁଛି ଏବଂ କାର୍ଯ୍ୟକ୍ଷମ ହେବା ପରଠାରୁ ୪୫୨୩ କଲ୍ ଏବଂ ୮,୯୮୫ ଇମେଲର ଉତ୍ତର ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୯୨ କଲ୍ ଏବଂ ୧୨୦ ଇମେଲ ଗ୍ରହଣ କରାଯାଇଛି। ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟ ଏପର୍ଯ୍ୟନ୍ତ ୯୪୨ ରୁ ଅଧିକ ଭାରତୀୟ ନାବିକଙ୍କୁ ସୁରକ୍ଷିତ ସ୍ୱଦେଶ ଫେରାଇ ଆଣିଛି, ଯେଉଁଥିରେ ଗତ ୨୪ ଘଣ୍ଟାରେ ୪ ଜଣ ନାବିକ ମଧ୍ୟ ସାମିଲ ଅଛନ୍ତି। ସାରାଦେଶରେ ବନ୍ଦର କାର୍ଯ୍ୟ ସ୍ୱାଭାବିକ ଭାବରେ ଜାରି ରହିଛି ଏବଂ କୌଣସି ସ୍ଥାନରେ କୌଣସି ଭିଡ଼ ରିପୋର୍ଟ ହୋଇନାହିଁ। ନାବିକଙ୍କ କଲ୍ୟାଣ ଏବଂ ସୁଗମ ସାମୁଦ୍ରିକ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ମନ୍ତ୍ରଣାଳୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଭାରତୀୟ ଦୂତାବାସ ଏବଂ ସାମୁଦ୍ରିକ କ୍ଷେତ୍ରର ଅଂଶୀଦାରମାନଙ୍କ ସହିତ ସମନ୍ୱୟ ଜାରି ରଖିଛି।
ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଉପସାଗର ଏବଂ ପଶ୍ଚିମ ଏସିଆ କ୍ଷେତ୍ରରେ ବିକଶିତ ପରିସ୍ଥିତି ଉପରେ କଡ଼ା ନଜର ରଖିଛି, ଯେଉଁଠାରେ ଭାରତୀୟ ସମ୍ପ୍ରଦାୟର ସୁରକ୍ଷା, ସୁରକ୍ଷା ଏବଂ କଲ୍ୟାଣ ସର୍ବୋପରି ପ୍ରାଥମିକତା ରହିଛି। ଭାରତୀୟ ନାଗରିକ ଏବଂ ସେମାନଙ୍କ ପରିବାରକୁ ସହାୟତା କରିବା ପାଇଁ ଏକ ଉତ୍ସର୍ଗୀକୃତ ସ୍ୱତନ୍ତ୍ର ନିୟନ୍ତ୍ରଣ କାର୍ଯ୍ୟକ୍ଷମ ଅଛି, ଏବଂ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହିତ ନିୟମିତ ସମନ୍ୱୟ ବଜାୟ ରଖାଯାଇଛି। ସମଗ୍ର ଅଞ୍ଚଳରେ ଅବସ୍ଥିତ ମିଶନ ଏବଂ ଦୂତାବାସଗୁଡ଼ିକ ୨୪ ଘଣ୍ଟା କାର୍ଯ୍ୟ କରୁଛନ୍ତି, ୨୪/୭ ହେଲ୍ପଲାଇନ୍ ସେବା ପରିଚାଳନା କରୁଛନ୍ତି ଏବଂ ଭାରତୀୟ ସମ୍ପ୍ରଦାୟ ସଂଗଠନଗୁଡ଼ିକ ସହିତ ନିୟମିତ ଯୋଗାଯୋଗ ବଜାୟ ରଖିଛନ୍ତି। ନିୟମିତ ଭାବରେ ଅପଡେଟ୍ ହୋଇଥିବା ପରାମର୍ଶ ଜାରି କରାଯାଉଛି, ଏବଂ ମିଶନଗୁଡ଼ିକ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ନିରନ୍ତର ଯୋଗାଯୋଗରେ ରହିଛନ୍ତି। ଭିସା, କନସୁଲାର ଏବଂ ଲଜିଷ୍ଟିକ୍ ସହାୟତା ସମେତ ନାବିକ, ଛାତ୍ର, ଫସି ରହିଥିବା ଭାରତୀୟ ନାଗରିକ ଏବଂ ସ୍ୱଳ୍ପକାଳୀନ ପରିଦର୍ଶକଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ଫେବୃଆରୀ ୨୮ ତାରିଖରୁ ଏପର୍ଯ୍ୟନ୍ତ ଏହି ଅଞ୍ଚଳରୁ ପ୍ରାୟ ୫,୨୪,୦୦୦ ଜଣ ଯାତ୍ରୀ ଭାରତ ଫେରିଛନ୍ତି।
ୟୁଏଇ, କତର, କୁଏତ, ବାହାରିନ ଆଦି ଦେଶରୁ ଉଡ଼ାଣ କାର୍ଯ୍ୟ ଯୋଜନାବଦ୍ଧ ଭାବରେ ପରିଚାଳିତ ହେଉଛି। ସେହପରି ଇରାନ, ଇସ୍ରାଏଲ ଓ ଇରାକରୁ ବିକଳ୍ପ ରୁଟ୍ ଦେଇ ବିମାନଯାତ୍ରା ସୁବିଧା ଯୋଗାଇ ଦିଆଯାଉଛି। ୨୭ ମାର୍ଚ୍ଚ, ୨୦୨୬ରେ ଆବୁଧାବିରେ ମୃତ୍ୟୁବରଣ କରିଥିବା ଜଣେ ଭାରତୀୟ ନାଗରିକଙ୍କ ପାର୍ଥିବ ଶରୀରକୁ ଭାରତକୁ ଅଣାଯାଉଛି। ସେହିପରି ଓମାନର ସଲାଲାହରେ ଏକ ଆକ୍ରମଣରେ ଆହତ ଜଣେ ଭାରତୀୟ ନାଗରିକ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି; ମିଶନ୍ ଆବଶ୍ୟକୀୟ ସହାୟତା ପ୍ରଦାନ କରୁଛି ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖିଛି। (ଶେଷ ଭାଗ)
(ପିଆଇବି)

# ନିୟମବିହୀନ ଯୁଦ୍ଧ

## ସୌଭାଗ୍ୟ ରଂଜନ ମହାନ୍ତି

ଆଫ୍‌ଗାନସ୍ଥାନର କାବୁଲ ସହରସ୍ଥିତ ଏକ ଡ୍ରଗ ଟ୍ରିଟମେଣ୍ଟ ଆଣ୍ଡ ରିହାବିଲେସନ ସେଂଟର ଉପରେ ପାକିସ୍ଥାନର ଆଖିବୁଜା ଏୟାର ଷ୍ଟ୍ରାଇକରେ ୪୦୦ରୁ ଉର୍ଦ୍ଧ୍ୱ ଚିକିତ୍ସାଧିକ ରୋଗୀଙ୍କ ମୃତ୍ୟୁ ଏବଂ ଶତାଧିକ ଆହତ ହେବା କେବଳ ସାମ୍ପ୍ରତିକ ସମୟରେ ଯୁଦ୍ଧର ଏକ ନୃଶଂସ ବିଭୀଷିକା ନୁହେଁ, ଆନ୍ତର୍ଜାତିକ ଆଇନ ଓ ନୀତି ନିୟମ ପ୍ରତି ଖୋଲାଖୋଲି ହେୟଭାବ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଜାତିସଂଘ, ଆନ୍ତର୍ଜାତିକ ନ୍ୟାୟାଳୟ, ଆନ୍ତର୍ଜାତିକ ଆଇନ ଓ ନୀତି ନିୟମ ପ୍ରତି ଏହା ପ୍ରଥମ ଉଲଂଘନ ବା ବେଖାତିର ନୁହେଁ। ନିକଟରେ ଇରାନ ଉପରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣର ପ୍ରଥମ ଦିବସରେ କ୍ଷେପଣାସ୍ତ୍ର ମାଡରେ ଗୋଟିଏ ସ୍କୁଲର ୮୫ଜଣ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଖଣ୍ଡନ କରି କହିଥିଲେ ଯେ, ନିଜ ପିଲାଙ୍କ ଉପରେ ଆକ୍ରମଣ ପଛରେ ଇରାନର ହାତ ରହିଛି।

କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ଟୋମାହକ କ୍ଷେପଣାସ୍ତ୍ର ଏହି ଗଣହତ୍ୟା ପାଇଁ ଦାୟୀ ଥିବା ଏକ ନିରପେକ୍ଷ ଅନୁଧ୍ୟାନକାରୀ ସଂସ୍ଥା କହିଛି। ସେହିପରି ଗାଜାରେ ଇସ୍ରାଏଲ ୭୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିଛି, ଯେଉଁମାନଙ୍କ ମଧ୍ୟରେ ହଜାର ହଜାର ମହିଳା ଓ ଶିଶୁଙ୍କ ସମେତ ସଂଖ୍ୟାଧିକ ସାଧାରଣ ଲୋକ ଅନ୍ତର୍ଭୁକ୍ତ ଅଛନ୍ତି। ତେବେ ଯୁଦ୍ଧ ସମୟରେ ଏହି ହତ୍ୟାର ତାଣ୍ଡବ ଛଳନାତ୍ମକ ଯୁଦ୍ଧବିରତିର ଆଢୁଆଳରେ ଘଟିଥିବା କୁହାଯାଏ। ସେହିପରି ୟୁକ୍ରେନରେ ରୁଷ ହସପିଟାଲ, ସ୍କୁଲ, ପାୱାରପ୍ଲାଂଟ ଏବଂ ଜନବସତିକୁ ନିଶାଣ କରି ବୋମା ଓ କ୍ଷେପଣାସ୍ତ୍ର ମାଡ କରିଥିଲା। କାବୁଲ ହସ୍‌ପିଟାଲ ଉପରେ ଆକ୍ରମଣକୁ ଅସ୍ୱୀକାର କରି ପାକିସ୍ଥାନ କହିଛି ଯେ, ଏହା ପଛରେ ଆଫଗାନ ତାଲିବାନ ରହିଛି। ଏହା ନିଃସନ୍ଦେହ ଯେ, ନିକଟ ଅତୀତରେ ଯୁଦ୍ଧରେ ଆନ୍ତର୍ଜାତିକ ଆଇନ ଓ ନୀତିନିୟମର ଖୋଲା ଉଲଂଘନର ସ୍ପଷ୍ଟ ସଂକେତ ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱରେ ଶାନ୍ତି, ସ୍ଥିରତା ଓ ନିରସ୍ତ୍ରୀକରଣ ପାଇଁ ଗଢିଉଠିଥିବା ଜାତିସଂଘ ଏବଂ ଅନୁଷ୍ଠାନଗୁଡିକ ଦ୍ୱାରା ଏହି ଆନ୍ତର୍ଜାତିକ ଆଇନ ଓ ନିୟମାବଳୀ ପ୍ରସ୍ତୁତ ହୋଇଥିଲା। ପାକିସ୍ଥାନର ଅସ୍ୱୀକାର ସତ୍ତ୍ୱେ କ୍ଷେପଣାସ୍ତ୍ର ବିସ୍ଫୋରଣ ଯୋଗୁଁ ହସ୍‌ପିଟାଲରେ ବୀଭତ୍ସ ଗଣମୃତ୍ୟୁ ଘଟିଥିବା ଭିଡିଓ, ଯୁଦ୍ଧର ଚିତ୍ର ଏବଂ ଧ୍ୱଂସର ତାଣ୍ଡବ ପ୍ରମାଣ ଦେଉଛି। ଏହା ନିଶ୍ଚିତ ଯେ, ଜାତିସଂଘ ପ୍ରତିଷ୍ଠା ହେବା ପରଠାରୁ ବିଶ୍ୱରେ ଲାଗିଥିବା ବହୁ ଯୁଦ୍ଧରେ ଯୁଦ୍ଧ ଅପରାଧ ଘଟିଚାଲିଛି।

ବହୁ ବିବାଦ ଘଟଣାରେ ଜନତା ଅଦାଲତରେ ମତାମତ ନିଆଯାଇଥିବା ବେଳେ କେବେକେବେ ଆଇନ ଅଦାଲତକୁ ଡକରା ଯାଇଥିଲା। ମାତ୍ର ସରକାରମାନେ ଆନ୍ତର୍ଜାତିକ ଆଇନ ଓ ନୀତି ନିୟମର ସଦୁପଯୋଗ କରି ସେମାନେ ଠିକ୍ ଏବଂ ବ୍ୟକ୍ତିଗତ ଅପରାଧୀ କିମ୍ବା ଭୁଲବଶତଃ ଯୁଦ୍ଧ ଅପରାଧ ଘଟିଥିବା ନେଇ ଛଳନା କରି ଆସିଥିବା ବହୁ ଉଦାହରଣ ରହିଛି। ଯାହାକି ଆନ୍ତର୍ଜାତିକ ସଂସ୍ଥା ଓ ଆଇନ ପ୍ରଭାବଶାଳୀ ରାଷ୍ଟ୍ରଙ୍କ ନିକଟରେ କେତେ ଦୁର୍ବଳ ତାହା ପ୍ରମାଣିତ କରୁଛି। ଏବେ ଆଫଗାନ ହସିପଟାଲ ଆକ୍ରମଣ ଘଟଣାରେ ପାକିସ୍ଥାନ ସେହି ଛଳନାତ୍ମକ ପନ୍ଥା ଅନୁସରଣ କରିଛି ବୋଲି କହିଲେ ହୁଏତ ଭୁଲ ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, କାବୁଲ ହସପିଟାଲରେ ଲୋମହର୍ଷଣକାରୀ ଗଣହତ୍ୟା ଏବଂ ଧ୍ୱଂସର ତାଣ୍ଡବକୁ ଭାରତ ତୀବ୍ର ଭାଷାରେ ନିନ୍ଦା କରିବା ସହ ହସ୍ପିଟାଲକୁ ନିଶାଣ କରିବା କାପୁରୁଷୋଚିତ କାର୍ଯ୍ୟ ବୋଲି ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ପାକିସ୍ଥାନର ଅପରାଧ ଲୁଚାଇବା ପ୍ରୟାସକୁ ପ୍ରତ୍ୟାଖ୍ୟାନ କରି ଆନ୍ତର୍ଜାତିକ ତଦନ୍ତ ପାଇଁ ଦୃଢ ଦାବି କରିଛି।

ଏହା ସତ୍ୟ ଯେ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଭାରତୀୟ ଉପମହାଦେଶ ଅଞ୍ଚଳ ବାଣିଜ୍ୟ, ତୈଳ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ମାତ୍ରାରେ ପୀଡିତ ହେଉଥିବାବେଳେ ଆଂଚଳିକ ଉତ୍ତେଜନା ଯୋଗୁଁ ଅସ୍ଥିରତା ଏବଂ ଧନଜୀବନ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛି। ଆଫଗାନିସ୍ଥାନ ଯେଉଁଠାରେ ବିଶେଷକରି ମହିଳାଙ୍କ ଜୀବନ ଅସୁରକ୍ଷିତ ହୋଇପଡିଛି ସେଠାରେ ଶାନ୍ତି, ସ୍ଥିରତା, ଜରୁରୀ ଆବଶ୍ୟକତା। ପାକିସ୍ଥାନର ନୃଶଂସ ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯିବା ଜରୁରୀ। ସେହିପରି ଆନ୍ତର୍ଜାତିକ ଆଇନ ଓ ନୀତିନିୟମକୁ କଡାକଡି ଭାବେ କାର୍ଯ୍ୟକାରୀ କରାଯିବାର ସମୟ ଏବେ ଆସିଛି।
ମୋ-୯୪୩୭୯୯୪୩୭୯

“

**ତେଲ ଓ ଗ୍ୟାସର ଚାହିଦା ବଢିଲା। ଯୁଦ୍ଧ ପୂର୍ବରୁ ରୁଷିଆ ଗୋଟିଏ ମାସରେ ୧.୧୨ ଲକ୍ଷ କୋଟି ଟଙ୍କାର ତେଲ ଓ ଗ୍ୟାସ ବିକ୍ରୟ କରୁଥିଲା। ଯୁଦ୍ଧ ପରେ ଏହା ବୃଦ୍ଧି ପାଇଁ ୨.୨୫ ଲକ୍ଷ କୋଟିରେ ପହଞ୍ଚିଲା। ବିକ୍ରୟ ହାର ଦୁଇଗୁଣ ବଢିଗଲା। ରୁଷିଆ ପ୍ରତିଦିନ ୭୧୪୬ କୋଟି ଟଙ୍କାର କଞ୍ଚା ତେଲ ଓ ଗ୍ୟାସ ବିକେ। ଚଳିତ ବର୍ଷ ସେ ୨୦.୫୪ ଲକ୍ଷ କୋଟିର ବ୍ୟବସାୟ କରି ୭.୮୯ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ରୋଜଗାର କରିଛି।**

# ମଧ୍ୟପ୍ରାଚ୍ୟ ଯୁଦ୍ଧ : ଆପଦରେ ଅବସର ଖୋଜୁଛନ୍ତି ରୁଷିଆ ଓ ଇସ୍ରାଏଲ

## ଡକ୍ଟର ପ୍ରମୋଦ କୁମାର ପଣ୍ଡା

ଫେବୃଆରୀ ଅଠେଇଶରେ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ମାସେ ପୂରିସାରିଛି। ସର୍ତ୍ତମୂଳକ ଯୁଦ୍ଧବିରତି ପ୍ରସ୍ତାବ ଏବଂ ପ୍ରତିପ୍ରସ୍ତାବ ପରେ ମଧ୍ୟ ପକ୍ଷ ଓ ପ୍ରତିପକ୍ଷ ଚୁପ ବସିନାହାନ୍ତି। ଆମେରିକା ହର୍ମୁଜ ପ୍ରଣାଳୀ ଓ ଖାର୍ଗ ଦ୍ୱୀପ ଦଖଲ କରିବାର ଯୋଜନା ପ୍ରସ୍ତୁତ କରୁଛି। ଇରାନ ଆମେରିକାର ଆକ୍ରମଣକୁ କିପରି ପ୍ରତିହତ ଓ ନିଷ୍ଫଳ କରିବ ସେଦିଗରେ ଆପ୍ରାଣ ଉଦ୍ୟମ ଜାରି ରଖିଛି। ଏପ୍ରକାର ଏକ ଘଡ଼ିସନ୍ଧି ଓ ଗୁରୁତ୍ୱପୂର୍ଣ୍ଣ ସମୟରେ ମଧ୍ୟ ପ୍ରାଚ୍ୟ ଯୁଦ୍ଧର ଆପଦକୁ କିଛି ଦେଶ ଅବସର ରୂପେ ଚିନ୍ତା କରୁଛନ୍ତି। ବ୍ୟବହାର କରୁଛନ୍ତି। ଅଧିକ ଦିନ ଯୁଦ୍ଧ ଚାଲିଲେ ତାଙ୍କର ଆହୁରି ଅଧିକ ଲାଭ ହେବ ଭାବୁଛନ୍ତି। ଏପରି ଦେଶମାନଙ୍କ ମଧ୍ୟରେ ରୁଷିଆ ଓ ଇସ୍ରାଏଲ ସବୁଠୁ ଆଗରେ ଅଛନ୍ତି।

ଇରାନ ଓ ରୁଷିଆ ଆମେରିକାର ଶତ୍ରୁ ରାଷ୍ଟ୍ର। ଶତ୍ରୁର ଶତ୍ରୁ ମିତ୍ର। ସେହି ନୀତିରେ ଇରାନ ଓ ରୁଷିଆ ପରସ୍ପର ମିତ୍ର ଦେଶ। ଅଧିକ ଦିନ ଧରି ଯୁଦ୍ଧ ଅବ୍ୟାହତ ରହିଲେ ଇରାନର କୋଠାବାଡି, କଳକାରଖାନା ଆଦି ବିଭିନ୍ନ ସଂରଚନା ଧ୍ୱଂସ ହେବ। ଧନଜୀବନ ନଷ୍ଟ ହେବ। ବିପୁଳ କ୍ଷୟକ୍ଷତି ଘଟିବ।ଇରାନ ସମେତ ସମଗ୍ର ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହେବ। ଲୋକେ ରୋଜଗାର ହରେଇବେ। ଭୋକଉପାସରେ ମରିବେ। ଅନ୍ୟ ଦେଶ ଅପେକ୍ଷା ଯୁଦ୍ଧ ଲଢୁଥିବା ଦେଶର ଅର୍ଥ ବ୍ୟବସ୍ଥା ବେଶି ପ୍ରଭାବିତ ହେବ। ଆର୍ଥିକ ମେରୁଦଣ୍ଡ ଅଧିକରୁ ଅଧିକ ଦୁର୍ବଳ ହେବାକୁ ଲାଗିବ। କିନ୍ତୁ ଶତ୍ରୁ ହୁଅନ୍ତୁ କିମ୍ବା ମିତ୍ର ବିପଦ ସମୟରେ ସାଥୀରେ ରହିବେନାହିଁ। ଆପଦକୁ ଅବସର ଭାବିବେ। ନିଜ ସ୍ୱାର୍ଥ



ଆଗେ ଦେଖିବେ। ମଉକା ଦେଖି ଚଉକା ମାରିବେ।

ଆମେରିକା ତେଲ, ଗ୍ୟାସ, ଦୁର୍ଲଭ ଖଣିଜ ସୁନା, ଡ଼ଲାର ଇତ୍ୟାଦି ପାଇଁ ବ୍ୟସ୍ତବିବ୍ରତ, ବ୍ୟାକୁଳ। ବିଶ୍ୱର ସର୍ବକାଳୀନ ସର୍ବଶ୍ରେଷ୍ଠ ସମୃଦ୍ଧଶାଳୀ ଓ ପରମାଣୁ ଶକ୍ତି ସମ୍ପନ୍ନ ଦେଶ ହେବା ପାଇଁ ଲାଳାୟିତ। ଅନ୍ୟ ଦେଶ ଉପରେ ବଳ ଓ ଚାପ ପ୍ରୟୋଗ କରି ନିଜ ଅଧୀନରେ ରଖିବାକୁ ତାକୁ ଭଲ ଲାଗେ। ସମ୍ପର୍କର ମୂଳକୁ ବ୍ୟବସାୟ ରୂପକ ତରାଜୁରେ ତଉଲେ। ଆତଙ୍କବାଦକୁ ସଂରକ୍ଷଣ ପ୍ରଦାନ କରୁଥିବା ପାକିସ୍ତାନ ଭଳି ରାଷ୍ଟ୍ର ତାର ପରମ ମିତ୍ର। ମଧ୍ୟପ୍ରାଚ୍ୟ ଯୁଦ୍ଧ ବିରତି ପ୍ରସ୍ତାବ ପାଇଁ ସେ ପାକିସ୍ତାନକୁ ବିଶ୍ୱର ଯୋଗ୍ୟତମ ରାଷ୍ଟ୍ର ଭାବେ ଯଦିଓ ପାକିସ୍ତାନରୁ ପରମାଣୁ ଶକ୍ତି ପ୍ରସ୍ତୁତି ଆମେରିକା ପାଇଁ ବିପଜ୍ଜନକ ବୋଲି ଖୋଦ୍ ଆମେରିକା କୁହେ, ବୟାନ ଦିଏ, ସ୍ୱୀକାର କରେ। ରୁଷ ଉପରେ ୨୬୦୦ ପ୍ରତିବନ୍ଧ ଲାଗିଛି। ତୈଳ ଉତ୍ପାଦନରେ ସେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଦେଶ। ଯୁଦ୍ଧରେ ଇରାନ ହର୍ମୁଜ ପ୍ରଣାଳୀକୁ ଏକ ବଡ ଅସ୍ତ୍ର ଭାବେ ବ୍ୟବହୃତ କଲା।ଏହି ଜଳପଥ ଦେଇ ପୃଥିବୀର ୨୦ପ୍ରତିଶତ ଅଶୋଧିତ ତେଲ ଅନ୍ୟ ଦେଶମାନଙ୍କୁ ରପ୍ତାନି ହୋଇଥାଏ। ହର୍ମୁଜ ସାମୁଦ୍ରିକ ଜଳ ପଥ ଅବରୁଦ୍ଧ ହେବା ହେତୁ ଉପସାଗରୀୟ ଦେଶରୁ ବିଶ୍ୱର ଅନ୍ୟ ପ୍ରାନ୍ତକୁ ତେଲ ଯୋଗାଣ ପ୍ରକ୍ରିୟା ବାଧିତ ହେଲା। କ୍ରୁଡ଼ ବା ଅଶୋଧିତ ଅଏଲ ଆବଶ୍ୟକ କରୁଥିବା ଦେଶମାନଙ୍କୁ ପହଞ୍ଚିପାରିଲା ନାହିଁ। ଏହାର ପ୍ରଭାବ କେବଳ ତେଲ ନୁହେଁ, ତେଲରୁ ପ୍ରସ୍ତୁତ ହେଉଥିବା ସାମଗ୍ରୀ ଉପରେ ପଡିଲା। ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ, ସାର, ପ୍ଲାଷ୍ଟିକ, ପିଚୁ ଉପରେ ପଡିଲା। ଉତ୍ପାଦନରେ ଅଧିକ ନିବେଶ ଲାଗିଲା। ମୁଦ୍ରାସ୍ଫୀତିଦେଖାଦେଲା। ବିଭିନ୍ନ ସାମଗ୍ରୀ, ଜିନିଷପତ୍ର, ବିମାନ ଉଡାଣ, ବିଦେଶ ଯାତ୍ରା ଇତ୍ୟାଦି ମହଙ୍ଗା ହେଲା।

କିନ୍ତୁ ସେପଟେ ରୁଷିଆ ତେଲ ବିକ୍ରି କରି ମାଲାମାଲ ହେବାକୁ ଲାଗିଲା। ତେଲ ଓ ଗ୍ୟାସର ଚାହିଦା ବଢିଲା। ଯୁଦ୍ଧ ପୂର୍ବରୁ ରୁଷିଆ ଗୋଟିଏ ମାସରେ ୧.୧୨ ଲକ୍ଷ କୋଟି ଟଙ୍କାର ତେଲ ଓ ଗ୍ୟାସ ବିକ୍ରୟ କରୁଥିଲା। ଯୁଦ୍ଧ ପରେ ଏହା ବୃଦ୍ଧି ପାଇଁ ୨.୨୫ ଲକ୍ଷ କୋଟିରେ ପହଞ୍ଚିଲା। ବିକ୍ରୟ ହାର ଦୁଇଗୁଣ ବଢିଗଲା। ରୁଷିଆ ପ୍ରତିଦିନ ୭୧୪୬ କୋଟି ଟଙ୍କାର କଞ୍ଚା ତେଲ ଓ ଗ୍ୟାସ ବିକେ। ଚଳିତ ବର୍ଷ ସେ ୨୦.୫୪ ଲକ୍ଷ କୋଟିର ବ୍ୟବସାୟ କରି ୭.୮୯ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ରୋଜଗାର କରିଛି। ଆଉ ଛଅ ମାସ ପର୍ଯ୍ୟନ୍ତ ଯୁଦ୍ଧ ଚାଲିଲେ ରୁଷିଆ ତେଲ ଓ ଗ୍ୟାସରୁ ୧୮୮ପ୍ରତିଶତ ଅଧିକ ଆୟ କରିବ। ୩୬.୩୭ ଲକ୍ଷ କୋଟିର ରାଜସ୍ୱ ଆଦାୟ କରିବ। ଏପରି ସ୍ଥିତିରେ ରୁଷିଆ କାହିଁକି ଇଚ୍ଛା କରିବ ଯେ ମଧ୍ୟପ୍ରାଚ୍ୟ ଯୁଦ୍ଧ ସମାପ୍ତ ହେଉ ? ଜାଣିଜାଣି କଣ କିଏ କେବେ ନିଜ ଗୋଡ଼ରେ ଟାଙ୍ଗିଆ ଚୋଟ ମାରେ ?

ରୁଷିଆ ଭଳି ଇସ୍ରାଏଲ ମଧ୍ୟ ଇରାନ ଯୁଦ୍ଧ ଶୀଘ୍ର ସମାପ୍ତ ହେଉ ବୋଲି ଚାହିଁବନି। ଲେବାନନ ଓ ଇସ୍ରାଏଲ ପଡୋଶୀ ରାଷ୍ଟ୍ର। ଲେବନନରେ ହିଜବୁଲ୍ଲାହ ନାମକ ଏକ ବିଦ୍ରୋହୀ ସଂଗଠନ ଖୁବ୍ ସକ୍ରିୟ। ଏହି ସଂଗଠନ ଲେବାନନରେ ଇରାନର ପ୍ରକ୍ସି ଭଳି କାମ କରେ। ଇରାନ ଇସଲାମିକ ସରକାର ଦ୍ୱାରା ଏହି ସଂଗଠନ ପରିଚାଳିତ। ଇହୁଦି ବହୁଳ ଇସ୍ରାଏଲ ସିଆ ମୁସଲମାନ ବହୁଳ ଲେବନାନର ବଡ଼ ଶତ୍ରୁ। ଦୁଇ ଦେଶ ମଧ୍ୟରେ ବହୁ ପୁରୁଣା ଦିନର ଶତ୍ରୁତା ରହିଛି। ସେମାନଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଯୁଦ୍ଧ ମଧ୍ୟ ଲାଗିଛି।

ଏହି ଯୁଦ୍ଧରେ ଇରାନର ପ୍ରକ୍ସି ହିଜବୁଲ୍ଲାହର ଗୁରୁତ୍ୱପୂର୍ଣ୍ଣ ଭୂମିକା ରୁହେ। ଇରାନ ତାଙ୍କୁ ସମର୍ଥନ କରେ।

ଆତଙ୍କୀ ସଂଗଠନ ହେବା ସତ୍ତ୍ୱେ ୧୯୯୨ ମସିହା ନିର୍ବାଚନରେ ଏହି ସଂଗଠନ ଲେବାନନ ସଂସଦର ଆଠଟି ସିଟ ଦଖଲ କରିବାରେ ସମର୍ଥ ହୋଇଥିଲା। ତାଙ୍କ ପ୍ରତି ଜନସମର୍ଥନ ମଧ୍ୟ ଥିଲା। ଧୀରେଧୀରେ ସେମାନେ ସ୍କୁଲ, କଲେଜ, ହସ୍ପିଟାଲ ଇତ୍ୟାଦି ସ୍ଥାପନ କରି ଅଧିକ ମାତ୍ରାରେ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ଲାଗିଲେ।

ବର୍ତ୍ତମାନ ଇରାନ ସମର୍ଥିତ ହିଜବୁଲ୍ଲାହ ଇସ୍ରାଏଲ ବିରୋଧରେ ଛଦ୍ମ ଯୁଦ୍ଧ ଜାରି ରଖିଛି। ଇରାନର ନିର୍ଦ୍ଦେଶ ମୁତାବକ କାମ କରୁଛି। ଲେବାନନ ଉପରେ ଇସ୍ରାଏଲ ଭୀଷଣ ହମଲା କରୁଛି। ଏହି ଯୁଦ୍ଧରେ ଲେବାନନର ୧୦୦୦ ଲୋକ ମଲେଣି। ୧୦,୦୦୦ ରୁ ଅଧିକ ବିସ୍ଥାପିତ। ଏପରିକି ଇସ୍ରାଏଲର ଘାତକ ହମଲା ଯୋଗୁଁ ଲେବାନନ ଇରାନର ରାଜଦୂତଙ୍କୁ ଦେଶ ଛାଡିବାକୁ କହିଛି। ଏବେ ହିଜବୁଲ୍ଲାହର ଲେବାନନ ସଂସଦରେ ୧୩ ଜଣ ସାଂସଦ ଅଛନ୍ତି। ଇରାନ ଯୁଦ୍ଧକୁ ଇସ୍ରାଏଲ ଏକ ଅବସର ରୂପେ ଦେଖୁଛି। ଯୁଦ୍ଧ ଆଳରେ ଲେବାନନ ଉପରେ ସାଙ୍ଘାତିକ ଆକ୍ରମଣ କରି ହିଜବୁଲ୍ଲାହ ବିଦ୍ରୋହୀ ସଂଗଠନର ମୂଳୋତ୍ପାଟନ କରିବାକୁ ଚାହୁଁଛି। ଦକ୍ଷିଣ ଲେବାନନ ହିଜବୁଲ୍ଲାହ ସଂଗଠନର ଗଡ଼। ତାଙ୍କ ନିୟନ୍ତ୍ରଣରେ। ତେଣୁ ଇସ୍ରାଏଲ ଦକ୍ଷିଣୀ ଲେବାନନ କବ୍‌ଜା କରି ୩୦ କିଲୋମିଟର ଦୂର ଲିଦାନି ନଦୀ ପର୍ଯ୍ୟନ୍ତ ବଫର ଜୋନ ନିର୍ମାଣ କରିବା ଯୋଜନାରେ ରହିଛି। ବଫର ଜୋନ ନିର୍ମିତ ହୋଇଗଲେ ସେହି କ୍ଷେତ୍ରରେ ବିଦ୍ରୋହୀ ସଂଗଠନର ନିୟନ୍ତ୍ରଣ ରହିବନାହିଁ। କେବଳ ସରକାରୀ ଅଧିକାରୀ ସେହି କ୍ଷେତ୍ରରେ ଅସ୍ତ୍ରଶସ୍ତ୍ର ରଖିପାରିବେ। ଇସ୍ରାଏଲ ଉପରେ ହିଜବୁଲ୍ଲାହ ହମଲା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ତେବେ ହିଜବୁଲ୍ଲାହ ସଂଗଠନର ରାଜନୈତିକ ସକ୍ରିୟତା ଇସ୍ରାଏଲର ଏହି ସ୍ୱପ୍ନକୁ ସାକାର କରିବାରେ ପାହାଡ଼ ଭଳି ପ୍ରତିବନ୍ଧକ ସୃଷ୍ଟି କରିପାରେ। ତେବେ ଇସ୍ରାଏଲ ତାର ସ୍ୱାର୍ଥ ପୂରଣ ସକାଶେ ଇରାନ ଯୁଦ୍ଧକୁ ଶୀଘ୍ର ସମାପ୍ତ କରିବାକୁ ଚାହିଁବନି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆପଦରେ ଅବସର ଖୋଜୁଛନ୍ତି ରୁଷିଆ ଓ ଇସ୍ରାଏଲ।
ସମ୍ବଲପୁର
ମୋ- ୭୯୭୮୨୮୩୧୯୦

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୁରୋଧା ଥିଲେ କୃଷ୍ଣଚନ୍ଦ୍ର ଗଜପତି

ପାରଳାଖେମୁଣ୍ଡି, ୧ ।୪ (ନିପ୍ର): ଗଜପତି 'ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ବିନା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଅସମ୍ଭବ ହୋଇଥାନ୍ତା ।' ଆଜି ସାରା ରାଜ୍ୟ ପାଳୁଛି ଉତ୍କଳ ଦିବସ। ୧୯୬୩ ମସିହା ଏପ୍ରିଲ ୧ ତାରିଖରେ 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ' ଗଠନ ହୋଇଥିଲା । ଏହି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଯେଉଁ ମହାନ ବରପୁତ୍ରମାନଙ୍କର ଅବଦାନ ଥିଲା ସେମାନଙ୍କ ଭିତରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଥିଲେ ଅନ୍ୟତମ ବିନ୍ଧାଣୀ ଓ ମୁଖ୍ୟ ପୁରୋଧା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ରହିଛି ଅନେକ ଅବଦାନ । ଭାଷା, ସଂସ୍କୃତି ଓ ପରମ୍ପରାକୁ ଏହି ସହର ନୂଆ ଦିଗ ଦେଇଥିଲା । ତେଣୁ ଏହା ଓଡ଼ିଶାର ଅନ୍ତୁଡିଶାଳ ଭାବେ ମଧ୍ୟ ପିରିଚିତ । ହେଲେ ବର୍ତ୍ତମାନ ଏଠାରେ ଓଡ଼ିଆ ଭାଷା ଓ ସଂସ୍କୃତି, ରାଜାଙ୍କ ସ୍ମୃତି ଏବଂ ଅବଦାନ ନିଜର ପରିଚୟ ଖୋଜିବା ଭଳି ସ୍ଥିତିରେ ରହିଛି । ଯାହାକୁ ନେଇ ସ୍ୱାଭିମାନୀ ଗଜପତିବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଏଥିପାଇଁ ସରକାରଙ୍କ ଆନ୍ତରିକତା ଅଭାବକୁ ଦାୟୀ କରିଛନ୍ତି । ଗବେଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି,'ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଆ ଭାଷା,ସଂସ୍କୃତି ଓ ଜାତୀୟତା ପ୍ରତି ଗଭୀର ଭଲପାଇବା ରଖୁଥିଲେ । ସେ ଥିଲେ ଅଭିମାନୀ, ଦୟାବାନ୍, ନିଷ୍ପାପର । ସେ ସମୟରେ ଓଡ଼ିଶା ଭିନ୍ନ ଭିନ୍ନ ପ୍ରାନ୍ତରେ ବିଭକ୍ତ ଥିଲା, ଯାହା ଓଡ଼ିଆ ଲୋକଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରୁଥିଲା। ସେ ଓଡ଼ିଆ ଭାଷା ଭିତ୍ତିକ ଏକତା ପାଇଁ ଆନ୍ଦୋଳନ କରିଥିଲେ ଓ ଏହାକୁ ସଫଳ କରିବାରେ ମୁଖ୍ୟ ନେତୃତ୍ୱ ଦେଇଥିଲେ। ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠିତ ହେବା ପରେ ସେ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ ହୋଇଥିଲେ । ତାଙ୍କ ଶାସନ କାଳରେ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ ଓ ପରିବହନ କ୍ଷେତ୍ରରେ ବହୁତ ଉନ୍ନତି ହୋଇଥିଲା । ସେ ସରଳ, ସତ୍ୟନିଷ୍ଠ ଓ ଲୋକପ୍ରିୟ ନେତା ଥିଲେ ।



# ଓଡ଼ିଶା ସାର୍ବଜନୀନ ସେବା ଅଧିକାର ଆଇନ ତାଲିମ

ପାରଳାଖେମୁଣ୍ଡି, ୧ ।୪ (ନିପ୍ର); ସେଞ୍ଚୁରିଅନ୍ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି କ୍ୟାମ୍ପସର ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ହଲ୍‌ରେ ଓଡିଶା ସାର୍ବଜନୀନ ସେବା ଅଧିକାର ଆଇନ ଉପରେ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ନାଗରିକ-କୈନ୍ଦ୍ରିକ ସେବା ପ୍ରଦାନ ପ୍ରଣାଳୀ ଏବଂ ସାର୍ବଜନୀନ ସେବା ଅଧିକାରର ବ୍ୟବହାରିକ ପ୍ରୟୋଗ ବିଷୟରେ ଛାତ୍ରଛାତ୍ରୀ ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଥିଲା । ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡକ୍ଟର ଅନିତା ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଆରଟିପିଏସ୍‌ଏ ଡେପୁଟି ପ୍ରୋଜେକ୍ଟ କୋର୍ଡିନେଟର ସରିତା କାନୁନଗୋ ଏବଂ ସିଓ୍ୱାଇଏସଡିର ଶ୍ରେୟା ପାତ୍ର ଯୋଗଦେଇ ପ୍ରମୁଖ ସାଧନ ବ୍ୟକ୍ତି ଭାବରେ କାର୍ଯ୍ୟ କରିଥିଲେ । ବୈଷୟିକ ଅଧିବେଶନଗୁଡ଼ିକରେ ସକ୍ରିୟ ନାଗରିକତା ଏବଂ ଅଂଶଗ୍ରହଣକାରୀ ଶାସନ ଏବଂ ଓଆରଟିପିଏସ୍‌ଏ ଆଇନ, ନିୟମ ଏବଂ ଅଧିସୂଚିତ ସେବାର ଏକ ବ୍ୟାପକ ସମୀକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ଅନ୍ତର୍ଭୁକ୍ତ କରାଯାଇ ଆଲୋଚନା କରାଯାଇଥିଲା ।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର

ଭବାନୀପାଟଣା, ୧/୪ (ନି.ପ୍ର)ଭବାନୀପାଟଣା ବ୍ଲକ ସମ୍ମିଳନୀ କକ୍ଷ ଠାରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ କଳାହାଣ୍ଡି ଜିଲ୍ଲା ଡାକସେବା ବିଭାଗ ତରଫରୁ ଭବାନୀପାଟଣା ବ୍ଲକର ଲକ୍ଷ ପତି ଦିଦିମାନଙ୍କୁ ନେଇ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ,ସାଇବର ଅପରାଧ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ, କଳାହାଣ୍ଡି ବିବେକାନନ୍ଦ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ-ଅଧିକ୍ଷକ ଡାକବିଭାଗ କଳାହାଣ୍ଡି ଏନ. ସଞ୍ଜୟ କୁମାର ଦୋରା, ଡି.ଓ.-ପି.ଏଲ.ଆଇ. ଅଭିଷେକ ପଣ୍ଡା,ଡିପିଏମ,ଓ ଏଲ୍ ଏମ୍ ଡଃ. ଚନ୍ଦନ ବେହେରା, ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ ଶ୍ରୀ ମହାନନ୍ଦ ଆର୍ଥିକ ସାକ୍ଷରତା ଓ ସାଇବର ଅପରାଧ ଶିବିର ଆୟୋଜନର ଆଭିମୁଖ୍ୟ ଓ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ । ଡାକସେବା ବିଭାଗର ଅଧିକାରୀମାନେ ଡାକବିଭାଗ ଦ୍ୱାରା ଉପଲବ୍ଧ ହେଉଥିବା ବିଭିନ୍ନ ଲାଭଜନକ ସ୍କିମ ଉପରେ ସୂଚନା ଦେଇ ଏହାର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ।

# ବାଣପୁର ଓକିଲ ସଙ୍ଘ ନିର୍ବାଚନରେ ଅନିୟମିତତା ଅଭିଯୋଗ

ବାଲୁଗାଁ, ୧ ।୪ (ନିପ୍ର); ଓଡ଼ିଶା ଆଇନଜୀବୀ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ରାଜ୍ୟର ସମସ୍ତ ଅନୁବନ୍ଧିତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଏକାକାଳୀନ ଭାବେ ଅନୁଷ୍ଠିତ ହେଇଛି। ଅନୁରୂପେ ଭାବେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇ ଯାଇଛି । ଅପରାହ୍ନ ଚାରି ଘଟିକାରେ ଗଣତି ଆରମ୍ଭ କରାଯାଇ ଫଳ ପ୍ରକାଶ ପାଇଥିଲା। ଚଳିତ ନିର୍ବାଚନରେ ସଂଘର ସମୁଦାୟ ୧୩୪ ଜଣଙ୍କ ମଧ୍ୟରୁ ୧୩୦ ଜଣ ଆଇନଜୀବୀ ସେମାନଙ୍କର ଭୋଟ ଦେଇଥିବା ବେଳେ ସଭାପତି ଭାବେ ଜଗନ୍ନାଥ ଭୋଳ , ଉପ ସଭାପତି ଭାବେ ନିରୋଜ କୁମାର ମହାନ୍ତି ସମ୍ପାଦକ ଭାବେ ମହେନ୍ଦ୍ର ପ୍ରସାଦ ସାମନ୍ତସିଂହାର, ସହ ସମ୍ପାଦକ ଭାବେ ନରେନ୍ଦ୍ର ନାୟକ , କାର୍ଯ୍ୟକାରୀ ସଭ୍ୟ ଭାବରେ ସୁଦର୍ଶନ ଜାଲି ଓ ଚିରସ୍ମିତା ବେହେରା ବିଜୟୀ ହୋଇଛନ୍ତି । ଉକ୍ତ ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବରେ କେତେକ ଆଇନଜୀବୀ ପରିଚାଳନା କରିଥିବା ବେଳେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ହୋଇଥିବା ଆଇନଜୀବୀ ଅଶୋକ କୁମାର ଚମ୍ପତି ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିଥିଲେ । ତେବେ ଉପସଭାପତି ପଦ ଫଳାଫଳକୁ ନେଇ ବିବାଦ ଦେଖାଦେଇଛି । ପରାଜିତ ପ୍ରାର୍ଥୀ ରାମଚନ୍ଦ୍ର ପଲାଇ ନିର୍ବାଚନ ଅଧିକାରୀଙ୍କ ବିରୁଦ୍ଧରେ ଅନିୟମିତତା ଅଭିଯୋଗ ଆଣିଛନ୍ତି। ନିର୍ବାଚନ ଅଧିକାରୀ ପ୍ରଥମେ ଉପ ସଭାପତି ଭାବେ ରାମଚନ୍ଦ୍ର ପଲାଇଙ୍କ ନାମ ବିଜୟୀ ପ୍ରାର୍ଥୀ ଭାବେ ଘୋଷଣା କରିଥିବାବେଳେ ପରବର୍ତ୍ତୀ ସମୟରେ ନିରୋଜ କୁମାର ମହାନ୍ତିଙ୍କ ନାମ ବିଜୟୀ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ । ଏହାକୁ ରାମଚନ୍ଦ୍ର ଦୃଢ ବିରୋଧ କରିଥିଲେ ସୁଦ୍ଧା ନିର୍ବାଚନ ଅଧିକାରୀ ନିଜ ଜିଦରେ ଅଟଳ ରହିଥିବା ରାମଚନ୍ଦ୍ର କହିଛନ୍ତି । ରାମଚନ୍ଦ୍ରଙ୍କ ସପକ୍ଷରେ ଥିବା ଦୁଇ ଗୋଟି ବୈଧ ଭୋଟକୁ ଜାଣିଶୁଣି ନିର୍ବାଚନ ଅଧିକାରୀ ପରବର୍ତ୍ତୀ ସମୟରେ ଉଦ୍ଦେଶ୍ୟମୂଳକ ଭାବେ ଅବୈଧ ଘୋଷଣା କରି ତାଙ୍କୁ ପରାଜିତ କରିଥିବା ସେ ସିଧାସଳଖ ଅଭିଯୋଗ କରିଛନ୍ତି । ନିର୍ବାଚନ ଅଧିକାରୀଙ୍କ ଏପରି ପକ୍ଷପାତିତାକୁ ବିରୋଧ କରି ଏବଂ ନ୍ୟାୟ ପାଇବା ଉଦ୍ଦେଶ୍ୟରେ ସେ ରାଜ୍ୟ ଆଇନଜୀବୀ ପରିଷଦର ଚେୟାରମ୍ୟାନ, ସମ୍ପାଦକକୁ ହ୍ୱାଟ୍ସଅପ ଯୋଗେ ଲିଖିତ ଅଭିଯୋଗ କରିଛନ୍ତି । ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଗଣମାଧ୍ୟମକୁ କହିଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

କୃଷ୍ଣପ୍ରସାଦ, ୧ ।୪ (ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଧୀନସ୍ଥ ମହାବୀର ଉପ୍ରା ବିଦ୍ୟାଳୟ କୁରୁପାଳର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ବିଶ୍ୱାଳଙ୍କୁ କୁରୁପାଳ ଗ୍ରାମବାସୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିସରରେ ରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ କମିଟି ସଭାପତି ତଥା ଅବସର ସେନା ଅଧିକାରୀ ବିଦ୍ୟାଧର ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ବେହେରା, ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଖୁଣ୍ଟିଆ, ଗ୍ରାମ୍ୟ କମିଟିର ବରିଷ୍ଠ ସଦସ୍ୟ ଦିଗାମ୍ବର ଜେନା, ୩୫ ମୌଜା ପରିଚାଳନା କମିଟି ପୂର୍ବତନ ସଭାପତି ଭରତ ଚନ୍ଦ୍ର ଜେନା, ଅଧ୍ୟାପକ ଡ଼ଃ ରବୀନ୍ଦ୍ର ନାଥ ଜେନା, ବଳଭଦ୍ର ଜେନା, ଦିଲ୍ଲୀପ କୁମାର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ମହାରଣା ପ୍ରମୁଖ ବହୁ ଶିକ୍ଷାବିତ ଯୋଗ ଦେଇଥିଲେ।

# ମୋରମ ବଦଳରେ ମାଟି ପକାଇ ମରଣଯନ୍ତା ସୃଷ୍ଟି କରିଛି ପୂର୍ତ୍ତ ବିଭାଗ !

ପାରଳାଖେମୁଣ୍ଡି, ୧ ।୪ (ନିପ୍ର): ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଲାବଣ୍ୟଗଡ ଠାରୁ ଜଙ୍ଗଲପାଡୁ ରାଜ୍ୟ ରାଜପଥ ରାସ୍ତା ତଟରେ ମୋରମ ମାଟି ପକାଇବା ବଦଳରେ ଚିକିଟା ମାଟି ପକାଇ ମରଣଯନ୍ତା ସୃଷ୍ଟି କରିଛି ପୂର୍ତ୍ତ ବିଭାଗ। ଗତ ଦୁଇ ଦିନ ହେଲା ଏହି ରାଜ୍ୟ ରାଜପଥ କଡରେ ମାଟି ପକା କାମ ଚାଲୁ ରହିଛି । ତେବେ ଏହି ଚିକିଟା ମାଟି ପକାଯିବା ଯୋଗୁଁ ଛୋଟ ଗୋଟିଏ ମୋଟର ଆବଶ୍ୟକସ୍ଥଳେ ରାସ୍ତା ପାର୍ଶ୍ୱକୁ ଯାଇପାରୁ ନଥିବା ବେଳେ ଏହି ରାସ୍ତା ମଧ୍ୟରେ ଥିବା ଗ୍ରାମାଞ୍ଚଳର ଲୋକେ ନିଜ ନିଜ ଘର କିମ୍ବା ଦୋକାନକୁ ଯିବାରେ ସମସ୍ୟା ଭୋଗୁଥିବାର ଅଭିଯୋଗ ହୋଇଛି । ସୂଚନା ପ୍ରକାରେ ଗତ କିଛି ମାସ ହେଲା ଲାବଣ୍ୟଗଡ-ଗୁଣୁପୁର ରାଜ୍ୟ ରାଜପଥର ରକ୍ଷଣାବେକ୍ଷଣ କରାଯାଇ ରାସ୍ତା ନିର୍ମାଣ କରାଯାଇଥିଲା । ନୂତନ ରାସ୍ତା ନିର୍ମାଣ ପରେ ଏହାର ପାର୍ଶ୍ୱବର୍ତ୍ତୀ ତଥା ରାସ୍ତା ତଟ ସ୍ଥାନ ସାମାନ୍ୟ ଖାଲ ହୋଇଯାଇଥିଲା । ଏହାପରେ ରାସ୍ତା ତଟରେ ମାଟି ପକାଯାଇ ଉଚ୍ଚତା ବୃଦ୍ଧି ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କାମ ଆରମ୍ଭ କରାଯାଇଛି । ସରକାରୀ ନିୟମାନୁସାରେ ମୋରମ ପକାଯିବା କଥା ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ବର୍ତ୍ତମାନ ଚିକିଟା ମାଟି ବା ଜମି ମାଟି ଆଣି ପକାଯାଉଛି । ଫଳରେ ଯାତାୟାତ କରୁଥିବା ଗାଡି ମୋଟର ଠାରୁ ଆରମ୍ଭ କରି ପଥଚାରୀମାନେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଅନ୍ୟପକ୍ଷରେ ଗତ ଦୁଇ ଦିନ ହେଲା ଏହି ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେଉଥିବା ଯୋଗୁଁ ପୂର୍ତ୍ତ ବିଭାଗ ପକ୍ଷରୁ ପକାଯାଇଥିବା ଚିକିଟା ମାଟି କର୍ଦ୍ଦମାକ୍ତ ହୋଇପଡିବା ସହ ଲୋକେ ନିଜ ନିଜ ଘର କିମ୍ବା ଦୋକାନକୁ ମଧ୍ୟ ଯାଇପାରୁନାହାନ୍ତି । ଏହି ଚିକିଟା ମାଟି ଉପରେ ଗୋଡ ପଡିଲେ କିମ୍ବା ଗାଡି ଗଲେ ଖସିଯିବା ଆଶଙ୍କା ରହୁଥିବା ବେଳେ କାଦୁଅ ଭରା ହୋଇପଡିଥିବାରୁ



ଗାଡି ମୋଟର ଜରୁରୀ ପରିସ୍ଥିତି କିମ୍ବା ଆବଶ୍ୟକ ସ୍ଥଳେ ରାସ୍ତା କଡକୁ ଯାଇପାରୁ ନାହାନ୍ତି । ସେପଟେ ଏହି ରାସ୍ତାରେ ଗତ ଦୁଇ ଦିନ ହେଲା ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟି ଆହତ ହେଉଥିବାର ନଜିର ରହିଛି । ତେଣୁ ଏହି ଚିକିଟା ମାଟିକୁ ବାହାର କରାଯାଇ ସରକାରୀ ନିୟମ ମୁତାବକ ମୋରମ ମାଟି ଆଣି ପକାଇବା ପାଇଁ ଦାବି ହୋଇଛି । ଯଦି ତୁରନ୍ତ ଏପରି ନକରାଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ଅନ୍ୱେଷା ଯୋଜନା ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କୁ ଛଟେଇର ପ୍ରତିବାଦ

ପାରଳାଖେମୁଣ୍ଡି, ୧ ।୪ (ନିପ୍ର); ଅନ୍ୱେଷା ଯୋଜନାରେ କାର୍ଯ୍ୟରତ ୪୮ ଜଣ କର୍ମଚାରୀଙ୍କୁ ଛଟେଇ କରାଯାଉଥିବା ଏବଂ ପୁନଃ ସାକ୍ଷାତକାର ଦେବା ପାଇଁ ନିର୍ଦ୍ଦେଶ ପ୍ରତିବାଦରେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି କର୍ମଚାରୀ ମାନେ । ଏନେଇ ଗଜପତି ଜିଲ୍ଲା ପ୍ରଶାସନ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଆଜି ସନ୍ଧ୍ୟା ସମୟରେ ଭାରତୀୟ ମାନବାଧିକାରୀ ପରିଷଦ ଓଡ଼ିଶା ରାଜ୍ୟ ସଭାପତି ଏଲ.କେ. ପାଢୀଙ୍କ ଆହ୍ୱାନ କ୍ରମେ ଗଜପତି ଜିଲ୍ଲାରେ ଅନ୍ୱେଷା ଯୋଜନା ଅଧୀନରେ ୪୮ ଜଣ କର୍ମଚାରୀ (ଟ୍ୟୁଟର୍ସ, ମାଟ୍ରନ, ସିସିଏ, ଏଲସିସିଏ) ମାନେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସେମାନେ ଜଣାଇଛନ୍ତି ଯେ ହଠାତ୍ ନିଯୁକ୍ତିମୁକ୍ତ କରିବା ଏବଂ ପୁନଃ ସାକ୍ଷାତକାର ପାଇଁ କହିବା ଯାହାକି ଅନ୍ୟାୟ ପ୍ରକ୍ରିୟା ଅଟେ । ୨୦୨୫-୨୦୩୦ ପାଇଁ ଯୋଜନାର ସମ୍ପ୍ରସାରଣ ସତ୍ତ୍ୱେ ପ୍ରାୟ ୧୦ ବର୍ଷ ଧରି ନିରପେକ୍ଷ ସେବା ସହିତ ଦୀର୍ଘକାଳୀନ ସେବା ପ୍ରଦାନ କରୁଥିବା କର୍ମଚାରୀମାନଙ୍କୁ ସ୍ୱଚ୍ଛମିଆଦି ବିଜ୍ଞପ୍ତି ପ୍ରଦାନ କରାଯାଇ ନିଯୁକ୍ତିମୁକ୍ତ କରିବା ପାଇଁ ପ୍ରୟାସ କରାଯାଇଛି ।

ଏହା ସହ ସମାନ ପଦବୀ ପାଇଁ ନୂତନ ସାକ୍ଷାତକାର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାହାକି ଅବିଚାର ପଦକ୍ଷେପ ବୋଲି ଅଭିଯୋଗ କରିବା ସହ ଛଟେଇ ହେବାକୁ ଯାଉଥିବା ୪୮ ଜଣ କର୍ମଚାରୀମାନେ ପୂର୍ବରୁ ଆନୁଷ୍ଠାନିକ ଚୟନ ପ୍ରକ୍ରିୟା ଦେଇ ସାରିଛନ୍ତି ଏବଂ ସନ୍ତୋଷଜନକ ଭାବରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରୁଛନ୍ତି । ଏପରି ସେମାନେ ଦୀର୍ଘ ୧୦ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ବେଳେ ହଠାତ ସେମାନଙ୍କୁ ପୁନଃ ସାକ୍ଷାତକାର ଦେବା ଏବଂ ଏଥିରେ କୃତକାର୍ଯ୍ୟ ନହେଲେ ଚାକିରୀରୁ ଛଟେଇ ହେବା ଏମାନଙ୍କୁ ଚିନ୍ତିତ କରିଛି । ପ୍ରଭାବିତ ହେବାକୁ ଥିବା କର୍ମଚାରୀଙ୍କ ମଧ୍ୟରୁ ବହୁ ସଂଖ୍ୟକ ମହିଳା କର୍ମଚାରୀ ରହିଛନ୍ତି ।

ଯେଉଁମାନେ ସମ୍ପୂର୍ଣ୍ଣ ଭାବରେ ଏହି କାର୍ଯ୍ୟ ଉପରେ ସେମାନଙ୍କର ଜୀବିକାର ଏକମାତ୍ର ଉତ୍ସ ଭାବରେ ନିର୍ଭର କରନ୍ତି , ଏବଂ ସେମାନେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ତେଣୁ ନ୍ୟାୟର ନୀତି ପାଳନ, ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଏବଂ ଯଥାର୍ଥତା ରହିବା, ଜୀବିକା ଏବଂ ସାମାଜିକ ସମାନତାର ସୁରକ୍ଷା, ଛାତ୍ରମାନଙ୍କ ପାଇଁ ଶିକ୍ଷାଗତ ସହାୟତାର ନିରନ୍ତରତା, ନିଯୁକ୍ତିର ଆଇନଗତତା ଏବଂ ନିରପେକ୍ଷତା ପରୀକ୍ଷା କରିବା, ନିର୍ଣ୍ଣୟ ଗ୍ରହଣରେ ସ୍ୱଚ୍ଛତା ଏବଂ ସମାନୁପାତିକତା ସୁନିଶ୍ଚିତ କରିବା, ପ୍ରଭାବିତ କର୍ମଚାରୀଙ୍କ ଜୀବିକା ଏବଂ ମର୍ଯ୍ୟାଦାକୁ ସୁରକ୍ଷିତ କରିବା, ନ୍ୟାୟ ଏବଂ ପ୍ରଶାସନିକ ଅଖଣ୍ଡତା ସ୍ୱାର୍ଥରେ ଏକ ନିରପେକ୍ଷ ଏବଂ ଯୁକ୍ତିଯୁକ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି । ସେପଟେ ପୂର୍ବରୁ କାର୍ଯ୍ୟରତ କର୍ମଚାରୀ ମାନେ ଠିକାରେ ନିଯୁକ୍ତି ପାଇଥିଲେ ବର୍ତ୍ତମାନ ସରକାର ନିୟମ ରେ ପରିବର୍ତ୍ତନ ଆଣିଛନ୍ତି , ବିଦ୍ୟାର୍ଥୀଙ୍କ ସଂଖ୍ୟା ଅନୁସାରେ କର୍ମଚାରୀ ନିଯୁକ୍ତି ହେବେ , ତାହା ସହ ନୂଆଁ ନିର୍ଦ୍ଦେଶ ନାମା ଆଣିଛନ୍ତି ଯାହାଦ୍ୱାରା ବର୍ତ୍ତମାନ ଠିକା ପାଇଥିବା ଠିକାଦାର ତାଙ୍କ ହିସାବରେ ନିଯୁକ୍ତିଦେବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଲମୋନ ରାଇକା କହିଛନ୍ତି ।

# ରାଉରକେଲାରେ ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ

ରାଉରକେଲା ୧/୪ (ନିପ୍ର): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଆଜି ୯୧ତମ ଜୟନ୍ତୀ ପାଳନ କରାଯାଉଛି। ୧୯୩୬ ଅପ୍ରେଲ ୧ ତାରିଖ ଦିନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଅର୍ଥାତ୍ ଆଜିର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ଏଥିସହିତ ଓଡ଼ିଶା ପୋଲିସ୍ ବାହିନୀର ମଧ୍ୟ ଗଠନ କରାଯାଇଥିଲା। ଆଜି ଓଡିଶା ପୋଲିସ୍ ୯୧ତମ ବର୍ଷରେ ପଦାର୍ପଣ କରିବା ସହିତ ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ ପାଳନ କରୁଛି। ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆଜି ରାଉରକେଲା ସଂରକ୍ଷିତ ଆରକ୍ଷୀ କାର୍ଯ୍ୟାଳୟ ପଡିଆରେ ମିଳିତ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା। ଏହି ପ୍ୟାରେଡରେ ପାଞ୍ଚ ପ୍ଲାଟୁନ୍ ପୋଲିସ ଫୋର୍ସ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ଏବଂ ସମ୍ମାନୀୟ ଅତିଥି ଭାବେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ଯୋଗଦେଇ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସର ମିଳିତ ପ୍ୟାରେଡ ପରେ ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ ଅବସରରେ ଓଡିଶା ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କ ବାର୍ତ୍ତା ପାଠ କରିଥିଲେ। ଏଥିସହିତ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ ଅବସରରେ ଦେଇଥିବା ବାର୍ତ୍ତା ମଧ୍ୟ ପଠନ କରିଥିଲେ। ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଉରକେଲା ପୋଲିସ୍ ଜିଲ୍ଲାରେ ଉତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ୧୫ ଜଣ ପୋଲିସ୍ ଅଧିକାରୀ ଓ ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ କରାଯିବା ସହ ସେମାନଙ୍କୁ ମାନପତ୍ର ଏବଂ ନଗଦ ଅର୍ଥରାଶି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏହି ୧୫ ଜଣ ପୋଲିସଙ୍କ ମଧ୍ୟରେ ପୋଲିସ୍ ଏସ୍‌ଆଇ ଅର୍ଜୁନ ସେଠୀ, ଏଏସ୍‌ଆଇ ରତିରଞ୍ଜନ ସାମଲ, ହାବିଲଦାର ଦିନେଶ ଚନ୍ଦ୍ର ନାୟକ, କନେଷ୍ଟବଲ ଭାଗୀରଥି ହେମ୍ବ୍ରମ, ଟ୍ରାଫିକ୍ କନେଷ୍ଟବଲ ଅର୍ଚ୍ଚନା ଏକ୍କା, କନେଷ୍ଟବଲ ବିକାଶ କୁମାର ନାୟକ, ରେଳବାଇ ପୋଲିସ (ଜିଆଇପି) ଏସ୍‌ଆଇ ଦୀପକ କୁମାର ମାଝି, ରେଳବାଇ ପୋଲିସ୍ ଏଏସ୍‌ଆଇ ସୁନୀଲ କୁମାର ତାରିଣୀ, ରେଳବାଇ ହାବିଲଦାର କୃଷ୍ଣ ଚନ୍ଦ୍ର ପୃଷ୍ଟି, ରେଳବାଇ କନେଷ୍ଟବଲ ଆନନ୍ଦ କୁମାର ନାୟକ, ରେଳବାଇ କନେଷ୍ଟବଲ ପ୍ରଶାନ୍ତ କୁମାର ଜେନା, ଓଏସ୍‌ଏପି (ଆର୍ମଡ୍) ଏସ୍‌ଆଇ ଅମୀୟ କୁମାର ପଟ୍ଟନାୟକ, ଓଏସ୍‌ଏପି ମେଜର ରାଜେଶ ଗୁରୁଙ୍ଗ୍, ଓଏସ୍‌ଏପି ହାବିଲଦାର ପୁଲିନ୍ କୁମାର ସାହୁ, ଓଏସ୍‌ଏପି କନେଷ୍ଟବଲ ପ୍ରବୁରାମ ପ୍ରଧାନ ପ୍ରମୁଖ ରହିଛନ୍ତି।

# ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ଜାରି

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜାତିଆଣ ଆକ୍ଷେପ; କାର୍ଯ୍ୟାନୁଷ୍ଠାନ ଦାବି

ନିମାପଡ଼ା, ୩୧।୩ (ନି.ପ୍ର.): ନିମାପଡ଼ା ଶିକ୍ଷା ମଣ୍ଡଳ ଅଧୀନସ୍ଥ କୁଆଁସ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜାତିଆଣ ଆକ୍ଷେପ କରି ଜନୈକା ସହକାରୀ ଶିକ୍ଷୟିତ୍ରୀଙ୍କ ନାମେ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ହେବାର ୧ ମାସ ବିତିଥିଲେ ହେଁ ବିଭିନ୍ନ ଆଳ ଦେଖାଇ କର୍ତ୍ତୃପକ୍ଷ ତଦନ୍ତ କରୁ ନଥିବାରୁ ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ବିଦ୍ୟାଳୟରେ ପଶି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଧମକ ଚମକ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି। ଗତ ସପ୍ତାହରେ ଏଥି ନେଇ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ଏବଂ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପୁଷ୍ପମିତ୍ର ମିଶ୍ର ଏବଂ ସୁଦର୍ଶନ ଭୋଇ ବିଦ୍ୟାଳୟକୁ ଯାଇ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମବାସୀ, ପରିଚାଳନା କମିଟି ସଭ୍ୟ/ସଭ୍ୟା, ଅଭିଭାବକ ଏବଂ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକଙ୍କ ଠାରୁ ସମସ୍ତ ବିଷୟ ପଚାରି ବୁଝିଥିଲେ।

କୌଣସି ପଦକ୍ଷେପ ଗ୍ରହଣ କରା ନଯିବା ପରିତାପର ବିଷୟ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ମାନସିକ ଚାପ ଦେଇ ଗତି କରୁଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବ୍ଲକ୍ ଶିକ୍ଷାଧିକାରୀ ପଦକ୍ଷେପ ଗ୍ରହଣ ନ କଲେ ଛୁଟିରେ ରହିବାକୁ ବାଧ୍ୟ ହେବେ ବୋଲି ସୂଚନା ଦେଇ କର୍ତ୍ତୃପକ୍ଷଙ୍କୁ ଅବଗତ କରି ବିଦ୍ୟାଳୟ ନ ଯିବା ପାଇଁ ବାଧ୍ୟ ହେବେ ବୋଲି କହିଥିଲେ। ଏ ସଂକ୍ରାନ୍ତରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କ ମତାମତ ନେବାରୁ ମିଳିତ ତଦନ୍ତ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି । ନିର୍ଦ୍ଦେଶ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ। ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜାଣିଶୁଣି ତଦନ୍ତରେ ଅବହେଳା ପ୍ରଦର୍ଶନ କରାଯାଉଛି ବୋଲି ଅନେକ ଅଭିଭାବକ ମତବ୍ୟକ୍ତ କରି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଅଧିକାରୀ ତଦନ୍ତ କଲେ ସତ୍ୟାସତ୍ୟ ଉନ୍ମୋଚିତ ହୋଇପାରନ୍ତା ବୋଲି ମତବ୍ୟକ୍ତ କରିଥିଲେ।

# କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ଭବାନୀପାଟଣା, ୧/୪ (ନି.ପ୍ର)- କଟକ ଏସସିବି ମେଡିକାଲ କଲେଜର ଆଇସିୟୁରେ ଘଟିଥିବା ଦୁର୍ଭାଗ୍ୟଜନକ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୧୩ ଜଣ ପରିବାରକୁ ନ୍ୟାୟ ପ୍ରଦାନ ଏବଂ ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଦାୟିତ୍ୱରେ ଥିବା ଡଃ ମୁକେଶ ମହାଲିଙ୍ଗଙ୍କ ଅବହେଳା ହେତୁ ତୁରନ୍ତ ଇସ୍ତଫା ଦାବି କରି କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ପକ୍ଷରୁ ଭବାନୀପାଟଣା ଗାନ୍ଧୀ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥି ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉପରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ଅପମାନଜନକ ମନ୍ତବ୍ୟକୁ ନିନ୍ଦା କରିବା ସହ ଉଭୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ନିଶିକାନ୍ତ ଦୁବେଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଗାନ୍ଧୀ ଛକ ଠାରେ ଶତାଧିକ ବିଜେଡି କର୍ମକର୍ତ୍ତା ୧୩ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ଏକ ମନୁଷ୍ୟକୃତ ଅପରାଧ ବୋଲି ଅଭିଯୋଗ କରିବା ସହ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାପାଇଁ ଦାବି କରିଛନ୍ତି।

ଏସସିବିକୁ ରୋଗୀମାନେ ସୁସ୍ଥ ହେବାର ଅନେକ ଆଶା ନେଇ ଡାକ୍ତରଖାନାକୁ ଆସନ୍ତି, କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ସେମାନଙ୍କୁ ଏଭଳି ଏକ ଭୟଙ୍କର ମୃତ୍ୟୁର ସାମ୍ନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ହୃଦୟ ବିଦାରକ ବୋଲି ଯୁବ ବିଜେଡି କହିଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ




ଦୁଷ୍ମନ୍ତ ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପ ସଭାପତି ମନୀନ୍ଦ୍ର ମହାନ୍ତି, ନଗରପାଳ ବିଷ୍ଣୁ ପ୍ରଧାନ, ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ମହିଳା ସଭାନେତ୍ରୀ ସବିତା ପ୍ରଧାନ, ବରିଷ୍ଠ ବିଜେଡି ନେତା ବଦ୍ରିନାରାୟଣ ପଟ୍ଟନାୟକ, ନୃପରାଜ ଯାଦବ, ନିହାର ମିଶ୍ର, ଦିନେଶ ବଗର୍ତ୍ତି, ଶିବା ସାହୁ, କ୍ଷିରସିନ୍ଧୁ ନାଏକ, ମହେନ୍ଦ୍ର ରାଉତ, ଅବଦୁଲ କାଦିର , ଯୁବ ନେତା ସାମନ୍ତ ଖମାରୀ, ନୀଳାମ୍ବର ସାହୁ, ଜୟନ୍ତ ନାଏକ, ଜୟସେନ ସାହୁ, ପୀତବାସ ବେହେରା, ମାନସ ସିନ୍ଦୂର, ରଞ୍ଜୁକ୍ତା ପ୍ରଧାନ, ପ୍ରଦୀପ ପ୍ରଧାନ, ହେରାମଣୀ ଗଣ୍ଡ, ଜୟନ୍ତୀ ଅଗ୍ରୱାଲ, ପିଙ୍କି ରାଉତ, ଗିରିଜା ଗହୀର, ରବି ଚନ୍ଦ୍ର ନାଏକ , ଉତ୍ପଳ ଦାସ, ପର୍ଶୁରାମ ସାହୁ , ପ୍ରମୁଖ ଯୋଗଦେଇଥିଲେ।

# ମୁସିଗୁଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଭବାନୀପାଟଣା, ୧/୪ (ନି.ପ୍ର)- ଭବାନୀପାଟଣା ବ୍ଲକ ଅନ୍ତର୍ଗତ ମୁସିଗୁଡା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଶଶାଙ୍କ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝିଲୀ ମେହେର, ମୁଖ୍ୟବକ୍ତା ଭାବେ ସୁକାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ହରିହରନ ନାଗ, ସୁଶ୍ରୀ ରାଜଶ୍ରୀ ନାୟକ, ପିଟିଏ ସଦସ୍ୟ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ରାୟ, ସି ଆର ସି ବିଜୟ କୁମାର ଦାସ, ଭୂଜବଲ୍ କେତକୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଧାନ ଶିକ୍ଷକ ଶଶାଙ୍କ ଚୌଧୁରୀ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ। ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ, ରଙ୍ଗୋଲି ତଥା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସତ୍ୟନାରାୟଣ ଗିଭେଲା ଏବଂ ପଦ୍ମଲୋଚନ କଟା ପରିଚାଳନା କରିଥିବା ବେଳେ ଶିକ୍ଷକ ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ,ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନେ ଉପସ୍ଥିତ ରହିଥିଲେ।

# ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳିତ

ଭବାନୀପାଟଣା, ୧ ।୪ (ନିପ୍ର): ବିଜୁ ଜନତା ଦଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ୯୦ ବର୍ଷ ପୂର୍ତ୍ତିକୁ ସାରା ରାଜ୍ୟରେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛି । ସେହି ଅନୁକ୍ରମେ ଆଜି 'ଓଡ଼ିଶା ଦିବସ' ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଦେବା ସହ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସେହିଭଳି ଭବାନୀପାଟଣାର ବିଭିନ୍ନ ଛକ ରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସେହିପରି ମହାତ୍ମା ଗାନ୍ଧୀଜୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଡଃ ବି ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରି ତାଙ୍କୁ ବିଜେଡି ନେତା ମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ନଗରପାଳ ବିଷ୍ଣୁ ପ୍ରଧାନ, ବରିଷ୍ଠ ବିଜେଡି ନେତା ଭବାନୀ ଶଙ୍କର ମିଶ୍ର, ଜିତେନ୍ଦ୍ର ମହାନ୍ତି, ପ୍ରଦୀପ ମୁଣ୍ଡ, ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ମହିଳା ଜୋନ ସଭାପତି ଲଳିତା ନାଏକ, ରାଜ୍ୟ ବରିଷ୍ଠ ଯୁବ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ବିଜେଡି ଉପସଭାପତି ମନିନ୍ଦ୍ର ମହାନ୍ତି, ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର, ସାମନ୍ତ ଖମାରୀ, ସେନାପତି ନାଏକ, ପରମାନନ୍ଦ ମାଝୀ, ତ୍ରିଲୋଚନ ପାଣିଗ୍ରାହୀ, ଶିବା ସାହୁ, କ୍ଷିରସିନ୍ଧୁ ନାଏକ , ରଞ୍ଜୁକ୍ତା ପ୍ରଧାନ, ଦିନେଶ ସାହୁ, ନିହାର ମିଶ୍ର, ଜଜାତି ନାୟକ, ଦିନେଶ ବଗର୍ତ୍ତି, ସେଖ୍ ମୁନାବର, ଉତ୍ପଳ ଦାସ, ମହେନ୍ଦ୍ର ରାଉତ, ପିତବାସ ବେହେରା, ମାନସ ସିନ୍ଦୂର, ଭୋଳାନାଥ ନାଗ, ମଧୁ ନାଗ, ଅମିତ ଯାଦବ ପ୍ରମୁଖ ଯୋଗ ଦେଇଥିଲେ।

## ଆସାମରୁ ରାହୁଲଙ୍କୁ ମୋଦିଙ୍କ ନିଶାଣ

# ଆତ୍ମଘୋଷିତ ରାଜାଙ୍କର ପରାଜୟରେ ଶତକ ହେବାକୁ ଯାଉଛି



ନୂଆଦିଲ୍ଲୀ, ୧/୪; ଆସାମ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେଠାରେ ଏକ ନିର୍ବାଚନୀ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନତାଙ୍କୁ ସମ୍ବୋଧନ କରିଛନ୍ତି । କଂଗ୍ରେସ ଦଳ ଉପରେ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ । କଂଗ୍ରେସ ଏବଂ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ସେ କହିଛନ୍ତି, ''ଆସାମରେ କଂଗ୍ରେସର ପରାଜୟ ନିଶ୍ଚିତ । କଂଗ୍ରେସର ଆତ୍ମଘୋଷିତ 'ରାଜକୁମାର' ତାଙ୍କର ପରାଜୟର ସଞ୍ଚୁରୀରେ ପହଞ୍ଚିବାକୁ ଯାଉଛନ୍ତି । ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ, ଆସାମ ଗତ ୧୦ ବର୍ଷ ମଧ୍ୟରେ ସେବା ଏବଂ ସୁଶାସନର ଏକ ନୂତନ ଯୁଗ ଦେଖିଛି । ଏହି ନିର୍ବାଚନ ଭାରତରେ ଆସାମକୁ ଏକ ବିକଶିତ ଆସାମରେ ପରିଣତ କରିବାକୁ ଯାଉଛି । ଏଥର, ବିଜେପି-ଏନଡିଏ ସରକାର ନିଶ୍ଚିତ ଭାବରେ ହ୍ୟାଟ୍ରିକ୍ ସ୍କୋର କରିବ ।'' ଆସାମର ଧେମାଜିରେ ଜନସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, '' କଂଗ୍ରେସ ଆସାମରେ ବିଦେଶୀମାନଙ୍କୁ ବସାଇବାକୁ ଏବଂ ଏହି ମାଟିର ପୁଅ ଏବଂ ଝିଅମାନଙ୍କୁ ସଂଖ୍ୟାଲଘୁ କରିବାକୁ ଚାହୁଁଛି । ବିଜେପି-ଏନଡିଏ ସରକାର ଆମର ଚାଷୀ, ଆଦିବାସୀ ଏବଂ ଆମର ଜଙ୍ଗଲର ଜମିକୁ ଅନୁପ୍ରବେଶକାରୀଙ୍କ ଦଖଲରେ ରଖିବାକୁ ଦେବ ନାହିଁ । ଅବୈଧ ଦଖଲ ବିରୁଦ୍ଧରେ, ବିଜେପି-ଏନଡିଏ ସରକାରଙ୍କ କାର୍ଯ୍ୟ ଜାରି ରହିବ । ଆସାମୀୟ ଗର୍ବ ଏବଂ ପରିଚୟ ଜାରି ରହିବ । ଏହା ମୋଦିଙ୍କ ଗ୍ୟାରେଣ୍ଟି । ଆସାମ କଂଗ୍ରେସ ନେତାମାନେ ଏକ ବିପଜ୍ଜନକ ଆଇନ ଗଠନ କରିବା ବିଷୟରେ କଥା ହେଉଛନ୍ତି । ଆଜି ମୁଁ ଆସାମବାସୀଙ୍କ ସମ୍ମୁଖରେ କଂଗ୍ରେସର ଏକ ଚାଲକୁ ପ୍ରକାଶ କରିବାକୁ ଚାହୁଁଛି । ୨୦୧୪ ନିର୍ବାଚନ ପୂର୍ବରୁ, କଂଗ୍ରେସ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏକ ସାମ୍ପ୍ରଦାୟିକ ହିଂସା ଆଇନ ପ୍ରଣୟନ କରିବାକୁ ଚେଷ୍ଟା କରିଥିଲା । ଏହାର ଉଦ୍ଦେଶ୍ୟ ଥିଲା ସେମାନଙ୍କର ସ୍ଥିର ଭୋଟ ବ୍ୟାଙ୍କକୁ ସନ୍ତୁଷ୍ଟ କରିବା । ଏହି ବିଲରେ ଦଙ୍ଗା ପାଇଁ ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟକୁ ଦାୟୀ କରାଯାଇଥିଲା, ଏବଂ ଧାର୍ମିକ ସଂଖ୍ୟାଲଘୁମାନଙ୍କୁ ପୀଡିତ ବୋଲି ଧରାଯାଇଥିଲା । ଏହି ବିଲ୍ ନିଜେ ସାମ୍ପ୍ରଦାୟିକ ଥିଲା, ତେଣୁ ବିଜେପି-ଏନଡିଏ ଏହି ଆଇନକୁ ସଂସଦରେ ପାସ୍ ହେବାକୁ ଦେଇ ନଥିଲା ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିବ୍ରୁଗଡରେ ଥିବା ସୁନ୍ଦର ଏକ ଚା' ବଗିଚାକୁ ଗସ୍ତ କରି ସେଠାରେ କାମ କରୁଥିବା ମହିଳାଙ୍କ ସହ କଥା ହୋଇଥିଲେ। ସେ ଶ୍ରମିକଙ୍କ ସହ ମିଶି ନିଜେ ତାଜା ଚା' ପତ୍ର ତୋଳିଛନ୍ତି।

## ସେନସେକ୍ସ ୧,୮୦୦ ପଏଣ୍ଟ ବୃଦ୍ଧି

ନୂଆଦିଲ୍ଲୀ, ୧।୪: ଆମେରିକା ସେନା ଇରାନ ଛାଡ଼ିବା ନେଇ ଟ୍ରମ୍ପଙ୍କ ଘୋଷଣା ପରେ ଉଛୁଳିଲା ସେୟାର ବଜାର । ୧୮ ଶହ ପଏଣ୍ଟ ବଢ଼ିଲା ସେନସେକ୍ସ। ଭାରତୀୟ ଷ୍ଟକ୍ ମାର୍କେଟ୍ ନୂଆ ଆର୍ଥିକ ତ୍ରୟମାସର ଆରମ୍ଭ ସକାରାତ୍ମକ ରହିଛି । ବଜାର ଖୋଲିବାରୁ ସେନସେକ୍ସ ୧,୬୦୦ ପଏଣ୍ଟ୍ ବୃଦ୍ଧି ପାଇଥିଲା ପରେ ଏହା ୧୮୦୦ ପଏଣ୍ଟ ବୃଦ୍ଧି ପାଇଛି । ସେହିପରି ନିଫ୍ଟି ୫୦୦ ପଏଣ୍ଟ୍ ଉପରକୁ ଉଠିଛି । ନିଫ୍ଟି ୨୨ ହଜାର ୮୦୦ ପଏଣ୍ଟ ଉପରେ ରହିଥିବା ବେଳେ ସେନସେକ୍ସ ୭୩ ହଜାର ୫୯୦ ପଏଣ୍ଟ ଉପରେ ରହିଛି । ବିଏସଇ ସେନସେକ୍ସରେ ୨ ଦଶମିକ ୨୯ ପଏଣ୍ଟ ଅଭିବୃଦ୍ଧି ହୋଇଛି । ଇରାନ୍ ଯୁଦ୍ଧ ଯୋଗୁଁ ମାର୍ଚ୍ଚ ମାସରେ ସେୟାର ବଜାର ଭୁଷୁଡ଼ିପଡ଼ିଥିଲା। ଆମେରିକା ସେନା ଦୁଇ ସପ୍ତାହ ମଧ୍ୟରେ ଇରାନ ଛାଡ଼ିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ପରେ ସେୟାର ବଜାରରେ ଉତ୍ସାହ ଦେଖିବାକୁ ମିଳିଛି । ଯାହା ନିବେଶକଙ୍କୁ ଆଶ୍ୱସ୍ତି ଦେଇଛି । ହୋଇଥିବା ତୀବ୍ର ଦରପତନ ପରେ ଏହା ଏକ ଆଶ୍ୱସ୍ତି ଦେଇଛି ।

## ସେନା ବିମାନ ଦୁର୍ଘଟଣାଗ୍ରସ୍ତ, ୨୯ ମୃତ

ମସ୍କୋ, ୧।୪: ରୁଷିଆରେ ଏକ ବଡ଼ ବିମାନ ଦୁର୍ଘଟଣାର ରିପୋର୍ଟ ସାମ୍ନାକୁ ଆସିଛି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଉଦ୍ଧୃତ କରି, ସମ୍ବାଦ ସଂସ୍ଥା ଟାସ ବୁଧବାର ରିପୋର୍ଟ କରିଛି ଯେ ଏକ ରୁଷୀୟ ଆଣ୍ଟୋନୋଭ-୨୬ ସାମରିକ ପରିବହନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁଃଖଦ ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୨୯ ଜଣ ପ୍ରାଣ ହରାଇଛନ୍ତି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଦୁର୍ଘଟଣା ୩୧ ମାର୍ଚ୍ଚ, ମଙ୍ଗଳବାର ଘଟିଥିଲା। ବିମାନଟି ତା'ର ନିର୍ଦ୍ଧାରିତ ଉଡ଼ାଣରେ ଥିଲାବେଳେ ହଠାତ ନିୟନ୍ତ୍ରଣ କେନ୍ଦ୍ର ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା। ସନ୍ଧାନ ଏବଂ ଉଦ୍ଧାର ଦଳଗୁଡ଼ିକ କଠିନ ପରିଶ୍ରମ ପରେ ଦୁର୍ଘଟଣାସ୍ଥଳକୁ ଠାବ କରିଥିଲେ। ଘଟଣାସ୍ଥଳରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ବିମାନରେ ଥିବା ୬ ଜଣ କ୍ରୁ ସଦସ୍ୟ ଏବଂ ୨୩ ଜଣ ଯାତ୍ରୀଙ୍କ

## କୁଏତରେ ମୃତ୍ୟୁବରଣ କରିଥିବା ୨୦ ନାଗରିକଙ୍କ ମୃତଦେହ ଭାରତରେ ପହଞ୍ଚିଲା

ନୂଆଦିଲ୍ଲୀ, ୧।୪: ମଧ୍ୟପ୍ରାଚ୍ୟ ଯୁଦ୍ଧ ୩୩ ଦିନରେ ପହଞ୍ଚିଛି । ଏହି ଯୁଦ୍ଧରେ ଇରାନ ଏବଂ ଇସ୍ରାଏଲର ଶହ ଶହ ଲୋକଙ୍କ ରଜୀବନ ଯାଇଛି। ଯୁଦ୍ଧ ଭାରତ ସମେତ ଅନ୍ୟାନ୍ୟ ଦେଶଗୁଡ଼ିକୁ ମଧ୍ୟ ପ୍ରଭାବିତ କରିଛି। ଇରାନ ଆକ୍ରମଣରେ କୁଏତରେ ଅନେକ ଭାରତୀୟଙ୍କ ମୃତ୍ୟୁ ହୋଇଥିଲା ।ମଙ୍ଗଳବାର-ବୁଧବାର ବିଳମ୍ବିତ ରାତିରେ କୁଏତ ଏୟାରୱେଜର ଏକ ସ୍ୱତନ୍ତ୍ର ବିମାନ କେରଳର ଏର୍ଣ୍ଣାକୁଲମରେ ଥିବା କୋଚିନ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛି । ଏଥିରେ ୨୦ ଜଣ ସାଧାରଣ ନାଗରିକଙ୍କ ମୃତଦେହ ରହିଛି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଯୁଦ୍ଧରେ ୮ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଥିବା ଦାବି କରୁଛି। ମୃତଦେହ ସତ୍ୟର ପ୍ରମାଣ ଦେଉଛି ନା ବୈଦେଶିକ ମନ୍ତ୍ରଣାଳୟ ସତ କହୁଛି ସେନେଇ ପ୍ରଶ୍ନ ଉଠିବାରେ ଲାଗିଛି । ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ସଂଘର୍ଷ ଯୋଗୁଁ ଏପର୍ଯ୍ୟନ୍ତ ପ୍ରାୟ ୫୫ ଲକ୍ଷ ଯାତ୍ରୀ ଭାରତ ଫେରି ଆସିଛନ୍ତି। ଭାରତୀୟ ଦୂତାବାସ ପ୍ରଭାବିତ ପରିବାରଗୁଡ଼ିକୁ ସକ୍ରିୟ ଭାବରେ ସହାୟତା କରୁଛି ଏବଂ ମୃତଦେହ ଆଣିବାକୁ ଚେଷ୍ଟା କରାଯାଉଛି ।

## ଇସ୍ରାଏଲ ଏୟାରଷ୍ଟ୍ରାଇକ୍‌ରେ ୪୦ ଇରାନୀ ନେତା ମୃତ

ନୂଆଦିଲ୍ଲୀ, ୧/୪ : ଯୁଦ୍ଧ ଥମୁନି । ଆମେରିକା ଅଣ୍ଟ ହଟିଲେ ବି ଛାଡୁନି ଇସ୍ରାଏଲ । ଇରାନ ଉପରେ ପ୍ରଚଣ୍ଡ ପ୍ରହାର କରୁଛି । ଆଣବିକ ପ୍ଲାଣ୍ଟ୍ ଏବଂ ବଡ ବଡ କାର୍ଯ୍ୟାଳୟକୁ ଟାର୍ଗେଟ୍ କରୁଛି । ଯାହାର ପ୍ରମାଣ ଦେଇଛି ଇସ୍ରାଏଲ ସେନା । ସୋସିଆଲ ମିଡିଆରେ ଫଟୋ ଏବଂ ଭିଡିଓ ପୋଷ୍ଟ୍ କରି ନିଜର ଶକ୍ତି ଦେଖାଇଛି। ଇରାନ ବିରୋଧରେ ଫେବ୍ରୁଆରୀ ୨୮ରେ ଅପରେସନ୍ ରୋର୍ ଅଫ୍ ଦି ଲାୟନ ଆରମ୍ଭ କରିଥିଲା ଇସ୍ରାଏଲ । ଯାହା ପରଠୁ ଇରାନ ଉପରେ ହଜାର ହଜାର ମିସାଇଲ ମାଡ ହେଉଛି । ଏପରିକି ମାତ୍ର ୪୦ ସେକେଣ୍ଡରେ ନେତନ୍ୟାହୁଙ୍କ ସେନା ଇରାନର ୪୦ ଟପ୍ ଅଧିକାରୀଙ୍କୁ ନିପାତ କରିଥିବା ଦାବି କରିଛି। ଇସ୍ରାଏଲ ସେନାର ରିପୋର୍ଟ ଅନୁସାରେ, ଯୁଦ୍ଧ ଆରମ୍ଭରୁ ଏବେସୁଦ୍ଧା ୮୦୦ ଥର ଆକ୍ରମଣ କରାଯାଇଛି । ୮୦୦ ଆକ୍ରମଣରେ ୧୦୦୦୦ ଏୟାରଷ୍ଟ୍ରାଇକ୍ ସାମିଲ ଅଛି । ୪ ହଜାରରୁ ଅଧିକ ଜାଗାକୁ ଟାର୍ଗେଟ୍ କରାଯାଇଛି ।

## ନ୍ୟାୟ ପାଇଁ ଜାତିସଂଘର ଦ୍ୱାରସ୍ଥ ହେଲା ଇରାନ



ନ୍ୟୁୟର୍କ, ୧/୪: ନ୍ୟାୟ ପାଇଁ ଇରାନ ଜାତିସଂଘର ଦ୍ୱାରସ୍ଥ ହୋଇଛି। ଆମେରିକା-ଇସ୍ରାଏଲ୍ ପକ୍ଷରୁ ଇରାନ ଉପରେ ଆକ୍ରମଣ ଜାରି ରହିଥିବାବେଳେ ଇରାନ ୪ ଆରବ ଦେଶଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣି ଜାତିସଂଘରେ ଫେରାଦ୍ କରିଛି। ଇରାନ କହିଛି ଯୁଦ୍ଧରେ ୟୁଏଇ, ସାଉଦି ଆରବ, କତାର ଏବଂ କୁଏତରେ ଥିବା ସାମରିକ ଘାଟିରୁ ଆମେରିକା ପକ୍ଷରୁ ଆକ୍ରମଣ କରାଯାଇଛି। ଏସବୁ ଦେଶଙ୍କ ସହିତ ଭଲ ପଡ଼ୋଶୀ ଭାବେ ସମ୍ପର୍କ ରଖାଯାଇଥିବାବେଳେ ସେମାନେ ଏଭଳି ପଦକ୍ଷେପ ନେବା ଠିକ୍ ହୋଇନି ବୋଲି ଇରାନ କହିଛି। ଏସବୁ ଦେଶ ଆଗାମୀ ଦିନରେ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଇରାନ ଅପିଲ୍ କରିଛି। ଇରାନୀ ମିଡିଆ ପ୍ରେସ୍ ଟିଭି ଅନୁସାରେ ଜାତିସଂଘ ମହାସଚିବ ଏବଂ ସୁରକ୍ଷା ପରିଷଦକୁ ଇରାନ ସରକାରଙ୍କ ପକ୍ଷରୁ ପୃଥକ ପୃଥକ ଚିଠି ଲେଖାଯାଇଛି। ଜାତିସଂଘରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ ତଥା ସ୍ଥାୟୀ ପ୍ରତିନିଧି ଅମିର ସଇଦ ଇରାୱାନୀ ଚିଠିରେ ଉଲ୍ଲେଖ କରିଛନ୍ତି, ଆର୍ନ୍ତଜାତୀୟ ଆଇନ ଅନୁସାରେ ଯଦି କୌଣସି ଦେଶର ଅଞ୍ଚଳରୁ ଅନ୍ୟ ଦେଶ ଦ୍ୱାରା ତୃତୀୟ ଦେଶ ଉପରେ ଆକ୍ରମଣ କରାଯାଏ ତେବେ ଏଥିପାଇଁ ଯେଉଁ ଦେଶର ଅଞ୍ଚଳ ବ୍ୟବହାର କରାଯାଇଥିବ ସେ ଦେଶ ହିଁ ଉତ୍ତରଦାୟୀ ହେବ। ଇରାନ ଏଭଳି କାର୍ଯ୍ୟର ଦୃଢ଼ ବିରୋଧ କରିବା ସହିତ ଏହାକୁ ନିନ୍ଦା କରୁଛି। ଆମେରିକା ତଥା ଇସ୍ରାଏଲକୁ ଆମ ଉପରେ ଆକ୍ରମଣ କରିବାରେ ସହାୟତା କରିଥିବା ଦେଶକୁ ଏପରି ନକରିବାକୁ ଆମେ ଅପିଲ୍ କରୁଛୁ ବୋଲି ଅମିର କହିଛନ୍ତି।

## ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଦେଶୀ ଅନୁଦାନ ବିଲ୍ ସ୍ଥଗିତ ରଖିଲେ ସରକାର

ନୂଆଦିଲ୍ଲୀ, ୧।୪: ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ସରକାର ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ (ଏଫସିଆରଏ) ବିଲକୁ ସ୍ଥଗିତ ରଖିଛନ୍ତି। ଏପରିକି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ଓ ବାମପନ୍ଥୀ ଦଳଗୁଡ଼ିକ ବିଲରେ ପ୍ରସ୍ତାବିତ ପରିବର୍ତ୍ତନ ନେଇ ଅପପ୍ରଚାର କରୁଛନ୍ତି। ବିବାଦ ଯୋଗୁ ବୁଧବାର ଏହି ବିଲକୁ ଲୋକସଭାରେ ଉପସ୍ଥାପନ କରାଯାଇପାରି ନଥିଲା। ପ୍ରତିବାଦର ଜବାବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ, ବିଲ୍କୁ ଭୁଲ ଭାବରେ ଉପସ୍ଥାପନ କରାଯାଉଛି, ବିଶେଷକରି କେରଳରେ। ରିଜିଜୁ କହିଛନ୍ତି, ବିଲ୍ ବିଦେଶୀ ଅନୁଦାନର ଅପବ୍ୟବହାର ରୋକିବା ପାଇଁ ଅଣାଯାଇଛି। ଏହା କୌଣସି ଧର୍ମ କିମ୍ବା ସଙ୍ଗଠନ ବିରୋଧରେ ନୁହେଁ। କିନ୍ତୁ ନିର୍ବାଚନ ଥିବାରୁ କଂଗ୍ରେସ ଓ ବାମଦଳ କେରଳ ଲୋକଙ୍କୁ ଭ୍ରମିତ କରୁଛନ୍ତି। ମାର୍ଚ୍ଚ ୨୫ ତାରିଖରେ ଲୋକସଭାରେ ଉପସ୍ଥାପିତ ଏହି ବିଲ୍ ବିଦେଶୀ ପାଣ୍ଠିରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ବୃଦ୍ଧି କରିବା ଲକ୍ଷ୍ୟରେ ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ, ୨୦୧୦ରେ ବ୍ୟାପକ ପରିବର୍ତ୍ତନ ପ୍ରସ୍ତାବ ଦେଇଛି। ବିରୋଧୀ ସାଂସଦଙ୍କ ପ୍ରବଳ ହୋହଲ୍ଲା ମଧ୍ୟରେ ଗୃହକୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ବିଲ୍ ବିରୋଧରେ କଂଗ୍ରେସ ନେତୃତ୍ୱରେ ଅନେକ ସାଂସଦ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ସାଂସଦଙ୍କ ସହିତ ସମାଜବାଦୀ ପାର୍ଟି ସାଂସଦ ଡିମ୍ପଲ ଯାଦବ ଓ ରାମଗୋପାଳ ଯାଦବ, ଆଇୟୁଏମ୍ଏଲର ଇଟି ମହମ୍ମଦ ବସିର୍ , ଏନସିପି (ଏସ୍ପି) ସୁପ୍ରିୟା ସୁଲେ, ପ୍ରେମଚନ୍ଦ୍ରନ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

## ତେଲ ସଙ୍କଟ ଯୋଗୁଁ ଘରୋଇ ଯାତ୍ରା ବାତିଲ କଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧।୪: ତୈଳ ସଙ୍କଟକୁ ଦୃଷ୍ଟିରେ ରଖି, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ ବୁଧବାର ଏକ ବଡ଼ ଘୋଷଣା କରିଛନ୍ତି । ସେ ତାଙ୍କର ସମସ୍ତ ସାମ୍ପ୍ରତିକ ଘରୋଇ ଯାତ୍ରା ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେ ତାଙ୍କ ମନ୍ତ୍ରୀମାନଙ୍କୁ ଅଣ-ଅତ୍ୟାବଶ୍ୟକୀୟ ଯାତ୍ରାରୁ ନିବୃତ୍ତ ରହିବାକୁ ମଧ୍ୟ କହିଛନ୍ତି। ଇନ୍ଧନ ସଙ୍କଟକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଅଷ୍ଟ୍ରେଲିଆ ସରକାର ନାଗରିକମାନଙ୍କୁ କାର୍ ଏବଂ ମୋଟରସାଇକେଲ ସମେତ ବ୍ୟକ୍ତିଗତ ଯାନ ବ୍ୟବହାର କରିବାରୁ ନିବୃତ୍ତ ରହିବାକୁ ମଧ୍ୟ ନିବେଦନ କରିଛନ୍ତି। ଏକ ସମ୍ବୋଧନରେ ଆଲବାନିଜ୍ କହିଛନ୍ତି, ମୁଁ ଆଞ୍ଜାକ୍ ଦିବସ ପାଇଁ ଗାଲିପୋଲିକୁ ମୋର ଯୋଜନାବଦ୍ଧ ଗସ୍ତ ବାତିଲ କରିଛି। ମୁଁ ସେଠାରେ ଭିଡିଓ ବାର୍ତ୍ତା ମାଧ୍ୟମରେ କହିବି । ମୁଁ ମନ୍ତ୍ରୀମାନଙ୍କୁ ଅଯଥା ଯାତ୍ରା ନକରିବାକୁ ମଧ୍ୟ ଅନୁରୋଧ କରିଛି। ଆନ୍ତର୍ଜାତୀୟ ଯାତ୍ରା ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଯାଉଛି । ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ଆଲବାନିଜ୍ ମେ ମାସ ପର୍ଯ୍ୟନ୍ତ ଜରୁରୀକାଳୀନ ବୈଠକରେ ଯୋଗଦେବା ବ୍ୟତୀତ କୌଣସି ଅଣ-ଅତ୍ୟାବଶ୍ୟକୀୟ ଘରୋଇ ଯାତ୍ରା କରିବେ ନାହିଁ। ଆଲବାନିଜ୍ ଜନସାଧାରଣଙ୍କୁ କହିଛନ୍ତି, ଯେ ଅଷ୍ଟ୍ରେଲିଆ ଏହି ଯୁଦ୍ଧରେ ନାହିଁ, କିନ୍ତୁ ଏହା ସତ୍ତ୍ୱେ, ପ୍ରଭାବିତ ହୋଇଛି ।

## ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ: ଓଡ଼ିଶା ସମେତ ୮ ରାଜ୍ୟକୁ ୧,୫୩୬ କୋଟି ଟଙ୍କା ମଞ୍ଜୁର

ନୂଆଦିଲ୍ଲୀ, ୧।୪(ପିଆଇବି): କେନ୍ଦ୍ର ସରକାର ୨୦୨୫-୨୫ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ସଂସ୍ଥାମାନଙ୍କ ଲାଗି ଆଠଟି ରାଜ୍ୟକୁ ପଞ୍ଚଦଶ ଅର୍ଥ ଆୟୋଗ ବନ୍ଧିତ ଓ ଅଣବନ୍ଧିତ ଅନୁଦାନ ଜାରି କରିଛନ୍ତି। ଏହି ରାଜ୍ୟଗୁଡ଼ିକ ହେଲେ ଓଡ଼ିଶା, ଅରୁଣାଚଳପ୍ରଦେଶ, ଗୁଜରାଟ, ଗୋଆ, ରାଜସ୍ଥାନ, ତେଲେଙ୍ଗାନା ଓ ଉତ୍ତରାଖଣ୍ଡ। ଏହି ପାଣ୍ଠିରେ ନିୟମିତ ଅନୁଦାନ ସମେତ ଅନ୍ୟ ଆର୍ଥିକ ବର୍ଷରେ ଅଟକି ରହିଥିବା କିସ୍ତିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏସବୁ ରାଜ୍ୟରେ ଗ୍ରାମୀଣ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ ସୁଦୃଢ କରିବା ଲକ୍ଷ୍ୟରେ ମୋଟ ୧୫୩୬.୧୪ କୋଟି ଟଙ୍କା ଜାରି କରାଯାଇଛି। ଏହି ରାଶି ମଧ୍ୟରୁ ଓଡ଼ିଶା ବନ୍ଧିତ ଅନୁଦାନଭାବେ ୫୩ କୋଟି ୧୩ ଲକ୍ଷ ଟଙ୍କା ପାଇବ। ଏହା ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅଟକି ରହିଥିବା ପ୍ରଥମ ଓ ଦ୍ୱିତୀୟ କିସ୍ତି ଅନ୍ତର୍ଭୁକ୍ତ।

## ବିଶ୍ୱର ସବୁଠୁ ବଡ଼ ଜନଗଣନା ଅଭିଯାନ ଆରମ୍ଭ



ନୂଆଦିଲ୍ଲୀ, ୧।୪(ପିଆଇବି): ବିଶ୍ୱର ସର୍ବବୃହତ ଜନଗଣନା ଅଭିଯାନ, ଜନଗଣନା ୨୦୨୭ ଆରମ୍ଭ ହୋଇଛି। ଭାରତ ସରକାର ଆଜି ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ - ଗୃହ ତାଲିକା ପ୍ରସ୍ତୁତି ଏବଂ ଗୃହ ଗଣନା (ଏଚଏଲଓ) ଆରମ୍ଭ କରିଛନ୍ତି। ଏହା ହେଉଛି ଦେଶର ସର୍ବବୃହତ ପ୍ରଶାସନିକ ଏବଂ ପରିସଂଖ୍ୟାନ ଅଭିଯାନର ଆରମ୍ଭ। ଏହା ଭାରତର ପ୍ରଥମ ଜନଗଣନା ଯେଉଁଥିରେ ସମ୍ପୂର୍ଣ୍ଣ ଡିଜିଟାଲ ତଥ୍ୟ ସଂଗ୍ରହ ସହିତ ସ୍ୱ-ଗଣନା କରାଯାଇଛି। ଦେଶର ପ୍ରଥମ ନାଗରିକଙ୍କ ଦ୍ୱାରା ଜନଗଣନା ଆରମ୍ଭ କରିବାର ଗୌରବମୟ ପରମ୍ପରାକୁ ଜାରି ରଖି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱ-ଗଣନା ବିକଳ୍ପ ମାଧ୍ୟମରେ ରାଷ୍ଟ୍ରୀୟ ଗଣନା ପ୍ରକ୍ରିୟା ଆରମ୍ଭ କରିଥିଲେ। ଉପରାଷ୍ଟ୍ରପତି ଭବନରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ଜନଗଣନା ୨୦୨୭ ପାଇଁ ଅନଲାଇନ୍ ସ୍ୱ-ଗଣନା ଫର୍ମ ପୂରଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ସ୍ୱ-ଗଣନା ସମ୍ପୂର୍ଣ୍ଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଭାରତର ଲୋକମାନଙ୍କୁ ସେମାନଙ୍କ ପରିବାରର ବିବରଣୀ ସହ ସ୍ୱୟଂ-ପଞ୍ଜିକରଣ କରିବା ଏବଂ ଜନଗଣନା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ନିବେଦନ କରିଛନ୍ତି।

## ନିର୍ବାଚନ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# ଟିଏମ୍‌ସି ଆପତ୍ତିକୁ କଲେ ଖାରଜ

ନୂଆଦିଲ୍ଲୀ, ୧।୪: ପଶ୍ଚିମବଙ୍ଗରେ ଭୋଟର ଲିଷ୍ଟ ବିଶେଷ ଗହନ ପୁନରୀକ୍ଷଣ (ଏସଆଇଆର) କୁ ନେଇ ଜାରି ବିବାଦର ଶୁଣାଣିରେ ସୁପ୍ରିମକୋର୍ଟ ସ୍ପଷ୍ଟ ରୂପେ ନିର୍ବାଚନୀ ପ୍ରକ୍ରିୟା ମାନଙ୍କରେ ନିର୍ବାଚନ ଆୟୋଗଙ୍କ ଅଧିକାରକୁ ମାନ୍ୟତା ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ନିର୍ବାଚନୀ ମାମଲାରେ ନିଷ୍ପତ୍ତି ନେବାର ଚୂଡ଼ାନ୍ତ ଅଧିକାର କେବଳ ନିର୍ବାଚନ ଆୟୋଗଙ୍କ ନିକଟରେ ରହିଛି। ତେବେ ଶୁଣାଣି କାଳରେ ତୃଣମୂଳ କଂଗ୍ରେସ (ଟିଏମସି) ଏସଆଇର ସମ୍ପର୍କରେ କେତେକ ଆପତ୍ତି କରିଥିଲା। ତେବେ କୋର୍ଟ ଟିଏମସିର ଚିନ୍ତାକୁ ଖାରଜ କରିଦେଇଛନ୍ତି ଓ କହିଛନ୍ତି ଯେ ସାମ୍ବିଧାନିକ ସଂସ୍ଥାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରାଯାଇ ପାରିବନି ।ଟିଏମସି ଅଭିଯୋଗ କରିଥିଲା ଯେ ଏସଆଇଆର ପ୍ରକ୍ରିୟାକୁ ରାଜନୈତିକ ଲାଭ ଲାଗି ଉପଯୋଗ କରାଯାଇ ପାରେ। ଏହା ଦ୍ୱାରା ଭୋଟର ଲିଷ୍ଟ ପ୍ରଭାବିତ ହେବ। ତେବେ କୋର୍ଟ କହିଛନ୍ତି ଯେ ଏସଆଇଆର ପ୍ରକ୍ରିୟା କିପରି ହେବ ତାହା ସମ୍ପୂର୍ଣ୍ଣ ନିର୍ବାଚନ ଆୟୋଗଙ୍କ ଉପରେ ନିର୍ଭର କରେ। କାରଣ ଏହା ଆୟୋଗଙ୍କ ଅଧିକାର କ୍ଷେତ୍ର ଅନ୍ତର୍ଭୁକ୍ତ। କୋର୍ଟ ଏହା ବି ସ୍ପଷ୍ଟ କରିଛନ୍ତି ଯେ ଯେଉଁ ପର୍ଯ୍ୟନ୍ତ ଆଇନ ଉଲ୍ଲଂଘନ ନ ହୋଇଛି ସେ ପର୍ଯ୍ୟନ୍ତ ଏଥିରେ ନ୍ୟାୟାଳୟ ହସ୍ତକ୍ଷେପ କରିପାରିବେ ନାହିଁ। ମାମଲାରେ କୋର୍ଟଙ୍କ କଡ଼ା ଟିପ୍ପଣୀକୁ ଏବେ ପଶ୍ଚିମବଙ୍ଗ ରାଜନୀତି ଲାଗି ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ନିର୍ବାଚନ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ଏବେ ସରଗରମ।

## ସିବିଏସଇର ସିଟି ଏବଂ ଏଆଇ ପାଠ୍ୟକ୍ରମର ଶୁଭାରମ୍ଭ

# ଭବିଷ୍ୟତ ପାଇଁ ପରିବର୍ତ୍ତନଶୀଳ ପଦକ୍ଷେପ : ଧର୍ମେନ୍ଦ୍ର ପ୍ରଧାନ





ନୂଆଦିଲ୍ଲୀ, ୧।୪(ପିଆଇବି): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅର୍ଥାତ୍ ୨୦୨୬-୨୭ ଶିକ୍ଷା ବର୍ଷର ପ୍ରଥମ ଦିନରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ର ନୂତନ 'କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ୍ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' (ସିଟି ଏବଂ ଏଆଇ) ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପାଠ୍ୟକ୍ରମ ଜାତୀୟ ଶିକ୍ଷା ନୀତି -୨୦୨୦ ର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତ ଆଜି ବିଶ୍ୱ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରୁଛି । ନ୍ୟାସନାଲ୍ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନସିଇଆରଟି) ସହଯୋଗରେ ବିକଶିତ ଏହି ପାଠ୍ୟକ୍ରମ, ସିବିଏସଇ ବିଦ୍ୟାଳୟ ବ୍ୟବସ୍ଥାରେ ସଂରଚିତ ଏଆଇ ଶିକ୍ଷାକୁ ବ୍ୟାପକ ଭାବେ ପ୍ରଚଳନ କରିବ । ନୂତନ ଶିକ୍ଷାବର୍ଷର ଆରମ୍ଭରୁ ଏହି ପାଠ୍ୟକ୍ରମର ପ୍ରଚଳନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ । ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ କେବଳ ବୈଷୟିକ ଜ୍ଞାନ ବୃଦ୍ଧି ହେବ ନାହିଁ, ବରଂ ସେମାନଙ୍କର ସୃଜନଶୀଳତା, ଡିଜାଇନ ଓରିଏଣ୍ଟେସନ ଏବଂ ସମସ୍ୟା ସମାଧାନର ଦକ୍ଷତା ମଧ୍ୟ ବିକଶିତ ହେବ । "ଏଆଇ ଫର୍ ଏଜୁକେସନ, ଏଆଇ ଇନ୍ ଏଜୁକେସନ" ର ଭିଜନକୁ ଆଧାର କରି ଏହି ଶିକ୍ଷା ବ୍ୟବସ୍ଥା ଭାରତର ଶିଶୁମାନଙ୍କୁ କେବଳ ପ୍ରଯୁକ୍ତିବିଦ୍ୟାର ୟୁଜର୍ ନୁହେଁ, ବରଂ ଆଗାମୀ ଦିନରେ ଟେକ୍ନୋଲୋଜିର ଉଦ୍ଭାବକ ଭାବେ ଗଢ଼ି ତୋଳିବାରେ ସହାୟକ ହେବ। ପାଠ୍ୟକ୍ରମର ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ, ଏଥିରେ ଶିଶୁମାନଙ୍କ ବୟସ ଓ ବୁଦ୍ଧି ଅନୁସାରେ ସରଳ ଓ ପ୍ରଣାଳୀବଦ୍ଧ 'ଷ୍ଟ୍ରକ୍ଚରଡ୍ ମଡ୍ୟୁଲ୍' ସ୍ଥାନ ପାଇଛି । ଏହା ସହିତ ବିଦ୍ୟାଳୟରେ ପ୍ରଭାବଶାଳୀ ଶିକ୍ଷାଦାନ ପାଇଁ ଶିକ୍ଷକମାନଙ୍କୁ ବ୍ୟାପକ ତାଲିମ ଏବଂ ସ୍ୱତନ୍ତ୍ର 'ଶିକ୍ଷକ ମାର୍ଗଦର୍ଶିକା' ବା ଟିଚର ହ୍ୟାଣ୍ଡବୁକ୍ ପ୍ରଦାନ କରାଯିବ ।

# ଚୌଦ୍ୱାର-କଟକର ଶତାଧିକ ଯୁବ-ଛାତ୍ର ବିଜେଡି କର୍ମୀଙ୍କ ଇସ୍ତଫା

କଟକ(ନିପ୍ର): ଚୌଦ୍ୱାର କଟକ ବିଜେଡିରେ ଦିନକୁ ଦିନ ରାଜନୈତିକ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଆଜି ଏହି କ୍ରମରେ କଟକ ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନୂତନ ଗୋଟି ଚାଳନା ଦେଖିବାକୁ ମିଳିଛି। ପ୍ରଭାତଙ୍କ ସଫଳ ଗୋଟି ଚାଳନା ଆଗରେ ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରାଣମୂର୍ଚ୍ଛା ଉଦ୍ୟମ ସତ୍ତ୍ୱେ ଦଳୀୟ କର୍ମୀଙ୍କୁ ବାନ୍ଧି ରଖିପାରୁନାହାନ୍ତି। ଯାହାର ଉଦାହରଣ ଆଜି ଦେଖିବାକୁ ମିଳିଛି। ବିଜେଡି ଯୁବ ଛାତ୍ର ସଂଗଠନର ଅନେକ କର୍ମକର୍ତ୍ତା ଗଣତନ୍ତ୍ର ବ୍ୟବସ୍ଥାରେ ଏକଛତ୍ରବାଦ ବିରୁଦ୍ଧରେ କର୍ମୀମାନେ ଅଣନିଶ୍ୱାସୀ ହୋଇ ପ୍ରଭାତଙ୍କୁ ସମର୍ଥନ ଜଣାଇ ଦଳ ଛାଡୁଛନ୍ତି। ଯାହାକୁ ନେଇ ଚୌଦ୍ୱାର କଟକରେ ବିଜେଡି ଶ୍ରୀହୀନ ହେବାରେ ଲଗିଛି । ଏହି ଅବସରରେ ବୁଧବାର ସନ୍ଧ୍ୟାରେ ମାଛୁଆ ବଜାରସ୍ଥିତ ସର୍କିଟ ହାଉସ ଠାରେ ଚୌଦ୍ୱାର କଟକର ଶତାଧିକ ବିଜୁ ଯୁବ ଛାତ୍ର ଜନତା ଦଳର କର୍ମୀମାନେ ନିଜର ପଦବୀ ସହିତ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ଏହି ଇସ୍ତଫା ପ୍ରଦାନ ସମୟରେ ଅଶୋକ ମିଶ୍ର, ଅଚ୍ୟୁତାନନ୍ଦ ଘୋଷ, ଜିତେନ୍ଦ୍ର ବେହେରା, ଅଭିଜିତ ଦାସ, ପ୍ରିୟବ୍ରତ ଗୋଛାୟେତ, ଅଭିଜିତ ପାତ୍ର, ପପୁ ପାତ୍ର, ଶଙ୍କର୍ଷଣ ପ୍ରଧାନ, ସୁମିତ ସିହ୍ନା, ଜ୍ଞାନରଞ୍ଜନ ଜେନା, ଲୋକରଞ୍ଜନ ଦାସ, ବିଶ୍ୱ ରଞ୍ଜନ ଖଟୁଆଙ୍କ ସମେତ ଶତାଧିକ ଯୁବ ଛାତ୍ର କର୍ମୀ ମାନେ ଉପସ୍ଥିତ ରହି ପ୍ରଭାତଙ୍କ ବହିଷ୍କାରକୁ ଦୃଢ଼ ନିନ୍ଦା କରିବା ସହ ବିଜେଡି ବିରୁଦ୍ଧରେ ନାରା ବାଜି ଦେଇଥିଲେ ।

# ଦୁର୍ନୀତି ସଂଘର୍ଷ ମଞ୍ଚର ଉତ୍କଳ ଦିବସ ପାଳନ

ଭୁବନେଶ୍ୱର(ନିପ୍ର): ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ଅଧକ୍ଷ ଡ଼ଃ ଜଗବନ୍ଧୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ମଞ୍ଚର ସାଧାରଣ ସମ୍ପାଦକ ଅମୀର ପ୍ରସାଦ ସାହୁ, ଉପାଧ୍ୟକ୍ଷ ଇଂ ବଂଶୀଧର ପାଢ଼ୀ, ପରିଚାଳନା ପରିଷଦର ସଭ୍ୟଗଣ, ଯଥା : ବାସନ୍ତୀ ତ୍ରିପାଠୀ, ସୁଧାଂଶୁ ପରିଜା, କୃଷ୍ଣ ଚନ୍ଦ୍ର ବାରିକ୍, ଇଂ ତରୁଣକାନ୍ତ ପଟ୍ଟନାୟକ, ଲାୟନ ପ୍ରଦୀପ ମହାନ୍ତି, ଲାୟନ ଦିଲୀପ କୁମାର ସାହୁ, ଲକ୍ଷ୍ମୀଧର ସେଠ୍, ଡଃ ନଗେନ୍ଦ୍ର ନାଥ ମିଶ୍ର, ଦୀନବନ୍ଧୁ ଷଡ଼ଙ୍ଗୀ ଇତ୍ୟାଦି ଭୁବନେଶ୍ୱର ଲୋକ ଭବନ(ରାଜ ଭବନ) ଛକରେ ଥିବା କୁଳବୃଦ୍ଧ ବାରିଷ୍ଟର ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରୁ ଦୁର୍ନୀତି ହଟେଇବା ପାଇଁ ପ୍ରତ୍ୟେକ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ଜରୁରୀ ବୋଲି ନିଜ ନିଜର ମତ ଅଭିବ୍ୟକ୍ତ କରିଥିଲେ।

### ଘରୋଇ ଇଞ୍ଜିନିୟରିଂ କଲେଜ୍ କ୍ୟାମ୍ପସରେ ଉତ୍ତେଜନା

# ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ଚତୁର୍ଥ ବର୍ଷର ଛାତ୍ରଙ୍କ ଆକ୍ରମଣ

ଭୁବନେଶ୍ୱର(ନିପ୍ର): ରାଜଧାନୀର ଏକ ଘରୋଇ ଇଞ୍ଜିନିୟରିଂ କଲେଜ୍ କ୍ୟାମ୍ପସରେ ଛାତ୍ରଙ୍କ ମଧ୍ୟରେ ପିଟାପିଟି ଘଟଣା ଘଟିଛି। ଦ୍ୱିତୀୟ ବର୍ଷର ଜଣେ ଛାତ୍ରଙ୍କୁ ଚତୁର୍ଥ ବର୍ଷର କିଛି ଛାତ୍ର ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି ଯେଉଁଥିରେ ଉତ୍ତେଜିତ ଛାତ୍ରମାନେ ଏକ ଛାତ୍ରଙ୍କୁ ମାଡ଼ ମାରୁଥିବା ଦେଖାଯାଇଛି। ଏହି ଘଟଣାରେ ଭୁବନେଶ୍ୱର ପାହାଳ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି ଏବଂ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଘଟଣା ଘଟିଥିବା କଲେଜ୍ କ୍ୟାମ୍ପସରେ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ଚତୁର୍ଥ ବର୍ଷର କେତେକ ଛାତ୍ର ଆକ୍ରମଣ କରିଥିଲେ। ସିସିଟିଭି ଫୁଟେଜରେ ଦେଖାଯାଇଛି ଯେ ଏକ ଗ୍ରୁପ୍ ଛାତ୍ର ଏକ ବ୍ୟକ୍ତିଙ୍କୁ ଘେରି ମାଡ଼ ମାରୁଛନ୍ତି ଏବଂ ତାଙ୍କୁ ମାଟିରେ ପକାଇ ଆକ୍ରମଣ ଜାରି ରଖିଛନ୍ତି। ଏହି ଦୃଶ୍ୟ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ଏବଂ କ୍ୟାମ୍ପସର ଭିତରେ ଘଟିଥିବା ବୋଲି ଜଣାପଡ଼ିଛି। ଅଭିଯୋଗ ପତ୍ରରେ

**ପାହାଳ ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ**

ଉଲ୍ଲେଖ ଥିବା ଅନୁଯାୟୀ ଅଭିଯୁକ୍ତମାନଙ୍କ ନାମ ହେଉଛି, ସୁଭାନ ସ୍ମାରକ ସ୍ୱାଇଁ, ଅଭିଜିତ୍ ଲେଙ୍କା, ଓମ୍ ପ୍ରକାଶ ଜେନା, ତୁଷାର କାନ୍ତ ରାଉତ, ଭବାନୀ ଶଙ୍କର ସାହୁ ଏବଂ ବିଶ୍ୱଜିତ୍ ବିଶ୍ୱାଳଙ୍କ ସହ ଅନ୍ୟମାନେ ଆକ୍ରମଣ କରିଥିଲେ। ସେମାନଙ୍କ ଠିକଣା ପାହାଳ ଥାନା ଅଞ୍ଚଳର ହୋଇଥିବାବେଳେ ଅଭିଯୋଗକାରୀଙ୍କ ପରିବାର ଲୋକେ ଏହି ଘଟଣାକୁ ନେଇ ଅଭିଯୋଗ ଆଣିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ ଘଟଣାର ତଦନ୍ତ ଆରମ୍ଭ ହୋଇଛି ଏବଂ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ଚେଷ୍ଟା ଚାଲିଛି। କ୍ୟାମ୍ପସରେ ଏପରି ଉତ୍ତ?ଜନା ଦେଖାଦେବା ପରେ ଛାତ୍ର ସମାଜ ମଧ୍ୟରେ ଆତଙ୍କ ଖେଳିଛି। ଏହି ଘଟଣା ରାଗିଂ କିମ୍ବା କୌଣସି ପୂର୍ବ ବିବାଦର ଫଳ କି ନୁହେଁ ତାହା ତଦନ୍ତରୁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏହି ଘଟଣାର ତଦନ୍ତ ଜାରି ରହିଛି ଏବଂ ପୋଲିସ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛି। ଏହି ଘଟଣା ଅଭିଭାବକଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି। କଲେଜ କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥା ଆହୁରି ଦୃଢ଼ କରିବାକୁ ଦାବି ଉଠିଛି।

# ତିନିମହଲା ଉପରୁ ପଡ଼ି ଯୁବତୀ ମୃତ

## କାରଣ ଅସ୍ପଷ୍ଟ, ପୋଲିସର ତଦନ୍ତ ଜାରି

କଟକ(ନିପ୍ର): ୩ ମହଲା ଉପରୁ ପଡ଼ି ଯୁବତୀ ମୃତ । ସ୍ଥାନୀୟ ବାଦାମବାଡ଼ି ଅଂଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ଫୋନରେ କଥା ହେଉଥିବାବେଳେ ଛାତ ଉପରୁ ପଡ଼ି ଯୁବତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ଘର ଜଗତସିଂହପୁର ଅଂଚଳରେ ହୋଇଥିବା ବେଳେ ସେ ସ୍ଥାନୀୟ ବାଦାମବାଡ଼ିରେ ଭଡ଼ାରେ ରହୁଥିଲେ । ତାଙ୍କ ମୃତଦେହ ନିକଟରୁ ପୋଲିସ ମୋବାଇଲ ଫୋନ ଜବତ କରିଛି । ବାଦାମବାଡ଼ି ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଯୁବତୀ ଜଣକ ଜୀବନ ହାରିଛନ୍ତି ବା ତାଙ୍କୁ କିଏ ଛାତ ଉପରୁ ଠେଲି ଦେଇଛି ଏହାର କାରଣ ଅସ୍ପଷ୍ଟ ରହିଛି । ପୋଲିସର ତଦନ୍ତ ଜାରି ରହିଛି।

# ଦଣ୍ଡଯାତ୍ରା ପାଇଁ ବୁଗୁଡ଼ା ଚଳଚଞ୍ଚଳ



ବୁଗୁଡ଼ା(ନିପ୍ର): ଆରମ୍ଭ ହୋଇଯାଇଛି ଗଞ୍ଜାମ ପ୍ରସିଦ୍ଧ ଦଣ୍ଡଯାତ୍ରା। ସଂପ୍ରତି ଦଣ୍ଡଯାତ୍ରା ଯୋଗୁଁ ବୁଗୁଡ଼ା ଅଞ୍ଚଳ ଉତ୍ସବମୁଖର ସହ ଚଳଚଞ୍ଚଳ ହୋଇଉଠିଛି । ବୁଗୁଡାର ଗ୍ରାମାଞ୍ଚଳ ସାଙ୍ଗକୁ ସହରାଞ୍ଚଳରେ ମଧ୍ୟ କେଉଁଠି ନା କେଉଁଠି ଦଣ୍ଡଯାତ୍ରା ଯୋଗୁଁ ବିଭିନ୍ନ ଦଣ୍ଡଦଳର ନଗର ଭ୍ରମଣ କାଳରେ ପ୍ରତ୍ୟେକ ଘର ସମ୍ମୁଖରେ କୁମ୍ଭ ସ୍ଥାପନର ସୁଦୃଶ୍ୟ ସାଙ୍ଗକୁ ଝୁଣାର ମହକ ଏବଂ ଢୋଲ ବାଦ୍ୟର ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି କରୁଛି । ଦଣ୍ଡୁଆଙ୍କ ଧୂଳିଦଣ୍ଡ, ଜଳଦଣ୍ଡ, ଅଗ୍ନିଦଣ୍ଡ ଓ ପରଭା ନୃତ୍ୟ ଶ୍ରଦ୍ଧାଳୁଙ୍କୁ ଏକ ଭାବବିହ୍ୱଳ ବାତାବରଣ ମଧ୍ୟକୁ ଟାଣି ନେଉଛି । ଏଥିସହ ରାତ୍ରକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି। ଅନ୍ୟପକ୍ଷରେ ଦଣ୍ଡଯାତ୍ରା କାଳରେ ବାନା, ବାଡି, ବେତ, ପିଞ୍ଛମୁଠା, ଫୁଲମାଳ, ନବାତ ଓ ଫଳ ଆଦି ପୂଜା ସାମଗ୍ରୀ କ୍ରୟ ସକାଶେ ମାନସିକଧାରୀ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ବିଭିନ୍ନ ଦୋକାନରେ ଦେଖିବାକୁ ମିଳୁଛି । ତେବେ ଏହି ପାରମ୍ପରିକ ଦଣ୍ଡଯାତ୍ରା ଅବସରରେ ଅଞ୍ଚଳର ବିଭିନ୍ନ ଲୋକକଳାର ଛବି ପ୍ରତିଫଳିତ ହେଉଥିବା ଦେଖିବାକୁ ମିଳୁଛି ।

# ଚୋରା କାଠ ଜବତ

ଭାପୁର(ନିପ୍ର): ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ମାରଡା ଗ୍ରାମରେ ଭାପୁର ବନପାଳ ଚଢ଼ାଉ କରି ୬ ସିଫ୍ଟ ୭ ଫୁଟିଆ ଶାଗୁଆନ ଲଗ୍ ଜବତ କରିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। କୌଣସି ସୂତ୍ରରୁ ଖବରପାଇ ଭାପୁର ବନପାଳ ସୁବାଷ ନାୟକ, ଫତେଗଡ ବିଟର ଗାର୍ଡ ମଧୁସ୍ମିତା ଲେଙ୍କା, ବାଇଗୁଣିଆ ବିଟର ଗାର୍ଡ କିଶୁନ ସୋରେନ ଓ ସ୍କ୍ୱାଡ୍ ପାର୍ଟି ସଦଳବଳେ ମାରଡା ଗ୍ରାମର ଏକ ପଡିଆରୁ ୬ ସିଫ୍ଟ ବଡ ବଡ ଶାଗୁଆନ ଲଗ୍ ଜବତ କରି ଭାପୁର ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଏ ନେଇ ଏକ ମିସ କେସ କରାଯାଇଥିବା ବନପାଳ କହିଛନ୍ତି। ଏହି ଘଟଣାର ଅଧିକ ତଦନ୍ତ ଖଣ୍ଡପଡା ରେଞ୍ଜର କରିବେ ବୋଲି ଜଣାପଡିଛି।

# ହୋଟେଲରେ ତିନି ଅଧିକାରୀଙ୍କ ମିଳିତ ଚଢ଼ାଉ

ଭାପୁର(ନିପ୍ର): ଭାପୁର ବ୍ଲକ ସଦର ମହକୁମାରେ ଅବସ୍ଥିତ ବିଭିନ୍ନ ହୋଟେଲ ଉପରେ ବୁଧବାର ମଧ୍ୟାହ୍ନରେ ତିନି ଅଧିକାରୀ ମିଳିତ ଭାବେ ଚଢ଼ାଉ କରିଥିଲେ ମଧ୍ୟ ପୂର୍ବରୁ ହୋଟେଲ ମାଲିକମାନେ ସତର୍କ ହୋଇଯିବାରୁ କୌଣସି ଗ୍ୟାସ ସିଲିଣ୍ଡର ଜବତ କରିପାରିନଥିଲେ। ଉଲ୍ଲେଖଯୋଗ୍ୟ, ଭାପୁର ବିଡ଼ିଓ, ଅତିରିକ୍ତ ତହସିଲଦାର ଏବଂ ଫତେଗଡ଼ ଥାନା ଆରକ୍ଷୀ ଅଧିକାରୀ ମିଳିତ ଭାବରେ ବିଭିନ୍ନ ହୋଟେଲ ଉପରେ ଚଢ଼ାଉ କରିବା ସହିତ ଗ୍ୟାସ ଏଜେନ୍ସିକୁ ଯାଇ ନଥିପତ୍ର ତଦାରଖ କରିଥିଲେ। ବର୍ତ୍ତମାନ ଅଧିକାଂଶ ଉପଭୋକ୍ତା ଗ୍ୟାସ ପାଇବାକୁ ନେଇ ବଞ୍ଚିତ ହେଉଥିବାବେଳେ ହୋଟେଲ ମାଲିକମାନେ ଗ୍ୟାସ ସିଲିଣ୍ଡର ବ୍ୟବହାର ଜରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏହିପରି ଭାବରେ ଆଗକୁ ଚଢ଼ାଉ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ରେଷ୍ଟୁରାଣ୍ଟ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର(ନିପ୍ର): ରେଷ୍ଟୁରାଣ୍ଟ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ କାଳିଆ ପ୍ରଧାନ (୩୪) ଓ ତାଙ୍କ ଘର ଗଞ୍ଜାମ ଦିଗପହଣ୍ଡିରେ ବୋଲି ଜଣାପଡିଛି। ଏନେଇ ନିର୍ମଳ ରାଉତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ନିର୍ମଳ ରାଉତ ଜାଗମରା ଉପରସାହିରେ ରୁହନ୍ତି । ଗତ ୩୧ ତାରିଖ ରାତିରେ ଜଣେ ଅଜଣା ଯୁବକ ତାଙ୍କ ରେଷ୍ଟୁରାଣ୍ଟ "ଆହାର"କୁ ଆସି ହୋଟେଲର କର୍ମଚାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ କୌଣସି କାରଣ ବିନା ଭୟଙ୍କର ପରିଣାମ ସହିତ ଜୀବନ ନେବା ପାଇଁ ଧମକ ଦେଇଥିଲେ । ସେହି ସମୟରେ ତାଙ୍କ ସାନ ଭାଇ କମଲ କୁମାର ରାଉତ କ୍ୟାସ୍ କାଉଣ୍ଟରରେ ବସିଥିଲେ । ସେ ଉକ୍ତ ଅଜଣା ବ୍ୟକ୍ତିଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ, ଯାହା ପରେ ସେ ବ୍ୟକ୍ତି ସେଠାରୁ ଚାଲିଯାଇଥିଲେ । ପ୍ରାୟ ୧୫ ମିନିଟ୍ ପରେ ସେହି ବ୍ୟକ୍ତି ପୁନର୍ବାର ରେଷ୍ଟୁରାଣ୍ଟକୁ ଆସି ପ୍ଲେଟ୍ ମାଗିଥିଲେ । ପରେ ସେ ହଠାତ୍ ଲୁହା ବଲା ସହିତ କମଲ କୁମାର ରାଉତଙ୍କୁ ଆକ୍ରମଣ କରିଥିଲେ, ଯାହା ଫଳରେ ତାଙ୍କ ମୁଣ୍ଡରେ ଗଭୀର ଚୋଟ ଲାଗି ରକ୍ତସ୍ରାବ ହୋଇଥିଲା । ଏହି ଆକ୍ରମଣରେ ତାଙ୍କୁ ହତ୍ୟା କରିବା ପାଇଁ ମନ୍ଦ ଉଦ୍ଦେଶ୍ୟ ଥିବା ଦେଖାଯାଇ ଥିଲା । ତଦନ୍ତ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

### କୁଚିଣ୍ଡା ଠିକାଦାର ସଂଘର ବୈଠକ

# ବାହାର ଜିଲ୍ଲାର ଠିକାଦାରଙ୍କୁ ପୂରାଇ ଦିଆଯିବ ନାହିଁ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସାମ୍ବାଦିକ ଭବନଠାରେ ବୁଧବାର କୁଚିଣ୍ଡା ଉପଖଣ୍ଡ ସ୍ତରୀୟ ଠିକାଦାର ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶୁଶିଲ ନାୟକଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ କୁଚିଣ୍ଡା,ବାମରା, ଜମନକିରା ବ୍ଲକ ଓ କୁଚିଣ୍ଡା ଏନଏସି ଅଧିନସ୍ଥ ସଂଘ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ବୈଠକରେ ୩କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରକୁ ସମ୍ବଲପୁର ଜିଲ୍ଲା ବାହାର ଠିକାଦାରଙ୍କୁ ପୂରାଇ ନ ଦ୍ୱୋ,୦.୧୦ କମ ମୂଲ୍ୟରେ ଟେଣ୍ଡର ପକାଇବା ନିଷ୍ପତ୍ତି ଏବଂ ଅନୁସୂଚିତ ଜାତି ଓ ଜନଜାତି ଠିକାଦାରମାନେ ପ୍ରାଇସ ପ୍ରିଫରେନ୍ସ ମାଗି ପାରିବେ ନାହିଁ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି।

# ବାଇକ ଚୋରି ଅଭିଯୋଗ: ଦୁଇ ଅଭିଯୁକ୍ତ ଗିରଫ

ପୁରୀ(ନିପ୍ର): ବାଇକ ଚୋରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ସମୁଦ୍ରକୂଳ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଥାନାଧିକାରୀ ମାନସ ରଞ୍ଜନ ଚକ୍ର। ଗିରଫ ଅଭିଯୁକ୍ତ ହେଉଛନ୍ତି କୁମ୍ଭାରପଡା



ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ହରିଜନ ବସ୍ତିର ସୁଜିତ ଗୋଛାୟତ (୨୨), ସି-ବିଚ୍ ଥାନା ଅନ୍ତର୍ଗତ ପେଣ୍ଠକଟା ଧୋବାଖାଲର ରମେଶ ବେହେରା (୨୮)। ସୂଚନା ମୁତାବକ ଗତ ୧୪ ଫେବୃଆରିରେ ଶ୍ରୀକ୍ଷେତ୍ର କଲୋନୀର ସଚିକାନ୍ତ ରାଉତ ସିଡିଓ କାର୍ଯ୍ୟାଳୟ ନିକଟରେ ନିଜ ପଲସର ବାଇକଟିକୁ ପାର୍କିଂ କରିଥିବା ସମୟରେ ଏହି ଦୁଇ ଅଭିଯୁକ୍ତ ବାଇକଟିକୁ ଚୋରି କରିନେଇଥିଲେ। ଏ ନେଇ ସମୁଦ୍ରକୂଳ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ସମୁଦ୍ରକୂଳ ଥାନା ପୁଲିସ ସମସ୍ତ ସିସିଟିଭି ଯାଞ୍ଚକରି ଏହି ଦୁଇ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ଦୁଇ ଅଭିଯୁକ୍ତ ନାମରେ ବିଭିନ୍ନ ଥାନାରେ ଅନେକ ଚୋରି ମାମଲା ଥିବା ଜଣାପଡ଼ିବାବେଳେ ପୁଲିସ ଅଧିକ ଖୋଳତାଡ଼ ଆରମ୍ଭ କରିଥିଲା । ଖୋଲାତାଡ଼ରେ ଜଣାପଡିଥିଲା ଯେ ବିଭିନ୍ନ ଅଞ୍ଚଳରେ ଅନେକ ବାଇକ ଚୋରି କରିଥିବା ଜଣାପଡ଼ିଥିଲା । ୨ଅଭିଯୁକ୍ତଙ୍କ ନାଁରେ କୁମ୍ଭାରପଡା ଥାନା, ସମୁଦ୍ରକୂଳ ଥାନା, ଚନ୍ଦନପୁର ଥାନା, ସଦରଥାନା ଓ ଖୋର୍ଦ୍ଧା ଥାନାରେ ଅନେକ ମାମଲା ରହିଛି। ପୁଲିସ ଉଭୟ ଅଭିଯୁକ୍ତଙ୍କଠାରୁ ୯ଟି ଚୋରା ବାଇକ ଓ ସ୍କୁଟି ଜବତ କରିବା ସହ କେସ ନଂ ୫୧ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ତନରଡ଼ା ଅଷ୍ଟମ ବାଟାଲିୟନରେ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ

ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ତନରଡା ସ୍ଥିତ ଅଷ୍ଟମ ସ୍ୱତନ୍ତ୍ର ଭାରତ ସଂରକ୍ଷିତ ବାହିନୀ (୮ମ ବାଟାଲିୟନ) ପରିସରରେ ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଭବ୍ୟ ମିଳିତ ପ୍ୟାରେଡ୍‌ରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଭିବାଦନ ଗ୍ରହଣ କରିବା ସହ ପତାକା ଉତ୍ତୋଳନ କରିଥିଲେ। ବିଧାୟକ ଶ୍ରୀ ବିଷୋୟୀ ନିଜ ଭାଷଣରେ ଓଡ଼ିଶା ପୋଲିସର ଗୌରବମୟ ଇତିହାସ ଓ ସମାଜ ପ୍ରତି ଏହାର ନିର୍ଣ୍ଣାୟକ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଓଡ଼ିଶାର ଶାନ୍ତି, ଶୃଙ୍ଖଳା ଏବଂ ସାମାଜିକ ନିରାପତ୍ତା ରକ୍ଷା କରିବାରେ ଓଡ଼ିଶା ପୋଲିସର ଅବଦାନ ଅତୁଳନୀୟ। ଜଣେ ପୋଲିସ କର୍ମଚାରୀ ନିଜ ପରିବାର ଓ ସୁଖକୁ ପଛରେ ପକାଇ ଦିନରାତି ଜନସାଧାରଣଙ୍କ ସେବାରେ ନିୟୋଜିତ ରହୁଛନ୍ତି, ଯାହା ସାରା



ରାଜ୍ୟ ପାଇଁ ଗର୍ବର ବିଷୟ। ବିଶେଷ କରି ସଂରକ୍ଷିତ ବାହିନୀର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି ସେ କହିଥିଲେ, 'କେବଳ ଆଇନ ଶୃଙ୍ଖଳା ନୁହେଁ, ବରଂ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଏବଂ ଯେକୌଣସି ଜରୁରୀକାଳୀନ ସମୟରେ ଏହି ବାହିନୀ ସର୍ବଦା ଆଗଧାଡ଼ିର ଯୋଦ୍ଧା ସାଜି ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେଇଛି। ସଂରକ୍ଷିତ ବାହିନୀର ପ୍ରତ୍ୟେକ ଯବାନଙ୍କ ତ୍ୟାଗ ଓ ନିଷ୍ଠାକୁ ମୁଁ ଭୂୟସୀ ପ୍ରଶଂସା କରୁଛି। ଏହି ଅବସରରେ ବାଟାଲିୟନ ପକ୍ଷରୁ ସ୍ଥାପିତ ଏକ ଜଳଛତ୍ରକୁ ମଧ୍ୟ ବିଧାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କ୍ରାଇମ୍ ସିନ୍ ରିକ୍ରିଏସନ୍ ବେଳେ ଅଭିଯୁକ୍ତକୁ ନିସ୍ତୁକ ମାଡ଼

ପୁରୀ(ନିପ୍ର): କ୍ରାଇମ୍ ସିନ୍ ରିକ୍ରିଏସନ୍ ବେଳେ ଅଭିଯୁକ୍ତକୁ ନିସ୍ତୁକ ମାଡ଼ମାରି ଆଇନକୁ ହାତକୁ ନେଲେ ମୃତକଙ୍କ ପରିବାର ଲୋକେ। ମୃତକଙ୍କ ପରିବାର ଲୋକେ ଅଭିଯୁକ୍ତକୁ ପୋଲିସ ଉପସ୍ଥିତିରେ ନିର୍ଦ୍ଧୁମ ପିଟିଛନ୍ତି। ପୁରୀ ନୂଆନଇ ନିକଟରେ ଘଟିଛି ଏଭଳି ଘଟଣା। ଗତ ରବିବାର ଜଣେ ଅଭିଯୁକ୍ତକୁ ପୁରୀ ଗଡିଶାଗୋଦା ଥାନା ପୋଲିସ କ୍ରାଇମ୍ ସିନ୍ ରିକ୍ରିଏସନ୍ ପାଇଁ



ନୂଆନଇ ସ୍ପଟ୍ ଉପରକୁ ନେଇଥିଲା। ସିନ୍ ରିକ୍ରିଏସନ୍ ସାରି ଫେରିବା ବେଳେ ପୋଲିସ ଉପସ୍ଥିତିରେ ଅଭିଯୁକ୍ତକୁ ନିର୍ଦ୍ଧୁମ ମାଡ଼ ମାରିଥିଲେ ମୃତକଙ୍କ ପରିବାର ଲୋକେ। ପୋଲିସ ଅଭିଯୁକ୍ତକୁ ବଞ୍ଚାଇବା ପାଇଁ ଚେଷ୍ଟା କରୁଥିଲେ ମଧ୍ୟ ଏକାଧିକ ଲୋକ ଥିବାରୁ ଅଭିଯୁକ୍ତକୁ ସୁରକ୍ଷା ଦେବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ତେବେ ଅଭିଯୁକ୍ତକୁ ସୁରକ୍ଷିତ ଭାବେ ପୋଲିସ ଘଟଣାସ୍ଥଳରୁ ନେବାରେ ସଫଳ ହୋଇଥିଲା। ଗତ ଫେବୃଆରୀ ୯ ତାରିଖରେ ପୁରୀର ଗଡିଶାଗୋଦା ଥାନା ଅଞ୍ଚଳରେ ଜ୍ୱାଇଁକୁ ଶ୍ୱଶୁର ଅପହରଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଝିଅ ଜଣେ ଯୁବକକୁ ପ୍ରେମ ବିବାହ କରିଥିବା ବେଳେ ଏହାକୁ ଝିଅର ବାପା ମୋହନ ବେହେରା ଗ୍ରହଣ କରିପାରିନଥିଲେ। ସେ ନିଜ ଝିଅକୁ ଅନ୍ୟ ସ୍ଥାନରେ ବିବାହ ଦେବା ପାଇଁ ମନସ୍ଥ କରିଥିଲେ। ଫଳରେ ସେ ଝିଅ ଭଲପାଇ ବିବାହ କରିଥିବା ଯୁବକକୁ ଘରୁ ଡାକି ନେଇ କିଛି ସହଯୋଗୀଙ୍କ ସହାୟତାରେ ହତ୍ୟା କରିଥିଲେ। ପରେ ପୁରୀ ନିକଟରେ ଥିବା ନୂଆନଇରେ ମୃତଦେହକୁ ଭସାଇ ଦେଇଥିଲେ। ତେବେ କ୍ରାଇମ୍ ସିନ୍ ରିକ୍ରିଏସନ ପାଇଁ ଗଡ଼ିଶାଗୋଦା ଥାନା ପୋଲିସ ଅଭିଯୁକ୍ତ ମୋହନକୁ ଘଟଣା ସ୍ଥଳକୁ ଆଣିଥିଲେ। ହେଲେ ସେଠାରେ ଉପସ୍ଥିତ ଥିବା ମୃତକଙ୍କ ପରିବାର ଲୋକ ଏକାଠି ହୋଇ ଅଭିଯୁକ୍ତ ମୋହନକୁ ପୋଲିସ ଉପସ୍ଥିତିରେ ନିସ୍ତୁକ ମାଡ ମାରିଥିଲେ। ବହୁ କଷ୍ଟରେ ପୋଲିସ ଅଭିଯୁକ୍ତକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ତେବେ ଏହି ଆକ୍ରମଣ ଭିଡିଓ ଭାଇରାଲ ହେବା ପରେ ସବୁ ଆଡ଼େ ଚର୍ଚ୍ଚାର ବିଷୟ ହୋଇଛି। ତେବେ ପୋଲିସ ଉପସ୍ଥିତିରେ ଜଣେ ଅଭିଯୁକ୍ତକୁ ମାଡକୁ ନେଇ ପୋଲିସ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଚିଲିକାରେ ଚାଲିଲା ସୌର ବୋଟ୍

କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ା ଚିଲିକାରେ ସୌରଶକ୍ତି ଚାଳିତ ବୋଟ୍ ଚଳାଚଳ ଆରମ୍ଭ ହୋଇଛି, ଯାହାକୁ ନେଇ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପରିବେଶ ସୁରକ୍ଷା, ଚିଲିକାକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଏହି ସୌର ଚାଳିତ ବୋଟ୍ ସହାୟକ ହେବ। ପୂର୍ବରୁ ବ୍ୟବହୃତ ହେଉଥିବା ଡିଜେଲ ଓ ପେଟ୍ରୋଲ ଚାଳିତ ବୋଟ୍ ଯୋଗୁଁ ନିର୍ଗତ ବିଷାକ୍ତ ଗ୍ୟାସ୍ ଏବଂ ଶବ୍ଦ ପ୍ରଦୂଷଣ ହେଉଥିଲା। ଜୀବଜଗତ ଓ ମତ୍ସ୍ୟଜୀବୀଙ୍କ ଉପରେ ପ୍ରଭାବ,



ପ୍ରଦୂଷଣ ଯୋଗୁଁ ଚିଲିକାରେ ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ାଙ୍କ ବଂଶ ହ୍ରାସ ପାଉଥିଲା, ଯାହାର ସିଧାସଳଖ ପ୍ରଭାବ ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ପଡୁଥିଲା। ଏହି ସୌର ବୋଟ୍ ଦ୍ୱାରା ଏହି ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି। ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ଏବଂ ନବୀକରଣଯୋଗ୍ୟ ଶକ୍ତି ବିକାଶ ବିଭାଗ ତରଫରୁ ବ୍ରହ୍ମପୁର ଗ୍ରାମର ମତ୍ସ୍ୟଜୀବୀ ଅଜିତ କୁମାର ଜେନାଙ୍କୁ ଏହି ସୌର ଚାଳିତ ମେସିନ୍ ପ୍ରଦାନ କରାଯାଇଛି।

### ୯୧ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ

# ଓଡ଼ିଶା ପୋଲିସର ମୂଳମନ୍ତ୍ର ହେଉଛି ସେବା ଓ ସୁରକ୍ଷା: ଆରକ୍ଷୀ ମହାନିର୍ଦ୍ଦେଶକ

କଟକ(ନିପ୍ର): ଓଡ଼ିଶା ପୋଲିସର ମୂଳ ମନ୍ତ୍ର ହେଉଛି "ସେବା ଓ ସୁରକ୍ଷା" । ଏହା କେବଳ ଏକ ଶବ୍ଦ ନୁହେଁ ଏହା ଆମର ପରିଚୟ । ଆଗାମୀ ଦିନରେ ଓଡ଼ିଶାକୁ ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ନିଶାମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଓଡ଼ିଶା ପୋଲିସ ସଂଗବଧ ହୋଇ କାର୍ଯ୍ୟ କରୁଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି । ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ବକ୍ସିବଜାର ସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଆୟୋଜିତ ଓଡ଼ିଶା ପୋଲିସର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ଡିଜିପି ଶ୍ରୀ ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ଏହା ସହ ପୋଲିସ ସେବାରେ ଉଲ୍ଲେଖନୀୟ କୃତିତ୍ୱ ପ୍ରଦର୍ଶନ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସେ ପ୍ରଥମେ ସହୀଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ପରିବାରକୁ ସମବେଦନା ଜଣାଇଥିଲେ । ୧ ଏପ୍ରିଲ ୧୯୩୬ ମସିହାରେ ନୂତନ ଓଡ଼ିଶା ପ୍ରଦେଶ ଗଠନ ସହ ଓଡ଼ିଶା ପୋଲିସର ସ୍ଥାପନା ହୋଇଥିଲା । ଗତ ୯୧ବର୍ଷର ଏହି ଯାତ୍ରା ସଂଘର୍ଷ, ସମର୍ପଣ ଓ ସଫଳତାର ଏକ ଗୌରବମୟ ଅଧ୍ୟାୟବୋଲି ଡିଜିପି ଉଲ୍ଲେଖ କରିଥିଲେ । ଏହି ଅବସରରେ ଡିଜିପି ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସର ସଫଳତା ସଂପର୍କରେ ଉଲେଖ କରିଥିଲେ । ସେ କହିଥିଲେ ଯେ, ଅନେକ ଦୁର୍ଦ୍ଦାନ୍ତ ମାଓବାଦୀ ନିପାତ କରାଯାଇଥିବା ସହ ବହୁ ସଂଖ୍ୟକ ମାଓବାଦୀ ମୁଖ୍ୟ ସ୍ରୋତକୁ ଫେରିଛନ୍ତି। ୨୦୨୫ରୁ ଏଯାବତ ଓଡ଼ିଶା ପୋଲିସ ୨୭ଜଣ ମାଓବାଦୀଙ୍କୁ ନିପାତ କରିଛି । ଏହା ସହ ୭୨ଜଣ ମାଓବାଦୀ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି । ସରକାରଙ୍କ ଆତ୍ମ ସମର୍ପଣ ଓ ପୁର୍ନବାସ ଯୋଜନା ଏଥିରେ ମୁଖ୍ୟ ଭୂମିକା ନେଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସାଇବର



ଅପରାଧକୁ ଆଜିର ଯୁଗର ଏକ ଗୁରୁତର ଚାଲେଂଜ ଭାବେ ଉଲ୍ଲେଖ କରି ସେ କହିଥିଲେ ଯେ, ଓଡ଼ିଶା ପୋଲିସ ଏଆଇ ଓ ଡାଟା ଆନାଲିଟିକ୍ସ କରି ଆଧୁନିକ ପ୍ରଯୁକ୍ତିର ସହାୟତାରେ ସଫଳତାର ସହିତ ଏହାର ମୁକାବିଲା କରୁଛି । ଅପରେସନ ସାଇବର କବଚ ମାଧ୍ୟମରେ ୩୯ହଜାର ୭୧୪ଟି ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟ ଯାଂଚ କରାଯାଇଛି । ସେହିପରି ୧୪୨୨ଟି ନୂତନ ମାମଲା ରୁଜୁ ହୋଇଛି ଏବଂ ୩୭୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ଡିଜିପି କହିଥିଲେ। ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଓଡ଼ିଶା ପୋଲିସ ଐତିହାସିକ ସଫଳତା ହାସଲ କରିଛି। ପ୍ରାୟ ୩୦୦୦କୋଟି ଟଙ୍କାରୁ ଅଧିକ ମୂଲ୍ୟର ଗଂଜେଇ, ବ୍ରାଉନସୁଗାର ଓ ଗଂଜେଇ ତେଲ ଜବତ କରାଯାଇଛି। ୪୮୧୬୦ଏକର ଜମିରେ ବେଆଇନ ଚାଷକୁ ଧ୍ୱଂସ କରାଯାଇଛି । ଏହି ପ୍ରକ୍ରିୟାରେ ୬୫୪ଜଣ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ଆଗାମୀ ୩ ବର୍ଷରେ ଓଡ଼ିଶାକୁ ସଂପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ପୋଲିସ ସଂକଳ୍ପବଧ ବୋଲି ଡିଜିପି କହିଥିଲେ। ପୋଲିସ ବାହିନୀକୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ନୂତନ ପଦବୀ ସୃଷ୍ଟି, ନିଯୁକ୍ତି ପ୍ରକିୟା ତ୍ୱରାନ୍ୱିତ କରିବା ସହ ବିଭିନ୍ନ ବାଟାଲିୟନ ଓ ୟୁନିଟ ଗଠନ କରୁଛନ୍ତି। ଏହି ଅବସରରେ ଡିଜିପି ନୂତନ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଲାଗୁ ହେବା ପରେ ଓଡ଼ିଶା ପୋଲିସର ତଦନ୍ତ ପ୍ରକ୍ରିୟା ଓ ବୃତ୍ତିଗତ ଦକ୍ଷତାରେ ଆସିଥିବା ଲକ୍ଷଣୀୟ ପରିବର୍ତ୍ତନ ସଂପର୍କରେ ଉଲ୍ଲେଖ କରିଥିଲେ। ଅଧିକାରୀମାନଙ୍କ ଉଚ୍ଚକୋଟିର ତଦନ୍ତ ଫଳରେ କମ ସମୟ ମଧ୍ୟରେ ଅପରାଧି ମାନଙ୍କୁ ଦଣ୍ଡବିଧାନ କରାଯାଇ ପାରୁଛି ବୋଲି ଡିଜିପି କହିଥିଲେ। ପୋଲିସ ବାହିନୀର କ୍ରୀଡ଼ା କ୍ଷେତ୍ରରେ ସଫଳତାକୁ ଉଲ୍ଲେଖ କରି ସେ କହିଥିଲେ ଯେ, ବିଗତ ଏବଂ ଚଳିତବର୍ଷରେ ଓଡ଼ିଶା ପୋଲିସର କ୍ରୀଡ଼ାବିତମାନେ ସର୍ବଭାରତୀୟ ସ୍ତରରେ ରାଜ୍ୟର ଗୌରବ ବଢ଼ାଇଛନ୍ତି। ରାଜ୍ୟ ପୋଲିସ ଆଥଲେଟିକ ଚମ୍ପିଆନସିପରେ ୭ ଜଣ ଆଥଲେଟଙ୍କ ଦ୍ୱାରା ୧୧ଟି ନୂତନ ମିଟ ରେକର୍ଡ଼ ସୃଷ୍ଟି ହେବା ଓଡ଼ିଶା ପୋଲିସର କ୍ରୀଡ଼ା ଦକ୍ଷତାରେ ଏକ ନୂତନ ମାଇଲ ସ୍ତମ୍ଭ ବୋଲି ଡିଜିପି ଉଲ୍ଲେଖ କରିଥିଲେ । ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରତୀକ ମହାନ୍ତି ପାଠ କରିଥିଲେ। ଏହାପରେ ମୁଖ୍ୟ ଅତିଥି ଉଲ୍ଲେଖନୀୟ ପୋଲିସ ସେବା ପାଇଁ ପୋଲିସ ଅଧିକାରୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଇନ୍ସପେକ୍ଟର ବିଜୟ କିଶୋର ଦାସ, ଶ୍ରେଷ୍ଠ ଇନ୍ସପେକ୍ଟର (ଅପରାଧଶାଖା) ରୂପଶ୍ରୀ ପ୍ରହରାଜ, ଶ୍ରେଷ୍ଠ ଇନସପେକ୍ଟର (ସ୍ପେଶାଲ ବ୍ରାଞ୍ଚ) ଶ୍ରୀଧର ମାଝୀ, ଶ୍ରେଷ୍ଠ ସବଇନ୍ସପେକ୍ଟର ମାନସ ରଂଜନ ପଣ୍ଡା, ଏସଓଜିର ଶ୍ରେଷ୍ଠ ଟିମ ଲିଡ଼ର ଏସଆଇ ଶଙ୍କର୍ଷଣ ହାଂସଦା, ଶ୍ରେଷ୍ଠ ଏଏସଆଇ ବିଜୟ ସୁନା ଶଗଡ଼, ଶ୍ରେଷ୍ଠ ହାବିଲଦାର ରମାକାନ୍ତ ସେଠୀ, ଶ୍ରେଷ୍ଠ ଓଆର କନେଷ୍ଟବଳ ଗୌରୀଶଙ୍କର ସାହୁ, ଶ୍ରେଷ୍ଠ ଟ୍ରାଫିକ କନେଷ୍ଟବଳ ରଶ୍ମିତା ପ୍ରଧାନ, ଶ୍ରେଷ୍ଠ ଇନ୍ସପେକ୍ଟର ଅଶୋକ ବେହେରା, ଶ୍ରେଷ୍ଠ ଏସଆଇ ଏସ ସତ୍ୟନାରାୟଣ ରାଓ, ଶ୍ରେଷ୍ଠ ହାବିଲଦାର ମେଜର (ବ୍ରାଣ୍ଡ) ହରିହର ବେହେରା, ଶ୍ରେଷ୍ଠ ହାବିଲଦାର ଷଣ୍ଢେଶ୍ୱର ଭୋଇନା, ଶ୍ରେଷ୍ଠ କନେଷ୍ଟବଳ ଭାବେ ସୁନିଲ ମୁର୍ମୁଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହ ସ୍ୱର୍ଗତ ଭ୍ରମରବର ସାହୁ ଓ ସ୍ୱର୍ଗତ ରାଜେନ୍ଦ୍ରମୋହନ ପଟ୍ଟନାୟକ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା । କନେଷ୍ଟବଳ ଅଶୋକ ଦେଓ, ଏସଆଇ ଅଶୋକ ବେହେରା, ଇନ୍ସପେକ୍ଟର ଅମରେଶ ଚନ୍ଦ୍ର ନରେନ୍ଦ୍ର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆଶିଷ ସରକାରଙ୍କୁ ସ୍ୱର୍ଗତ ଭ୍ରମରବର ସାହୁ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଓଏସଏଫ ପଦିଆ କବାସୀ କମାଣ୍ଡୋ ଅନିଲ ଭୋଇଙ୍କୁ ସ୍ୱର୍ଗତ ରାଜେନ୍ଦ୍ରମୋହନ ପଟ୍ଟନାୟକ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଓଏସଓପି ଷଷ୍ଠ ବାଟାଲିୟନ କଟକ ଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ କରାଯାଇଥିଲା । ଆଜିର ଆନୁଷ୍ଠାନିକ ପରେଡ଼ରେ ଆଇଆର ବାଟାଲିୟନ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଆଇଏସଏଫ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରି ଡିଜିପିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଆଜିର ଏହି ଆନୁଷ୍ଠାନିକ ପରେଡ଼ରେ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ।

# ଟି-୨୦ ସିରିଜ୍ ପାଇଁ ଜିମ୍ବାୱେ ଯିବ ଟିମ୍ ଇଣ୍ଡିଆ



| ନମ୍ବର | ତାରିଖ | ମ୍ୟାଚ୍ | ସ୍ଥାନ |
|---|---|---|---|
| ୧ | ୨୩ ଜୁଲାଇ ୨୦୨୬ | ପ୍ରଥମ ଟି-୨୦ ମ୍ୟାଚ୍ | ହାରାରେ |
| ୨ | ୨୫ ଜୁଲାଇ ୨୦୨୬ | ଦ୍ୱିତୀୟ ଟି-୨୦ ମ୍ୟାଚ୍ | ହାରାରେ |
| ୩ | ୨୬ ଜୁଲାଇ ୨୦୨୬ | ତୃତୀୟ ଟି-୨୦ ମ୍ୟାଚ୍ | ହରାରେ |

**ମୁମ୍ବାଇ ୦୧।୦୪ :** ଜିମ୍ବାୱେ ଯିବ ଟିମ୍ । ଜୁଲାଇ ମାସରେ ଜିମ୍ବାୱେ ଗସ୍ତରେ ଯିବ ଟିମ୍ ଇଣ୍ଡିଆ । ଏହି ଗସ୍ତରେ ତିନୋଟି ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳିବ। ଟିମ୍ ଇଣ୍ଡିଆ ଜିମ୍ବାୱେ ଗସ୍ତ ନେଇ ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି । ୨୦୨୬ରେ ଜିମ୍ବାୱେ ଯିବ ଟିମ୍ ଇଣ୍ଡିଆ । ତିନି ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳିବାକୁ ଜିମ୍ବାୱେ ଯିବ ସିନିୟର ପୁରୁଷ ଟି-୨୦ ଟିମ୍ । ଜୁଲାଇ ୨୩ରୁ ଆରମ୍ଭ ହେବାକୁ ଥିବା ସିରିଜ୍ ୨୬ ଜୁଲାଇରେ ଶେଷ ହେବ । ସମସ୍ତ ତିନୋଟି ମ୍ୟାଚ୍ ହରାରେ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯିବ । ତେବେ ବର୍ତ୍ତମାନ ସୁଦ୍ଧା ଟିମ୍‌ର ଘୋଷଣା ହୋଇନଥିବା ବେଳେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଟିମ୍ ଗସ୍ତ କରିବ । ଟିମ୍ ଇଣ୍ଡିଆର ଅନେକ ଖେଳାଳି ବର୍ତ୍ତମାନ ଆଇପିଏଲ୍-୨୦୨୬ରେ ବ୍ୟସ୍ତ ରହିଛନ୍ତି । ମାର୍ଚ୍ଚ ୨୮ରୁ ଓଟଖ ଆରମ୍ଭ ହୋଇ ମେ ୨୪ ଯାଏଁ ଚାଲିବ ଟୁର୍ଣ୍ଣାମେଣ୍ଟ । ଏହାପରେ ପୁରା ବ୍ୟସ୍ତ ରହିବ ଟିମ୍ ଇଣ୍ଡିଆ । ଏହି ଲିଗ୍ ଶେଷ ହେବା ପରେ ଆଫଗାନିସ୍ତାନ ସହିତ ଘରୋଇ ସିରିଜ୍ ଖେଳିବ ଟିମ୍ ଇଣ୍ଡିଆ । ପରେ ଇଂଲଣ୍ଡ ଏବଂ ଆୟରଲ୍ୟାଣ୍ଡ ସହିତ ସିରିଜ୍ ମଧ୍ୟ ଖେଳିବ । ଏହି ତିନୋଟି ସିରିଜ୍ ପରେ ଜିମ୍ବାୱେ ଗସ୍ତରେ ଯିବ ଟିମ୍ ଇଣ୍ଡିଆ । ତେବେ ଆସନ୍ତୁ ଜାଣିବା ପୁରା ଗସ୍ତର କିପରି ରହିଛି କାର୍ଯ୍ୟସୂଚୀ । ଜିମ୍ବାୱେ ଗସ୍ତର କାର୍ଯ୍ୟସୂଚୀକୁ ଦେଖିଲେ, ଟିମ୍ ଇଣ୍ଡିଆ ଜୁଲାଇ ଶେଷ ସପ୍ତାହରେ ସେଠାରେ ମ୍ୟାଚ୍ ଖେଳିବାକୁ ଯାଉଛି। ଭାରତୀୟ ଦଳ ଜୁଲାଇ ୨୩ରେ ଜିମ୍ବାୱେ ବିପକ୍ଷରେ ପ୍ରଥମ ଟି-୨୦ ମ୍ୟାଚ୍ ଖେଳିବ। ସେହିପରି ସିରିଜର ଦ୍ୱିତୀୟ ମ୍ୟାଚ୍ ୨୫ ଜୁଲାଇରେ ଖେଳାଯିବ। ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ଶେଷ ମ୍ୟାଚ୍ ୨୬ ଜୁଲାଇରେ ଅନୁଷ୍ଠିତ ହେବ। ଏହାର ଅର୍ଥ ହେଉଛି ସମ୍ପୂର୍ଣ୍ଣ ସିରିଜ୍ ଚାରି ଦିନ ବ୍ୟାପୀ ହେବ, ଏବଂ ଏହାର ସମସ୍ତ ମ୍ୟାଚ୍ ସ୍ୱତନ୍ତ୍ର ଭାବରେ ହରାରେରେ ଖେଳାଯିବ। ଏହି ଗସ୍ତ ସମୟରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିବ କି ? ଏହି ପ୍ରଶ୍ନର ଉତ୍ତର ଦୁଇଟି କାରଣ ଉପରେ ନିର୍ଭର କରେ: ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରଦର୍ଶନ ଏବଂ ଭାରତୀୟ ଚୟନକର୍ତ୍ତାଙ୍କ ମାନସିକତା। ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରଦର୍ଶନ ବିଷୟରେ କହିବାକୁ ଗଲେ, ସେ ପ୍ରତ୍ୟେକ ସ୍ତରରେ ନିରନ୍ତର ନିଜର ଛାପ ଛାଡ଼ିଛନ୍ତି।

# ଭିଏଫଏସ୍ ଗ୍ଲୋବାଲ ଭିସା ଆବେଦନ କେନ୍ଦ୍ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ପ୍ରଥମ ପର୍ଯ୍ୟାୟରେ ୧୦ଟି ଦେଶକୁ, ପରେ ଅନ୍ୟାନ୍ୟ ଦେଶକୁ ଭିସା ସୁବିଧା ଉପଲବ୍ଧ ହେବ**

ଭୁବନେଶ୍ୱର, ୧/୪(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବୁଧବାର ଭୁବନେଶ୍ୱର ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ବରମୁଣ୍ଡାଠାରେ ଭିଏଫଏସ୍ ଗ୍ଲୋବାଲ ଦ୍ୱାରା ପରିଚାଳିତ ନୂତନ ଭିସା ଆବେଦନ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଭିସା ଆପ୍ଲିକେସନ୍ ସେଣ୍ଟର ପାଇଁ ରାଜ୍ୟବାସୀଙ୍କ ବହୁଦିନରୁ ଦାବୀ ରହିଆସିଥିଲା, ଆମେ ଏ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ନିକଟରେ ସହଯୋଗ କାମନା କରିଥିଲୁ । କେନ୍ଦ୍ର ସରକାରଙ୍କ ସହଯୋଗରେ ବୁଧବାର ଭୁବନେଶ୍ୱରରେ ଏହି ଭିସା ଆପ୍ଲିକେସନ୍ ସେଣ୍ଟର କାର୍ଯ୍ୟକ୍ଷମ ହେଲା । ଏହା ଓଡିଶାବାସୀଙ୍କୁ ଅନ୍ତର୍ଜାତୀୟ ଭିସା ସେବା ପ୍ରଦାନ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହାଦ୍ୱାରା ଓଡିଶାର ଗ୍ଲୋବାଲ କନେକ୍ଟିଭିଟି ଢାଞ୍ଚା ଆହୁରି ସୁଦୃଢ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଏହି କେନ୍ଦ୍ର ସ୍ଥାପିତ ହେବାଦ୍ୱାରା ସମଗ୍ର ବିଶ୍ୱ ସହିତ ଓଡିଶାର କନେକ୍ଟିଭିଟି ବୃଦ୍ଧିହେବ। ଜନସାଧାରଣଙ୍କୁ ନାଗରିକ କୈନ୍ଦ୍ରୀକ ସେବା ଯୋଗାଇଦେବାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ। ସେ କହିଥିଲେ ଯେ, ଏପରି ପଦକ୍ଷେପ ଓଡିଶାର ଯୁବବର୍ଗଙ୍କ ବିଦେଶ ଯାତ୍ରାକୁ ସହଜ କରିବା ସହିତ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବ ଓ ଅନ୍ତର୍ଜାତୀୟ ସମ୍ପର୍କକୁ ମଜଭୁତ କରିବ।ସେ ଆହୁରି କହିଥିଲେ ଯେ, ରାଜ୍ୟରେ ଶିଳ୍ପାୟନ ଓ ଅର୍ଥନୈତିକ କାର୍ଯ୍ୟକ୍ରମର ଅଭିବୃଦ୍ଧି ଯୋଗୁଁ ଓଡିଶାରେ ଏକ ଭିସା ଆପ୍ଲିକେସନ୍ ସେଣ୍ଟରର ଆବଶ୍ୟକତା ଥିଲା। ସ୍ଥାନୀୟ ଯୁବ ପ୍ରଫେସନାଲଙ୍କ ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ ସେମାନେ ଭିସା ଆବେଦନ ପାଇଁ କୋଲକାତା ଓ ହାଇଦ୍ରାବାଦକୁ ଯିବାକୁ ପଡୁଥିଲା। ଏବେ ସେମାନେ ସହଜରେ ଓ ସୁବିଧାରେ ଭିସା ପାଇପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଭୁବନେଶ୍ୱରର ବରମୁଣ୍ଡା ସ୍ଥିତ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ଭିତରେ ପ୍ରାୟ ୩,୦୦୦ ବର୍ଗଫୁଟ୍ ଜାଗା ଏହି ଭିସା ସେଣ୍ଟର ପାଇଁ ପ୍ରଦାନ କରିଛନ୍ତି।ପ୍ରଥମ ପର୍ଯ୍ୟାୟରେ ଏହି କେନ୍ଦ୍ର ୟୁନାଇଟେଡ୍ କିଙ୍ଗଡମ୍, ଆୟରଲ୍ୟାଣ୍ଡ, ଅଷ୍ଟ୍ରିଆ, ଏସ୍ତୋନିଆ, ଇଟାଲୀ, ମାଲ୍ଟା, ସ୍ୱିଜରଲ୍ୟାଣ୍ଡ, ଜାପାନ, ମରୋକକୋ ଓ ଇଜିପ୍ଟ ସହିତ ମୋଟ ୧୦ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରିବ। ଆଗାମୀ ଦିନରେ ଅଧିକ ଦେଶକୁ ଏହି ସେବାରେ ଯୋଡାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ଭିଏଫଏସ୍ ଗ୍ଲୋବାଲ ଭାରତର ୨୦ଟି ସହରରେ ୫୬୦ରୁ ଅଧିକ କେନ୍ଦ୍ର ମାଧ୍ୟମରେ ୫୩ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରୁଛି। ଭିଏଫଏସ୍ ଗ୍ଲୋବାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବିନ କାରର୍କରିଆ ସଂସ୍ଥାଟିକୁ ବିଶ୍ୱର ସର୍ବବୃହତ୍ ଭିସା ଓ କନସୁଲାର ସେବା ପ୍ରଦାନକାରୀ ଭାବେ ଗଢିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ନେତୃତ୍ୱରେ ସଂସ୍ଥାଟି ୧୬୭ଟି ଦେଶରେ ୭୦ଟି ସରକାରକୁ ଭିସାସେବା ଯୋଗାଇ ଦେଉଛି।



## ଓଡ଼ିଶା ଦିବସରେ ବରପୁତ୍ରଙ୍କୁ ସ୍ମରଣ

**ବଣାଇ, ୧/୪(ନିପ୍ର):** ବଣାଇ ସଦର ମହକୁମାଠାରେ ଉପଖଣ୍ଡସ୍ତରୀୟ ଓଡିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବଣାଇ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଅଶୋକ କୁମାର ଦାସ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସକାଳ୬.୩୦ରୁ ୭.୩୦ମି. ସମୟ ମଧ୍ୟରେ ଓଡିଶାର ବରପୁତ୍ର ବିଜୁ ପଟ୍ଟନାୟକ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ମାଲ୍ୟାର୍ପଣ କରିଥିଲେ ।

**ତିଗିରିଆ:** ପାଞ୍ଚଗାଁ ସ୍ଥିତ ବହୁମୁଖୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପରିସରରେ ୯୦ତମ ଉତ୍କଳ ପ୍ରଦେଶ ଗଠନ ପାଳିତ ହୋଇଯାଇଛି । ମଧୁବାବୁ, ଗଜପତି କୃଷ୍ଣଚନ୍ଦ୍ର ସମେତ ବରେଣ୍ୟ ବିନ୍ଧାଣି ମାନଙ୍କ ପ୍ରଚଣ୍ଡ ପ୍ରଚେଷ୍ଟାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବା ଆନନ୍ଦର ବିଷୟ। ଓଡ଼ିଆ ଅସ୍ମିତା, ଭାଷା, ସାହିତ୍ୟ, ସଂସ୍କୃତି ସମେତ ବସ୍ତ୍ର ବୟନକାରୀଙ୍କ ହସ୍ତତନ୍ତ ବସ୍ତ୍ର ପରିଧାନ କରିବା ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

**କୁଚିଣ୍ଡା:** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ବୁଧବାର ଉପଖଣ୍ଡ ପ୍ରଶାସନ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ ପଟେଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସରଓ୍ୱନନ ସ ମୁଖ୍ୟ ଅତିଥି, କୁଚିଣ୍ଡା କଲେଜର ଓଡ଼ିଆ ବିଭାଗ ଅଧ୍ୟାପିକା ଗଜମତୀ କୁମୁରା ମୁଖ୍ୟବକ୍ତା, କୁଚିଣ୍ଡା କଲେଜ ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା, କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା, ଅଧ୍ୟାପିକା ମମତା ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

**ଗୋଲାମୁଣ୍ଡା:** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ତରଫରୁ ବ୍ଲକ ସଭା ଗୃହଠାରେ ଓଡିଶା ଦିବସ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁର ମହାନନ୍ଦ, ଏବିଡ଼ିଓ ବିଜୟ କୁମାର ନାୟକ, ତହସିଲଦାର ଚନ୍ଦନ କୁମାର ନାୟକ, ବିଇଓ ରାଜେଶ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡିଶାର ଇତିହାସ, ସ୍ୱାଧୀନତା ସଂଗ୍ରାମୀମାନଙ୍କର ଅବଦାନ ଏବଂ ଏହାର ସମୃଦ୍ଧ କଳା ଓ ସ୍ଥାପତ୍ୟ ବିଷୟରେ ବେଶ ଆଲୋଚନା କରିଥିଲେ ।

**ଜଟଣୀ:** ଜଟଣୀ ବାର୍ ଆସୋସିଏସନ ପକ୍ଷରୁ ଏହାର ସଭା କକ୍ଷରେ ନବ ନିର୍ବାଚିତ ସଭାପତି ଜ୍ଞାନେନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଅଧିବକ୍ତା ରବୀନ୍ଦ୍ର କୁମାର ରାଉତରାୟ ଯୋଗ ଦେଇ ଉତ୍କଳ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ନବ ନିର୍ବାଚିତ ବାର ଆସୋସିଏସନର କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଯିବା ସହିତ ବାରର ନୀତି ନିୟମ ଉପରେ ଅତିଥି ଗୁରୁତ୍ୱାରୋପ କରିଥିଲେ ।

**ଧାମନଗର:** ଧାମନଗର ବ୍ଲକ ଅଧିନସ୍ଥ ଜୟକିଷାନ ନୋଡାଲ ହାଇସ୍କୁଲରେ ଉତ୍କଳ ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡିଶାର ବରପୁତ୍ରମାନଙ୍କର ଭୂମିକା ସମ୍ବନ୍ଧରେ ବିଦ୍ୟାଳୟର ଶିକ୍ଷକମାନେ ବକ୍ତବ୍ୟ ରଖିଥିବା ବେଳେ ଉତ୍କଳ ଦିବସ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଭଗବାନ ମହାବୀରଙ୍କ ପାଇଁ ସ୍ୱତନ୍ତ୍ର ବାଲୁକା ଆନିମେସନ




ପୁରୀ, ୧/୪(ନିପ୍ର): ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ ସାହୁ ପୁରୀର ତାଙ୍କ ଷ୍ଟୁଡିଓରେ ମହାବୀର ଜୟନ୍ତୀ ଅବସରରେ ଏକ ସ୍ୱତନ୍ତ୍ର ବାଲୁକା ଆନିମେସନ୍ ସୃଷ୍ଟି କରିଛନ୍ତି। ଦୁଇ ଘଣ୍ଟା ଧରି ସମାପ୍ତ ହୋଇଥିବା ଏହି କଳାକୃତିରେ ଭଗବାନ ମହାବୀରଙ୍କ ଜୀବନ, ଶିକ୍ଷା ଏବଂ ବାର୍ତ୍ତାକୁ ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି। ଏହି ସୃଜନଶୀଳ ଉପସ୍ଥାପନା ମାଧ୍ୟମରେ, ମାନସ ସାହୁ ଅହିଂସା (ଅହିଂସା), ସତ୍ୟ, କରୁଣା ଏବଂ ଶାନ୍ତିର ମୂଳ ମୂଲ୍ୟବୋଧକୁ ଉଜ୍ଜ୍ୱଳ ଭାବରେ ପ୍ରକାଶ କରିଛନ୍ତ। ଯାହା ଆଜିର ବିଶ୍ୱରେ ଗଭୀର ଭାବରେ ପ୍ରାସଙ୍ଗିକ। ବାଲୁକା ଆନିମେସନ୍ ଲୋକମାନଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ଏହି କାଳଜୟୀ ନୀତିଗୁଡ଼ିକୁ ଗ୍ରହଣ କରିବାକୁ ପ୍ରେରଣା ଦେବାର ଲକ୍ଷ୍ୟ ରଖିଛି। ଜଟିଳ ବିବରଣୀ ଏବଂ ଅଭିବ୍ୟକ୍ତିପୂର୍ଣ୍ଣ କାହାଣୀ କହିବା ସହିତ ସୃଷ୍ଟି ହୋଇଥିବା ଏହି କଳାକୃତି ଭଗବାନ ମହାବୀରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଠିଆ ହୋଇଛି।

## ଉତ୍କଳ ଦିବସ ସମାରୋହରେ ସ୍ୱାଭିମାନ ପଦଯାତ୍ରା

ନିମାପଡ଼ା,୧।୪(ନିପ୍ର): ଉତ୍କଳ ପ୍ରଦେଶ ଗଠନର ୯୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱାଭିମାନ ଯାତ୍ରା ନିମାପଡ଼ା ବଜାର ପରିକ୍ରମା କରିବା ସହିତ ସଂଗ୍ରାମୀ ଓ ବରପୁତ୍ରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପୂର୍ଣ୍ଣେଶ୍ୱର ମହାଦେବ ପୀଠରୁ ଏକ ବିଶାଳ ପଦଯାତ୍ରା ଘଣ୍ଟ ମାଦଳ, ଯୋଡ଼ି ଶଙ୍ଖ ବାଦ୍ୟରେ ବଜାର ପରିକ୍ରମା କରି ନିମାପଡ଼ାବାସୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ । ଏକ ଚିତ୍ତାକର୍ଷକ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଇ ଓଡ଼ିଶାର ସଂସ୍କୃତି, ଐତିହ୍ୟ ସଂପର୍କରେ ବାର୍ତା ଦିଆଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ତଥା ନିମାପଡ଼ାର ପ୍ରଥମ ବିଧାୟକ ସ୍ୱର୍ଗତ ମୋହନ ଦାଶଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଯୁବନେତା ବିଜୟାନନ୍ଦ ଦାଶଙ୍କ ଦ୍ୱାରା ପରିଚାଳିତ ସ୍ୱାଭିମାନ ପଦଯାତ୍ରାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ବସନ୍ତ ମହାନ୍ତି, ଜ୍ୟୋସ୍ନାରାଣୀ ବସ୍ତିଆ, ପ୍ରସନ୍ନ ପତି, ଆର୍ତବନ୍ଧୁ ସେନାପତି, ପ୍ରଣବ ସ୍ୱାଇଁ, ସଚିଦାନନ୍ଦ ସାହୁ, ଅଜୟ ମିଶ୍ର, ସାମ୍ବାଦିକ ପ୍ରଶାନ୍ତ ସାହୁ, କୃଷ୍ଣଚନ୍ଦ୍ର ପାତ୍ର, ବିଶ୍ୱଜିତ ବେହେରା, ସୌମ୍ୟ ରଂଜନ ଦାଶଙ୍କ ସମେତ ହଜାର ହଜାର ଜନତା ସମାରୋହରେ ଯୋଗ ଦେଇଥିଲେ ।

## ଯୋଜନାବୋର୍ଡ ଅଧ୍ୟକ୍ଷ ହେଲେ ବିଧାୟକ ଉମା ଚରଣ ମଲ୍ଲିକ

କନ୍ଧମାଳ, ୧ /୪(ନିପ୍ର): ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ହେଲେ କନ୍ଧମାଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ । ବିଧାୟକ ମଲିକଙ୍କ କାର୍ଯ୍ୟ ଦକ୍ଷତା, ଲୋକ ସମ୍ପର୍କ, ସଚ୍ଚୋଟତା ଆଦିକୁ ଭିତ୍ତି କରି ସରକାର ବିଧାୟକ ଉମା ଚରଣ ମଲ୍ଲିକଙ୍କୁ ଏହି ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଛନ୍ତି । ତିରିଶଟି ଜିଲ୍ଲାରେ ତିରିଶ ବିଧାୟକଙ୍କୁ ଏହି ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଛନ୍ତି ସରକାର । ଫଳରେ ବିଧାୟକ ଉମା ଚରଣ ମଲ୍ଲିକ ରାଜ୍ୟ ମୁଖ୍ୟମନ୍ତ୍ରୀ, ରାଜ୍ୟ ବିଜେପି ସଭାପତି, କେନ୍ଦ୍ର ମନ୍ତ୍ରୀ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ ଏହି ଦାୟିତ୍ୱ କୁ ସୁଚାରୁରୂପେ ନିର୍ବାହ କରିବେ ବୋଲି କହିଛନ୍ତି ।



ଭୁବନେଶ୍ୱର: କମିଶନରେଟ୍ ପୋଲିସ୍ ପକ୍ଷରୁ ୯୧ତମ ଓଡ଼ିଶା ଆରକ୍ଷୀ ପ୍ରତିଷ୍ଠା ଦିବସ ପାଳନ (ଫଟୋ-ଦିନଲିପି)

## କୋଇଲା ପଠାଇ ନୂତନ ରେକର୍ଡ ସ୍ଥାପନ କରିଛି ଏମ୍‌ସିଏଲ



ସମ୍ବଲପୁର, ୧/୪(ନିପ୍ର): ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରି ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ୨୦୨୫-୨୬ ଆର୍ଥିକ ବର୍ଷରେ ୨୧୦.୭୫ ନିୟୁତ ଟନ୍ କୋଇଲା ପଠାଇ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ଏମସିଏଲ ଆର୍ଥିକ ବର୍ଷ ୨୦୨୫-୨୬ ରେ ପରିବେଶ ଅନୁକୂଳ ପୃଷ୍ଠ ଖଣି ମାଧ୍ୟମରେ ଏହାର ମୋଟ କୋଇଲା ଉତ୍ପାଦନର ୯୯.୪% ହାସଲ କରିଛି, ଗତ ଆର୍ଥିକ ବର୍ଷରେ ୩୨୬.୬୨୬ ନିୟୁତ ଘନ ମିଟର ଓଭରବର୍ଡେନ କ୍ଲିୟରାନ୍ସ ହାସଲ କରିଛି। ଏମସିଏଲ ନିକଟରେ ବର୍ତ୍ତମାନ ୪୩.୭୬ ନିୟୁତ ଟନ୍ କୋଇଲା ଗଚ୍ଛିତ ଅଛି, ଯାହା ଗ୍ରାହକଙ୍କୁ ପର୍ଯ୍ୟାପ୍ତ ଯୋଗାଣ ସୁନିଶ୍ଚିତ କରୁଛି।

## ପୂର୍ବତଟ ପୁଣି ଦେଶର ଏକ ନମ୍ବର ରେଳ ଜୋନ୍



ଭୁବନେଶ୍ୱର,୧/୪(ପିଆଇବି): ପୂର୍ବତଟ ରେଳପଥ ପୁଣି ଥରେ ଭାରତୀୟ ରେଳବାଇର ପ୍ରମୁଖ ପଣ୍ୟ ପରିବହନକାରୀ ଜୋନ୍ ଭାବେ ନିଜର ସ୍ଥାନକୁ ସୁଦୃଢ଼ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ୨୮୬.୩ ନିୟୁତ ଟନ୍‌ର ସର୍ବକାଳୀନ ସର୍ବାଧିକ ପଣ୍ୟ ପରିବହନ ହାସଲ କରିଛି। ପୂର୍ବବର୍ଷ ୨୦୨୪-୨୫ ଆର୍ଥିକ ବର୍ଷରେ ୨୫୯.୨୫ ନିୟୁତ ଟନ୍ ପରିବହନ ସହିତ ତୁଳନା କରିଲେ, ଏହା ପ୍ରାୟ ୨୭ ନିୟୁତ ଟନ୍ ଅଧିକ ଏବଂ ପ୍ରାୟ ୧୦.୪ ପ୍ରତିଶତ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ସଫଳତା ଜୋନ୍‌ର ନିରନ୍ତର ଅଭିବୃଦ୍ଧି ଏବଂ ପରିଚାଳନାଗତ ଉତ୍କର୍ଷକୁ ସ୍ପଷ୍ଟ କରୁଛି। ପଣ୍ୟ ପରିବହନରେ ବୃଦ୍ଧି ସହିତ, ଏହି ଜୋନ୍ ?ର ପଣ୍ୟ ପରିବହନ ଆୟରେ ମଧ୍ୟ ଯଥେଷ୍ଟ ବୃଦ୍ଧି ରେକର୍ଡ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବ ତଟ ରେଳପଥ ପଣ୍ୟ ପରିବହନରୁ ୨୯,୪୫୬.୬୦ କୋଟି ଆୟ କରିଥିବା ବେଳେ, ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଆୟ ୨୬,୬୯୧.୮୨ କୋଟି ଥିଲା। ଏହା ୧୦ ପ୍ରତିଶତରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ଦୃଢ଼ ଆର୍ଥିକ ପ୍ରଦର୍ଶନ ଭାରତୀୟ ରେଳବାଇର ପଣ୍ୟ ପରିବହନ କ୍ଷେତ୍ରରେ ଏହାର ଅଗ୍ରଣୀ ସ୍ଥାନକୁ ଆହୁରି ସୁଦୃଢ଼ କରିଛି।

## ଓଡ଼ିଶା ଦିବସରେ ପୁରସ୍କାର ପ୍ରଦାନ

**ପୁରୀ,୧/୪(ନିପ୍ର):** ବୁଧବାର ଅପରାହ୍ନରେ ପୁରୀ ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ସଂସ୍କୃତି ଭବନଠାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ କର୍ଯ୍ୟାଳୟ ପୁରୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆମେ ଦେଶ ବିଦେଶର ଯେଉଁଠି ଥିଲେ ମଧ୍ୟ ଆମ ଭାଷା, ସଂସ୍କୃତିକୁ ଭୁଲିବା ଉଚିତ ନୁହେଁ। ଆଗାମୀ ପିଢ଼ି ଏଥିପ୍ରତି ପ୍ରତିବଦ୍ଧ ହେବାକୁ ସେ ପରାମର୍ଶ ଦେବା ସହ ଆଜିର ଯୁବପିଢି ଆମ ପରମ୍ପରା ଓ ସଂସ୍କୃତି ସମ୍ପର୍କରେ ଜାଣିବା, ତାହାକୁ ଆଗକୁ ନେବା ପାଇଁ ପ୍ରଚେଷ୍ଟା କରିବାକୁ ସେ ପରାମର୍ଶ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୁରୀ ପୋଲିସ ସହାୟକ ହ୍ୱାଟ୍ସଆପ ଚାଟ୍‌ବଟ ଶୁଭାରମ୍ଭ

ପୁରୀ, ୧/୪(ନିପ୍ର): ପୁରୀ ଜିଲ୍ଲାରେ ନାଗରିକ ସେବାକୁ ଆହୁରି ସୁବିଧାଜନକ, ଦ୍ରୁତ ଏବଂ ଲୋକମୁଖୀ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ବୁଧବାର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଓ ପୁରୀ ଏସ. ପି.ପ୍ରତୀକ ସିଂହ, ଙ୍କ ନେତୃତ୍ୱରେ ପୁରୀ ପୋଲିସ ସହାୟକ ହ୍ୱାଟ୍ସଆପ ଚାଟବଟ ସେବାର ଶୁଭାରମ୍ଭ କରାଯାଇଛି। ଏହି ଆଧୁନିକ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପୁରୀ ପୋଲିସ ନାଗରିକ ଓ ପର୍ଯ୍ୟଟକମାନଙ୍କୁ ୨୪ଘଣ୍ଟା ଆଧାରରେ ସହଜ ଏବଂ ତୁରନ୍ତ ସେବା ପ୍ରଦାନ କରିବ। ସମସ୍ତେ କେବଳ ହ୍ୱାଟ୍ସଆପ ମାଧ୍ୟମରେ ଏହି ସେବାକୁ ଉପଭୋଗ କରିପାରିବେ। କ୍ୟୁଆର କୋଡ଼ ସ୍କାନ କରି କିମ୍ବା +୯୧ ୮୭୬୩୧୯୯୪୦୦ ନମ୍ବରକୁ ହାଏ ମେସେଜ୍ ପଠାଇ ଏହି ସେବାରେ ସଂଯୁକ୍ତ ହୋଇପାରିବେ।

## ବିକଶିତ ଓଡିଶା ପାଇଁ ସହରାଞ୍ଚଳ ଜମି ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୧/୪(ନିପ୍ର): ସୁନିୟନ୍ତ୍ରିତ ଓ ସ୍ଥାୟୀ ସହରୀକରଣର ଭିତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଖାରବେଳ ଭବନଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହରାଂଚଳ ଜମି ପରିଚାଳନା ଉପରେ ଏକ ଉଚ୍ଚସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । 'ବିକଶିତ ଓଡ଼ିଶା' ଗଠନ ଦିଗରେ ଜମି ଏକ ରଣନୈତିକ ସମ୍ବଳ ଭାବେ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିବ, ସେ ନେଇ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏହି ଅବସରରେ ଅବସର ପ୍ରାପ୍ତ ଆଇଏଏସ୍ ଅଧିକାରୀ ହରିବଲ୍ଲଭ ମିଶ୍ର ନିଜର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ଆଧାରରେ ସହରାଂଚଳ ଜମି ପରିଚାଳନାର ଆଇନଗତ, ପ୍ରଶାସନିକ ଏବଂ ନୀତିଗତ ଦିଗଗୁଡ଼ିକ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ ତଥା ଇଡକ୍ଟୋର ଅଧ୍ୟକ୍ଷା ଉଷା ପାଢ଼ୀ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସୂଚନା ଦେଇ କହିଥିଲେ ଯେ, ଭବିଷ୍ୟତ ପାଇଁ ପ୍ରସ୍ତୁତ ତଥା ସ୍ଥାୟୀ ସହର ଗଠନ କରିବା ଏବଂ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସାକାର କରିବା ପାଇଁ ସୁଚିନ୍ତିତ ଓ ରଣନୈତିକ ଜମି ପରିଚାଳନା ଅପରିହାର୍ଯ୍ୟ। ସହରାଂଚଳର ଜମି ସମ୍ପତିକୁ ସମ୍ପୂର୍ଣ୍ଣ ରୂପେ ବିନିଯୋଗ କରିବା ପାଇଁ ବିଭିନ୍ନ ଶ୍ରେଣୀର ଜମି, ନିୟାମକ ବ୍ୟବସ୍ଥା ଏବଂ 'ଲ୍ୟାଣ୍ଡ ଭାଲ୍ୟୁ କ୍ୟାପଚର' ଭଳି ଅଭିନବ କୌଶଳ ବିଷୟରେ ଗଭୀର ଜ୍ଞାନ ଆହରଣ କରିବାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ। ଦ୍ରୁତ ସହରୀକରଣ ପରିପ୍ରେକ୍ଷୀରେ ଓଡ଼ିଶାରେ ଥିବା ବିଭିନ୍ନ ବର୍ଗର ଜମି ଯଥା— ନଜୁଲ, ଖାସମହଲ, ସରକାରୀ ଖାସ ଦଖଲ (ଜିକେପିବି) ଏବଂ ଲିଜ୍ ହୋଲ୍ଡ ମାମଲାଗୁଡ଼ିକର ସର୍ବୋତମ ବିନିଯୋଗ ଉପରେ ଏହି ଅଧିବେଶନରେ ଆଲୋଚନା ହୋଇଥିଲା। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସମସ୍ତ ଅତିରିକ୍ତ ସଚିବ ଏବଂ ବିଭାଗର ବରିଷ୍ଠ ପଦାଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ମ୍ୟୁନିସିପାଲ କମିଶନର ଏବଂ ରାଜସ୍ୱ ଓ ସାଧାରଣ ପ୍ରଶାସନ ବିଭାଗର ଅଧିକାରୀମାନେ ଆଭାସୀ ମାଧ୍ୟମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶ୍ରୀ ମିଶ୍ର ଜମି ପରିଚାଳନାର ଆଇନଗତ ଓ ପ୍ରଶାସନିକ ଦିଗ ଉପରେ ବାସ୍ତବବାଦୀ ଅଭିଜ୍ଞତା ବାଂଟିବା ସହ ପୁରାତନ ଜମି ବର୍ଗୀକରଣରେ ସ୍ୱଚ୍ଛତା ଏବଂ ପରିବର୍ତିତ ନୀତିଗତ ଢାଞ୍ଚା ଉପରେ ଜୋର ଦେଇଥିଲେ। ଏହି ଆଲୋଚନା ଚକ୍ରରେ 'ଲ୍ୟାଣ୍ଡ ଭାଲ୍ୟୁ କ୍ୟାପଚର'କୁ ସହରାଂଚଳ ଭିତିଭୂମି ପାଇଁ ଏକ ସ୍ଥାୟୀ ଆର୍ଥିକ ସମ୍ବଳ ଭାବେ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

**ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର**

**ବିଜ୍ଞାପନ**

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, "କଲ୍ଲୋଳ-୨୦୨୬" ଏପ୍ରିଲ ମାସ ୧ ତାରିଖଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ ମହାସମାରୋହରେ ପାଳନ କରାଯାଉଛି। ପ୍ରତିଦିନ ସଂଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି।

ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ